


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୫୭ ● ୭ ଜୁଲାଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-157 ● 7th July 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ରଥଯାତ୍ରା ନେଇ ସ୍ୱତନ୍ତ୍ର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ : ସମନ୍ୱୟ ଉପରେ ଗୁରୁତ୍ୱ

ପୁରୀ/ଭୁବନେଶ୍ୱର, ୬।୭

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପୁରୀ ଟାଉନ ହଲ୍ ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା– ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକ ବନ୍ଧୁମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର। ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡିଶା ଓ ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ। ଏହି *(ପୃଷ୍ଠା ୭ରେ)*




### ‘କର୍ଡନ ପାସ୍’ ପାଇଁ କଟକଣା ଜାରି

ପୁରୀ, ୬।୭ : ନ୍ୟୁଜ୍ ବ୍ୟୁରୋ

"ନିୟମ ଅନୁସାରେ ଯେତିକି କର୍ଡନ ପାସ୍ ଦରକାର କେବଳ ସେତିକି ହିଁ ଜାରି କରାଯାଉ। ଗୋଟିଏ ବି ଅଧିକ କର୍ଡନ ପାସ୍ ଦିଆନଯାଉ। କେବଳ ମହାପ୍ରଭୁଙ୍କ ନିତିକାନ୍ତି ସହ ସମ୍ପୃକ୍ତ ସେବକ ଓ ନିୟୋଜିତ ଅଧିକାରୀମାନଙ୍କ ବ୍ୟତୀତ ଅନ୍ୟ କୌଣସି ବାହାରର ବ୍ୟକ୍ତିଙ୍କୁ ଏହି ପାସ୍ ମିଳିବ ନାହିଁ।" ରଥଯାତ୍ରାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁରୀ ଜିଲ୍ଲାପାଳଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ।

କର୍ଡନ ପାସ୍ ଇସ୍ୟୁ କରିବା ଓ ରଥ ନିକଟରେ ଅନାବଶ୍ୟକ ଭିଡ଼କୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ବାହିନୀକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କେବଳ ମହାପ୍ରଭୁଙ୍କ ନିତିକାନ୍ତି ସହ ସମ୍ପୃକ୍ତ ଥିବା ସେବକ, ନିୟୋଜିତ ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବାହାର ବ୍ୟକ୍ତିଙ୍କୁ ଏହି ପାସ୍ ମିଳିବ ନାହିଁ।ଯଦି କୌଣସି ଅନଧିକୃତ ବ୍ୟକ୍ତି କିମ୍ବା ବାହାର ବ୍ୟକ୍ତି କର୍ଡନ ଭିତରେ ପ୍ରବେଶ କରିଥିବେ ତାଙ୍କୁ ସସମ୍ମାନେ କର୍ଡନରୁ ବାହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ଇଣ୍ଡୋନେସିଆରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

## ବିମାନ ବନ୍ଦରରେ ସ୍ୱାଗତ ଜଣାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୬।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ୬ ଦିନିଆ ତିନି-ଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଇଣ୍ଡୋନେସିଆରେ ପହଞ୍ଚିଛନ୍ତି। ଇଣ୍ଡୋନେସିଆରେ ପହଞ୍ଚିବା ପରେ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋ ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ।

ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆରେ ପହଞ୍ଚିବା ପରେ ବିମାନବନ୍ଦରରେ ତାଙ୍କ ସମ୍ମାନରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଉପସ୍ଥାପିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଦେଖିଥିଲେ। ରାଷ୍ଟ୍ରପତିଙ୍କ ବ୍ୟତୀତ, ବୈଦେଶିକ ବ୍ୟାପାର ମନ୍ତ୍ରୀ, ସଚିବାଳୟ ମନ୍ତ୍ରୀ ଏବଂ କ୍ୟାବିନେଟ ସଚିବଙ୍କ ସମେତ ଅନ୍ୟ ଚାରି ଜଣ ମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱାଗତ ସମାରୋହରେ ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୬ରୁ ୧୧ ପର୍ଯ୍ୟନ୍ତ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡକୁ ତିନି-ଦେଶ ଗସ୍ତରେ ଅଛନ୍ତି। ଇଣ୍ଡୋନେସିଆରେ ସେ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ଭାଗିଦାରୀର ଅଗ୍ରଗତିର ସମୀକ୍ଷା କରିବେ। ସେ ଭାରତୀୟ ସମୁଦାୟଙ୍କୁ ମଧ୍ୟ ଭେଟିବେ ଏବଂ ଯୋଗକର୍ତ୍ତା ଠାରେ ଥିବା ପ୍ରସିଦ୍ଧ ପ୍ରମ୍ବନନ୍ ମନ୍ଦିର ପରିସର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ଇଣ୍ଡୋନେସିଆ ପରେ ସେ ଅଷ୍ଟ୍ରେଲିଆ ଗସ୍ତ କରିବେ ଯେଉଁ ଠାରେ ସେ ମେଲବୋର୍ଣ୍ଣରେ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍‌ଙ୍କ ସହ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ, ନିବେଶ, ଶିକ୍ଷା ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଲୋଚନା କରିବେ। ସେ ସେଠାରେ ଭାରତୀୟ ସମୁଦାୟଙ୍କ ସହ ମଧ୍ୟ ମତ ବିନିମୟ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବେ, ଯେଉଁଠାରେ ସେ ଆର୍ଥିକ, ବାଣିଜ୍ୟ ଏବଂ ବାଣିଜ୍ୟିକ ସମ୍ପର୍କକୁ ଆହୁରି ଉନ୍ନତ କରିବା ପାଇଁ ଅକଲ୍ୟାଣ୍ଡରେ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ଅଗ୍ନିବୀର ନିଯୁକ୍ତି ପାଇଁ ନୂଆ ନିୟମ

ନୂଆଦିଲ୍ଲୀ, ୬।୭

ଭାରତୀୟ ସେନା, ବାୟୁସେନା ଏବଂ ନୌସେନାରେ ଯୋଗ ଦେଇ ଦେଶ ସେବା କରିବାକୁ ଚାହୁଁଥିବା ଯୁବକମାନଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଅଗ୍ନିବୀର ନିଯୁକ୍ତି ପାଇଁ ନିୟମ ପରିବର୍ତ୍ତନ ହେବାକୁ ଯାଉଛି ଏବଂ ଅଗ୍ନିବୀରମାନେ ଖୁସି ଖବର ପାଇବାକୁ ଯାଉଛନ୍ତି। ସେନା, ବାୟୁସେନା ଏବଂ ନୌସେନା କେନ୍ଦ୍ର ସରକାରଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ସେନା, ବାୟୁସେନା ଏବଂ ନୌସେନା ଚାରି ବର୍ଷ ପରେ ସ୍ଥାୟୀ ହେଉଥିବା ଅଗ୍ନିବୀରଙ୍କ ସଂଖ୍ୟା ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ, କେବଳ ୨୫ ପ୍ରତିଶତ ଅଗ୍ନିବୀର ନିୟମିତ, କିନ୍ତୁ ଯଦି ପ୍ରସ୍ତାବକୁ ମଞ୍ଜୁର କରାଯାଏ, ତେବେ ସେନା ଏବଂ ବାୟୁସେନାରେ ୫୦ ପ୍ରତିଶତ ଅଗ୍ନିବୀର ଏବଂ ନୌସେନାରେ ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ସ୍ଥାୟୀ କରାଯିବ।

କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ଏହି ପ୍ରସ୍ତାବକୁ ଅନୁମୋଦନ କରିନାହାଁନ୍ତି, କିନ୍ତୁ ଯଦି ଅନୁମୋଦନ କରାଯାଏ, ତେବେ ଏହି ବର୍ଷ ତାଲିମ ସମାପ୍ତ କରୁଥିବା ୨୦୨୩ ବ୍ୟାଚର ଅଗ୍ନିବୀର ସୈନିକମାନେ ମଧ୍ୟ ଉପକୃତ ହୋଇପାରିବେ। ନୌସେନା ସର୍ବାଧିକ ୨୫ ସୈନିକଙ୍କ ପରିବର୍ତ୍ତେ ୭୫ ପ୍ରତିଶତ ସୈନିକଙ୍କୁ ସ୍ଥାୟୀ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛି।



ଯୋଜନା ୨୦୨୩ ମସିହାରେ ଆରମ୍ଭ ହୋଇଥିଲା, ଯାହା ଅଧୀନରେ ଅଗ୍ନିବୀରମାନଙ୍କୁ ନିଯୁକ୍ତି ଦିଆଯାଇ ଚାରି ବର୍ଷ ପାଇଁ ସେବା କରିବାକୁ ନିୟମ ରହିଥିଲା। ଆଲୋଚନା ହେଉଛି ଯେ ଯଦି ୨୫ ପ୍ରତିଶତ କୋଟା ବୃଦ୍ଧି କରାନଯାଏ, ତେବେ କିଛି ୟୁନିଟରେ ବର୍ତ୍ତମାନ କାର୍ଯ୍ୟରତ ୨୫ ପ୍ରତିଶତରୁ ଅଧିକ ଅଗ୍ନିବୀରଙ୍କୁ ନିଯୁକ୍ତି ଦିଆଯାଇପାରିବ।

ସୂତ୍ର ସୂଚିତ କରୁଛି ଯେ ୨୦୨୫ ରେ ସଶସ୍ତ୍ର ବାହିନୀର ତିନୋଟି ଶାଖାରେ ପ୍ରାୟ ୭୦,୦୦୦ ଅଗ୍ନିବୀରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ଖାଲି ପଦବୀକୁ ଆସନ୍ତା ବର୍ଷ ୯୦,୦୦୦କୁ ବୃଦ୍ଧି କରିବା ପାଇଁ ଯୋଜନା ଚାଲିଛି। ସଶସ୍ତ୍ର ବାହିନୀରେ ୧.୮ ଲକ୍ଷ ସୈନିକଙ୍କ ଅଭାବ ପୂରଣ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଏହା ଦେଶବ୍ୟାପୀ ଯୁବପିଢ଼ିଙ୍କ ଦେଶ ସେବା କରିବାର ସ୍ୱପ୍ନ ପୂରଣ କରିବ।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ୨୦୨୨ରେ ଅଗ୍ନିପଥ ଯୋଜନା ଆରମ୍ଭ କରିଥିଲେ, ଯାହା ଅଧୀନରେ ୨୦୨୩ ରେ ପ୍ରଥମ ବ୍ୟାଚ୍ ନିଯୁକ୍ତି କରାଯାଇଥିଲା। ଅଗ୍ନିବୀର ନିଯୁକ୍ତି ଯୁବକମାନଙ୍କୁ ଭାରତୀୟ ସେନା, ନୌସେନା ଏବଂ ବାୟୁସେନାରେ ଚାରି ବର୍ଷ ପାଇଁ ନିଯୁକ୍ତି ଦିଏ। ଚାରି ବର୍ଷ ଚାକିରି ପରେ, ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ରଖାଯାଇଥାଏ। ନିଯୁକ୍ତି ପ୍ରକ୍ରିୟା ସରକାରୀ ୱେବସାଇଟରେ ଅନଲାଇନ୍ ଆବେଦନ ସହିତ ଆରମ୍ଭ ହୁଏ।

## ୯ରେ ଖୋଲିବ ହୀରାକୁଦ ଗେଟ୍

ସମ୍ବଲପୁର, ୬।୭ : ନ୍ୟୁଜ୍ ବ୍ୟୁରୋ

ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦ ଡ୍ୟାମର ଜଳସ୍ତର ବଢ଼ିବାରେ ଲାଗିଛି। ଜଳଭଣ୍ଡାର ଉତ୍ତମ ପରିଚାଳନା ପାଇଁ ଆସନ୍ତା ୯ ତାରିଖ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ୟୁକ୍ରେନର ରାଜଧାନୀ କିଭ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କଲା ରୁଷିଆ।
- ଦିଲ୍ଲୀରେ ବଡ଼ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ର ବିଫଳ : ଶାହଜାଦ ଭଟ୍ଟି ନେଟୱାର୍କର ୬ ଜଣ କାର୍ଯ୍ୟକର୍ତ୍ତା ଗିରଫ।
- ମଧ୍ୟପ୍ରଦେଶର ସେହୋରେ ବୋଲେରୋ ସହ ଟ୍ରକ୍ ଧକ୍କାରେ ୫ ମୃତ, ୪ ଗୁରୁତର।
- ଛଅଟି ଦେଶର ରାଷ୍ଟ୍ରଦୂତ ଏବଂ ହାଇ କମିଶନରଙ୍କ ପରିଚୟ ପତ୍ର ସ୍ୱୀକାର କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ସାରା ଦେଶରେ ଶ୍ରେଷ୍ଠ ୧୦ ମେଡିକାଲ କଲେଜ ମଧ୍ୟରେ ସ୍ଥାନ ପାଇଲା ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, ୬।୭

ନ୍ୟୁଜ୍ ବ୍ୟୁରୋ

ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ୨୦୨୬ ସର୍ଭେ ରିପୋର୍ଟରେ ସମଗ୍ର ଦେଶରେ ଦଶମ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ଉନ୍ନତ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି।

ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ‘ଇଣ୍ଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ’,



‘ଏକାଡେମିକ ଉତ୍କର୍ଷତା’, ‘ଭିତ୍ତିଭୂମି ଏବଂ ଅଭିଜ୍ଞତା’, ‘ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ’, ‘ବୃତ୍ତିଗତ ଉନ୍ନତି ଏବଂ ପ୍ଲେସମେଣ୍ଟ’ ଆଦି ଭଳି ପାଞ୍ଚଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି ।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ର୍ୟାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।’

୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୬ ରେ ଏହି ସୂଚୀରେ ୧୦ମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର *(ପୃଷ୍ଠା ୭ରେ)*

## ଅବପାତ ପ୍ରଭାବରେ ପ୍ରବଳ ବର୍ଷା ସମ୍ଭାବନା : ୮ଟି ଜିଲ୍ଲାକୁ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୬।୭

ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଉପରେ ସୃଷ୍ଟି ହୋଇଛି ଅବପାତ। ଆଗାମୀ ୨୪ ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡଖଣ୍ଡ ଏବଂ ଉତ୍ତର ଛତିଶଗଡ ମଧ୍ୟ ଦେଇ ଗତି କରିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଫଳରେ ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବା ସହିତ ୩୦ ରୁ ୪୦ *(ପୃଷ୍ଠା ୭ରେ)*

# ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଦ୍ୱାରା ନୂତନ ଦୁଇଟି ଟ୍ରେନ୍‌ର ଶୁଭାରମ୍ଭ



ଭୁବନେଶ୍ୱର, ୬।୭ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ଯାତ୍ରୀ ସେବାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ପୁରୀ ରେଳ ଷ୍ଟେସନରୁ ‘ପୁରୀ-କୋରାପୁଟ ଏକ୍ସପ୍ରେସ ଉଦଘାଟନୀ ସ୍ପେଶାଲ ଏବଂ ବ୍ରହ୍ମପୁର ରେଳ ଷ୍ଟେସନରୁ ‘ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି। ବ୍ରହ୍ମପୁର-ଉଧନା ଟ୍ରେନ ଏବେ ସପ୍ତାହକୁ ତିନିଥର ବଦଳରେ ଦୈନିକ ଚଳାଚଳ କରିବ।

ଏହାଛଡ଼ା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ସ୍ଥିତ ରେଳ ସଦନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନାନ୍ଦେଡ-ମୁମ୍ବାଇ ଏବଂ ତାନକପୁର-ନାନ୍ଦେଡ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିଥିଲେ। *(ପୃଷ୍ଠା ୭ରେ)*




## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୬୨ (-୧୧)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୪୪୦ (-୧୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧, ୯୯୭ (-୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (-୫)

## ଏକାଳ ପଖାଳ



ଚାରିଆଡେ ବର୍ଷା ବେହାଲ ହେଲେ
ଭୁବନେଶ୍ୱରକୁ ଦେଖ
ଡ୍ରେନେଜ୍ ବ୍ୟବସ୍ଥା ଏଡେ ସୁନ୍ଦରିଆ
ଛଟପଟ ଖାଲି ଲୋକ
ଟିକେ ପାଣିରେ ବୁଡ଼ଇ ଚୋକ
ରାଜଧାନୀରେ ସବୁ ନେତା ମନ୍ତ୍ରୀ
କିନ୍ତୁ ପଡେ ନାହିଁ ଫର୍କ।

# ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ଓଡ଼ିଶାର ଆର୍ଥିକ ପ୍ରଗତିକୁ ମିଳିଲା ସ୍ୱୀକୃତି




ନୂଆଦିଲ୍ଲୀ, ୬।୭

ସମଗ୍ର ଭାରତ ଏବେ ବିଶ୍ୱ ବ୍ୟାଙ୍କର ‘ନିମ୍ନ-ମଧ୍ୟମ ଆୟ’ ଶ୍ରେଣୀରେ ରହିଥିବା ବେଳେ, ଦେଶର ୫ଟି ରାଜ୍ୟ ଏହି ସୀମା ପାର୍ କରି ‘ଉଚ୍ଚ-ମଧ୍ୟମ ଆୟ’ ଶ୍ରେଣୀରେ ସାମିଲ ହୋଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ବିଗତ ତିନି ଦଶନ୍ଧି ମଧ୍ୟରେ ଓଡ଼ିଶାର ବଡ଼ ଆର୍ଥିକ ରୂପାନ୍ତରଣ ହୋଇଛି। ଦିନେ ଉତ୍ତରପ୍ରଦେଶ ସହ ସମାନ ସ୍ତରରେ ଥିବା ଓଡ଼ିଶାର ମୁଣ୍ଡପିଛା ଆୟ, ଏବେ ଉତ୍ତରପ୍ରଦେଶ ତୁଳନାରେ ୭୫ ପ୍ରତିଶତ ଅଧିକ ରହିଛି।

ରିପୋର୍ଟ ଅନୁଯାୟୀ, ବିଶ୍ୱ ବ୍ୟାଙ୍କର ନୂତନ ମାପଦଣ୍ଡ ଆଧାରରେ ଭାରତର ମୁଣ୍ଡପିଛା ଆୟ ୨,୭୬୦ ଡଲାର ରହିଛି। କିନ୍ତୁ ଦେଶର ୫ଟି ପ୍ରମୁଖ ରାଜ୍ୟ ବିଶ୍ୱ ବ୍ୟାଙ୍କର ଉଚ୍ଚ-ମଧ୍ୟମ ଆୟ ସୀମା (୪,୬୩୬ ଡଲାର) କୁ ସହଜରେ ପାର୍ କରିଯାଇଛନ୍ତି। ଏହି ତାଲିକାର ଶୀର୍ଷରେ ରହିଛି ଦିଲ୍ଲୀ, ଯାହାର ମୁଣ୍ଡପିଛା ଆୟ ୬,୨୧୭ ଡଲାର। ଏହା ପଛକୁ କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ ଏବଂ ଗୁଜରାଟ ରହିଛନ୍ତି। ସେହିପରି ମହାରାଷ୍ଟ୍ର, ହରିଆଣା ଏବଂ କେରଳ ଅତି ସାମାନ୍ୟ ବ୍ୟବଧାନରେ ଏହି ସୀମାରୁ ବଞ୍ଚିତ ହୋଇଛନ୍ତି।

ରିପୋର୍ଟ ଅନୁସାରେ *(ପୃଷ୍ଠା ୭ରେ)*

## ଚାକିରିରୁ ଅଚାନକ ଇସ୍ତଫା ଦେଲେ ଭୁବନେଶ୍ୱର ଡିସିପି : କାରଣ ଅସ୍ପଷ୍ଟ

ଭୁବନେଶ୍ୱର, ୬।୭

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା କ୍ୟାଡର ଆଇପିଏଲ୍ ଅଫିସର ତଥା ଭୁବନେଶ୍ୱର ଡେପୁଟି କମିଶନର ଅଫ୍ ପୋଲିସ(ଡିସିପି) ଜଗମୋହନ ମୀନା ଚାକିରିରୁ ଇସ୍ତଫା ଦେଇଛନ୍ତି। ତେବେ ତାଙ୍କ ଇସ୍ତଫାର କାରଣ ଅସ୍ପଷ୍ଟ ରହିଛି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା କଥା କହିଥିବା ବେଳେ ପ୍ରକୃତ ପକ୍ଷରେ ଏହି ଇସ୍ତଫା ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି କୁହାଯାଉଛି। ୨୦୧୩ ବ୍ୟାଚର ଆଇପିଏସ୍ ଅଫିସର ଜଗମୋହନ ମୀନା ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟଭାର



ଗ୍ରହଣ କରିବା ପୂର୍ବରୁ କଟକ ଡିସିପି ଭାବେ କାର୍ଯ୍ୟକରିଥିଲେ। ଏହାଛଡା ଶ୍ରୀ ମୀନା ଅନୁଗୋଳ ଏବଂ ଗଞ୍ଜାମ ଏସ୍‌ପି ଭାବେ ମଧ୍ୟ ଦକ୍ଷତାର ସହ କାମ କରିଥିଲେ। ୨୦୨୫ ଫେବୃୟାରୀ ୨୮ରେ ସେ *(ପୃଷ୍ଠା ୭ରେ)*



# ଘନ ଅନ୍ଧାରରେ ୧୬ନଂ ଜାତୀୟ ରାଜପଥ: ବଢ଼ୁଛି ଦୁର୍ଘଟଣା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସଞ୍ଜ ନଇଁଲେ ୧୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନ ଅନ୍ଧାରରେ ବୁଡ଼ିଯାଉଛି । ରାସ୍ତା ମଝିରେ ଓ ପାଶ୍ୱର୍ରେ ଲଗାଯାଇଥିବା ଶତାଧିକ ଏଲଇଡ଼ି ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘ ଦିନ ଧରି ଅଚଳ ପଡ଼ିଥିବାରୁ ରାତିରେ ଯାତାୟତ ବିପଦପୂର୍ଣ୍ଣ ହୋଇପଡ଼ିଛି । ଫଳରେ ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରୁଥିବା ଏହି ରାଜପଥରେ ଦୁର୍ଘଟଣାର ଆଶଙ୍କା ବଢ଼ି ଚାଲିଛି । ବିଭିନ୍ନ ସମୟରେ ରାସ୍ତାରେ ବୁଲୁଥିବା ଗାଈମାନଙ୍କୁ ଗାଡ଼ି ଗୁଡ଼ିକ ଧକ୍କା ଦେଇ ଥିବାର ନଜର ରହିଛି । ବ୍ରହ୍ମପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ଏହା ବିଶାଖାପାଟଣା ଠାରୁ ଭୁବନେଶ୍ୱରକୁ ସଂଯୋଗ କରିଛି । ଏହି ଜାତୀୟ ରାଜପଥ ବ୍ରହ୍ମପୁର ସହର ଗୋସାଇଁ ନୂଆଗାଁ, ଲାଞ୍ଜିପଲ୍ଲୀ, ଆଙ୍କୁଲି, କମାପଲ୍ଲୀ ଓ ଆମ୍ବପୁଆ ଭଳି ବିଭିନ୍ନ ଛକ ଦେଇ ଗତି କରୁଛି । ସେହିପରି ଏହି ଛକଗୁଡ଼ିକ ସିଧାସଳଖ ରାଜପଥ ଠାରୁ ସହର ମଧ୍ୟରୁ ସଂଯୋଗ କରିଛି । ଫଳରେ ପ୍ରତିଦିନ ସହର ମଧ୍ୟରୁ ରାଜପଥକୁ ଏବଂ ରାଜପଥ ଠାରୁ ସହର ଭିତରକୁ ଶତାଧିକ ଗାଡ଼ି ଯାତାୟତ କରୁଛନ୍ତି । ସେହିଭଳି ଜାତୀୟ ରାଜପଥରେ ପ୍ରତିଦିନ ବିଭିନ୍ନ ବର୍ଗର ଗାଡ଼ି ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ରାସ୍ତା ଦେଇ ଯାତାୟତ କରିଥାଏ । ଯାତ୍ରୀଙ୍କ ସୁରକ୍ଷା ସମେତ ରାଜପଥରେ ଦୁର୍ଘଟଣା ରୋକିବା ନିମନ୍ତେ ରାସ୍ତା ମଝି ଓ ପାଶ୍ୱର୍ରେ ଶତାଧିକ ଏଲଇଡ଼ି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି । ଏଥିନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି । ରାସ୍ତାରେ ଲାଗିଥିବା ଏଲ୍ଇଡ଼ି ଲାଇଟ୍‌ର ରକ୍ଷଣାବେକ୍ଷଣ ନିମନ୍ତେ ଜାତୀୟ



ରାଜପଥ ପ୍ରାଧିକରଣର ଦାୟିତ୍ୱ ରହିଛି । ଏଭଳି ଭାବେ ରାଜପଥର ଆଲୋକୀକରଣ ଓ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବା ସତ୍ୱେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି । ଅଧିକାଂଶ ସ୍ଥାନରେ ଲାଇଟ୍ ବନ୍ଦ ରହିଥିବା ବେଳେ ସମସ୍ୟା ସମାଧାନ ନିମନ୍ତେ ବିଭିନ୍ନ ସମୟରେ ଦାବି ହୋଇଛି । ଏହାପରେ ମଧ୍ୟ ସମସ୍ୟା ସମାଧାନ ନହେବାରୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରାଧିକରଣର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ଧାର ଯୋଗୁଁ ରାତିରେ ରାସ୍ତା ପାର ହେବା ଏବଂ ଯାନ ଚଳାଚଳ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି । ବିଶେଷ କରି ବର୍ଷା ସମୟରେ ଦୃଶ୍ୟମାନତା କମିଯାଉଥିବାରୁ ଦୁର୍ଘଟଣାର ସମ୍ଭାବନା ଆହୁରି ବଢ଼ିଯାଉଛି । ବାରମ୍ବାର ଅଭିଯୋଗ ଓ ଦାବି ସତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଚଳ ଲାଇଟ୍ ଗୁଡ଼ିକୁ ତୁରନ୍ତ ବଦଳାଇବା ସହ ନିୟମିତ ରକ୍ଷଣାବେକ୍ଷଣ କରିବାକୁ ବିଭିନ୍ନ ସାମାଜିକ ସଙ୍ଗଠନ, ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି । ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ସମାଧାନ କଲେ ରାତ୍ରିକାଳୀନ ଦୁର୍ଘଟଣା ହ୍ରାସ ପାଇବା ସହ ଯାତ୍ରୀମାନେ ନିରାପଦ ଯାତାୟତର ସୁବିଧା ପାଇପାରିବେ । ଏଥି ପ୍ରତି ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ଆବାସ ଯୋଜନା ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ

**ସମ୍ବଲପୁର , ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରୀ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟକ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶ୍ରୀଯୁକ୍ତ ଜିତେନ୍ଦ୍ର ହରିପାଲଙ୍କୁ ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନ ତରଫରୁ ନୂତନ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ବିଶିଷ୍ଟ ଲୋକକଳାକାର ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ନିଜ ବାସଗୃହ ନିର୍ମାଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସହାୟତା ପାଇଁ ନିବେଦନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ପିଏମ୍ ଆବାସ ଯୋଜନା ୨.୦ ଅଧୀନରେ ଗୃହ ନିର୍ମାଣ ପାଇଁ ସହାୟତା ମଞ୍ଜୁର କରାଯାଇଛି ।ବିଶିଷ୍ଟ କଳାକାରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ସହ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ବାସଗୃହ ପ୍ରଦାନ କରିବା ପ୍ରତି ରାଜ୍ୟ ସରକାରଙ୍କ ଅଙ୍ଗୀକାରର ଏହା ଏକ ଉଜ୍ଜ୍ୱଳ ଉଦାହରଣ । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ୨.୦ ମାଧ୍ୟମରେ ତାଙ୍କୁ ଏହି ଗୃହ ନିର୍ମାଣ ସୁବିଧା ଯୋଗାଇ ଦିଆଯାଇଛି । ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିଜ କାର୍ଯ୍ୟାଳୟରେ ପଦ୍ମଶ୍ରୀ ଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ସାକ୍ଷାତ କରି ଏହି ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି । ହିତାଧିକାରୀ ଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ନୂତନ ଗୃହ ନିର୍ମାଣ ପାଇଁ ସର୍ବମୋଟ ୨,୫୦,୦୦୦/- ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ସମ୍ବଲପୁର ମହାନଗର ନିଗମ ଅଧୀନରେ ଏହି କାର୍ଯ୍ୟାଦେଶ ମଞ୍ଜୁର କରାଯାଇଛି ।ଜିଲ୍ଲା



ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ଆବଶ୍ୟକ ସମସ୍ତ ସହଯୋଗ ପ୍ରଦାନ କରାଯିବ । କଳା ଏବଂ ସଂସ୍କୃତି କ୍ଷେତ୍ରରେ, ବିଶେଷ କରି ଲୋକପ୍ରିୟ ଗୀତ ରଙ୍ଗବତୀ ମାଧ୍ୟମରେ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ପରିଚିତ କରାଇଥିବା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ସମ୍ମାନ ଜଣାଇବା ସହ ତାଙ୍କୁ ଏକ ସୁରକ୍ଷିତ ପକ୍କା ଘର ଯୋଗାଇଦେବା ଦିଗରେ ରାଜ୍ୟ ସରକାରଙ୍କ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ସମ୍ବଲପୁର ଶିକ୍ଷା ଜିଲ୍ଲା ଉପ ବିଭାଗ ଅଧିକାରୀଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ରେ କାର୍ଯ୍ୟରତ ଉପ ବିଭାଗ ଅଧିକାରୀ ପ୍ରହଲ୍ଲାଦ ରୋହିଦାସ ଅବସର ଗ୍ରହଣ କରିଛନ୍ତି ।ଦୀର୍ଘ ୩୭ବର୍ଷ ଧରି କାର୍ଯ୍ୟ କରିବା ପରେ ସେ ସରକାରୀ ଚାକିରୀ ରୁ ଗତ ଜୁନ ୩୦ତାରିଖ ଦିନ ଅବସର ନେଇଛନ୍ତି ।ଏହି ଅବସରରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧକ୍ଷତାରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଶ୍ରୀ ରୋହିଦାସ ଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା ।ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ତାଙ୍କର ଉଦାରତା ମନୋଭାବ, ନମ୍ରତା, ସରଳତା ସମୟାନୁବର୍ତ୍ତିତା ଏବଂ ସହଯୋଗ ମନୋବୃତ୍ତି କୁ ସମସ୍ତେ ପ୍ରଶଂସା କରିଥିଲେ ।ଏହି ସଭାରେ ଅତିରିକ୍ତ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ଓ ସତ୍ୟବ୍ରତ ସାହୁ, ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀ ବେହେରା, ସିନ୍ଦୁରପଙ୍କ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପାର୍ଥ ସାରଥୀ ପ୍ରଧାନ, ନାକଟିଦେଉଳ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ବିଜୟ ପାତ୍ର,ସମ୍ବଲପୁର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ, ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ, କର୍ମଚାରୀ,ଲପଙ୍ଗା ଉଚ୍ଚତର ବିଦ୍ୟାଳୟ ର ଭାରପ୍ରାପ୍ତ ଅଧକ୍ଷ ମନୋଜ ନାୟକ, ମାନେଶ୍ୱର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ଅନୁସୂଚିତ ଜାତି ଜନଜାତି କର୍ମଚାରୀ ସମନ୍ୱୟ ସମିତି,ଧନକଉଡ଼ା ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ର କର୍ମଚାରୀ ଆର୍ତ୍ତତ୍ରାଣ ମିର୍ଦ୍ଧା, ମାନେଶ୍ୱର ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯାଳୟ ର ସହିଦ ହୁସେନ ଓ ସଞ୍ଜୟ ଦେହୁରୀ ୨୦୨୪ମସିହା ରେ ଯୋଗଦାନ କରିଥିବା ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ରହି ଶ୍ରୀ ରୋହିଦାସ ଙ୍କ ସାଙ୍ଗଠନିକ ଗୁରୁଦାୟିତ୍ୱ,କାର୍ଯ୍ୟ ଦକ୍ଷତା,କର୍ମକ୍ଷେତ୍ର ରେ ଉତ୍ସର୍ଗୀକୃତ ଓ ଦାୟିତ୍ୱ ସମ୍ପର୍ଣ୍ଣ ମନୋଭାବ ଉପରେ ଆଲୋକପାତ କରି ଅବସର କାଳୀନ ଜୀବନର ଉତ୍ତରୋତ୍ତର, ନିରାମୟ ଓ ଦୀର୍ଘାୟୁ କାମନା କରି ସମ୍ବର୍ଦ୍ଧିତ କରିଥିଲେ ।

# ବିଜେପିର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଓ ମିଶ୍ରଣପର୍ବ

**ଉମରକଟ , ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଉମରକଟ ଭାଜପା କାର୍ଯ୍ୟାଳୟ ଠାରେ ଏକ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ହୋଇଯାଇଛି ,ଏଥିରେ ନିର୍ବାଚନ ମଣ୍ଡଳୀର ପ୍ରାୟ ଦୁଇ ଶହରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତାଙ୍କୁ ଟ୍ରେନିଂ ଦିଆଯାଇଥିଲା ଆଗାମି ପଞ୍ଚାୟତ ଓ ପୌରନିର୍ବାଚନରେ ପାର୍ଟି କିପରି ବିପୁଳ ସଂଖ୍ୟାରେ ସମ୍ପୁର୍ଣ୍ଣ ବିଜୟ ହାସଲ କରିବ ଏବଂ ଏହାର ରଣନୀତି କିପରି ରହିବ ଏହା ବିଷୟରେ ନେତୃବୃନ୍ଦ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଏଥିରେ କେନ୍ଦ୍ରର ୧୨ ବର୍ଷ ଏବଂ ରାଜ୍ୟର



୨ବର୍ଷର ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇ ଭାଜପା ପ୍ରତି ଲୋକଙ୍କ ଭଲପାଇବା ସାଉଁଟିବା ଏବିଷୟରେ କୁହାଯାଇଥିଲା ପ୍ରଶିକ୍ଷଣ ପରେ ଏକ ମିଶ୍ରଣପର୍ବର ଆୟୋଜନ କରାଯାଇଥିଲା ଭାଜପା ସରକାର ରେ କେନ୍ଦ୍ର ର 'ଏକ ଶ୍ରେଷ୍ଠ ଭାରତ' ଏବଂ ରାଜ୍ୟରେ 'ବିକାଶର ଧାରା ଓଡିଶା ସାରା' ଏଭଳି ଭାଜପାର ରାଷ୍ଟ୍ର ନିର୍ମାଣ ଓ ଜନ କଲ୍ୟାଣକାରୀ ନୀତିଆଦର୍ଶ ଓ ସିଦ୍ଧାନ୍ତବାଦ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଆଜି ନଗର ମଣ୍ଡଳର ବିଭିନ୍ନ ଆୱାର୍ଡର ୩୫ରୁ ଉର୍ଦ୍ଧ ନୂଆ କାର୍ଯ୍ୟକର୍ତ୍ତା ସହ କିଛି କଂଗ୍ରେସ ଓ ବିଜେଡି ଛାଡିଥିବା କର୍ମି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ଭାଜପାର ରାଜ୍ୟ ଉପସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ,ପୂର୍ବତନ ସାଂସଦ ପର୍ଶୁରାମ ମାଝୀଙ୍କ ଉପସ୍ଥିତିରେ ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ ଦୁଇଟିଯାକ କାର୍ଯ୍ୟକ୍ରମକୁ ପରିଚାଳା କରିଥିଲେ ।

# ନୂତନ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର ପ୍ରଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ଗ୍ରାମ ପଞ୍ଚାୟତ ଗଡଡ ଧୂମାଲ୍ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବ୍ରାହ୍ମଣୀପାଲି ସରପଞ୍ଚ ଅରୁଣ କୁମାର ବାଗଙ୍କ ନେତୃତ୍ୱରେ ଗ୍ରାମବାସୀ ଆଜି ବୌଦ୍ଧ ଆସି ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ମଧ୍ୟ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ । ମାନ୍ୟବରମନ୍ତ୍ରୀ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି । ଗ୍ରାମବାସୀ ପ୍ରକାଶ କରିଛନ୍ତି ଯେ ତାଙ୍କ ଗ୍ରାମର ୩୦ରୁ ଅଧିକ ପିଲା ବିପଦସଙ୍କୁଳ ଅବସ୍ଥାରେ ଏକ ନାଳ ପାର ହୋଇ ପଡୋଶୀ ମୁଣ୍ଡାପଡା ଗ୍ରାମ ପାୟତର କନ୍ଧଧୂମାଲ ଗ୍ରାମକୁ ପାଠପଢିବା ପାଇଁ ଯାଉଛନ୍ତି । ତେଣୁ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ସେମାନେ ଦାବି କରିଛନ୍ତି । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର କୁମାର ରଥ ଗ୍ରାମବାସୀଙ୍କ ଦାବିପତ୍ର ଗ୍ରହଣ କରିଥିଲେ ।



# ଗଞ୍ଜାମ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ଅଧିବେଶନ

**ରମ୍ଭା , ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠ ପରିସରରେ ଗଞ୍ଜାମ ବ୍ଲକ୍ ବରିଷ୍ଠ ନାଗରିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ମାସିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାୟୀ ସଭାପତି ବାନାମ୍ବର୍ ପଲାଇ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବାଳକୃଷ୍ଣ ମହାରଣା ଗତ ମାସର ମାସିକ ଆୟ ବ୍ୟୟ ବିବରଣୀ ତଥା ଗତ ବର୍ଷ ବାର୍ଷିକ ଉତ୍ସବର ଆୟ ବ୍ୟୟ ବିବରଣୀ ପାଠ କରିଥିଲେ । ବୈଠକରେ ଆଗାମୀ ଅଗଷ୍ଟ ମାସରେ ସୁବଳୟା ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସଂଘର ଚଳିତ ବର୍ଷର ବାର୍ଷିକ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନିଆଗଲା । ଏଥିରେ ୨୦୨୫-୨୬ ବର୍ଷ ଓ ପି ଏସ ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅଞ୍ଚଳର ଯୁବ ଅଧିକାରୀ ଏବଂ ଗଞ୍ଜାମ ବ୍ଲକର ସମସ୍ତ ବିଦ୍ୟାଳୟର ମାଟ୍ରିକ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଆଗାମୀ ୧୫ ତାରିଖରେ ସଂଘ ପକ୍ଷରୁ ବନ ମହୋତ୍ସବ ମଧ୍ୟ ପାଳନ କରାଯିବ ବୋଲି ସଂଘର ବରିଷ୍ଠ ସଦସ୍ୟ ତଥା ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବିଜୟ କୁମାର ବିଶ୍ୱାଳ ସୂଚନା ଦେଇଥିଲେ । ସଭାରେ ବରିଷ୍ଠ ସଦସ୍ୟ ଶ୍ରୀ ଭଗବାନ୍ ଦାଶ ସକ୍ରିୟ ସହଯୋଗ କରିଥିଲେ ।

# ପାଠ୍ୟ ପୁସ୍ତକରେ ତ୍ରୁଟି ନେଇ ଥାନାରେ କଂଗ୍ରେସର ଏତଲା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ-ଚୌଦ୍ୱାର କଂଗ୍ରେସ ପକ୍ଷରୁ ମୁଖ୍ୟ-ସଂଯୋଜକ ମାନସ ପରିଡ଼ାଙ୍କ ନେତୃତ୍ୱରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଙ୍କ ନାମରେ କଟକ ମଧୁପାଟଣା ଥାନାରେ ଏତଲା ଦିଆଯାଇଛି । ସମ୍ପ୍ରତି ଜାତୀୟ ଶିକ୍ଷା ନୀତି-୨୦୨୨ କୁ ରାଜ୍ୟ ସରକାର ଲାଗୁକରି ପ୍ରଥମ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ କୁ ବଦଳାଇ ନୂତନ ପାଠ୍ୟ ପୁସ୍ତକ ପ୍ରକାଶ କଲେ , ମାତ୍ର ଏଥିରେ ପ୍ରାୟ ଷୋହଳ ଶହ ରୁ ଉର୍ଦ୍ଧ୍ୱ ଭୁଲ୍ ତ୍ରୁଟି ପରିଲକ୍ଷିତ ହୋଇଛି । ଝାଲ ମୁଢ଼ି , ଶୁଖୁଆ ଝୋଳ, ନିମ୍ବୁଡ଼ା ନିମ୍ବୁଡ଼ା ଗୀତ,କବିତା ସହ କବି ପରିଚୟ ଭୁଲ୍ ଥିବା, ପ୍ରଖ୍ୟାତ ବୈଜ୍ଞାନିକ ଆଇନ ଷ୍ଟାଇନ ଜଣେ ପାଇଲଟ ବୋଲି ଦର୍ଶାଯିବା, ବ୍ରହ୍ମପୁର ସହର କୁ ଜିଲ୍ଲା ବୋଲି ଦର୍ଶା ଯିବା, ଭାସ୍କୋଡା ଗାମା ଭାରତ କୁ ଗୋଲମରିଚ ନେବାକୁ ଆସିଥିଲେ, ଆମ ରାଜ୍ୟ ବିଧାନ ସୌଧ ପରିବର୍ତ୍ତେ କର୍ଣ୍ଣାଟକ




ରାଜ୍ୟର ବିଧାନ ସୌଧ ର ପଟ୍ଟଚିତ୍ର ଦର୍ଶାଯିବା ସହିତ ଅନେକ ଭୁଲ ଯାହା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବ । ଏ ସରକାର ଶୈକ୍ଷିକ ଶିକ୍ଷା ବ୍ୟବସ୍ଥା କୁ ଧୂଳିସାତ୍ କରିଦେବାକୁ ବସିଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ଜାତୀୟ ଶିକ୍ଷା ନୀତି-୨୦୨୨ କୁ ଦେଶର ସମସ୍ତ ରାଜ୍ୟ ଲାଗୁ କରିନଥିବା ବେଳେ ଆମ ରାଜ୍ୟ ସରକାର କାହିଁକି ଏତେ ତରତର ହୋଇ ଏହାକୁ ଏତେ କମ ସମୟ ମଧ୍ୟରେ ଲାଗୁ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପାଠ୍ୟ ପୁସ୍ତକରେ ମହା ପୁରୁଷ ଙ୍କ ପ୍ରତି ଅବମାନ ଓଡ଼ିଆ ଅସ୍ମିତା ପ୍ରତି ଶକ୍ତ ଅପମାନ ବୋଲି କହିଛି କଂଗ୍ରେସ । ଏଯାଏ ସଠିକ୍ ବହି ବିଦ୍ୟାଳୟରେ ପିଲାମାନେ ପାଇ ପାରିଲେ ନାହିଁ ।ଏହି ଭୁଲ ବହି ଛପା ପାଇଁ ସରକାରଙ୍କ ର କୋଟିକୋଟି ଟଙ୍କା ପାଣିରେ ପଡ଼ିଲା । ଏସବୁ ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଙ୍କୁ ଦାୟୀ କରି ତାଙ୍କ ନାମରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଏତଲା ଦିଆଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ-ସଂଯୋଜକ ମାନସ ପରିଡ଼ାଙ୍କ ସହିତ ଯୁବନେତା ହରିଶଙ୍କର ରାଉତ୍, ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ ଓ ଅଶୋକ ନାୟକ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ ଓ ହିମାଂଶୁ ରାଉତ୍, ଜିଲ୍ଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ୍, ସଂଖ୍ୟାଲଘୁ ସେଲ ଅଧକ୍ଷ ଶେଖ୍ ଜାଫର, ଯୁବନେତା ଦୀପକ ସାହୁ, ଅଜୟ ଦାସ ଓ ପ୍ରତ୍ୟୁଷ ସାହୁ, ବ୍ଲକ୍ ସଭାପତି ଦିବ୍ୟ ରଞ୍ଜନ ପ୍ରଧାନ, ୱାର୍ଡ ସଭାପତି ଉମାକାନ୍ତ ସାହୁ, ପ୍ରକାଶ ମୁଦୁଲି, ରଜନୀକାନ୍ତ ବସ୍ତିଆ ଓ ରଶ୍ମିକାନ୍ତ ସାମଲ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ଯୁବ ଆଇନଯିବୀ ଜ୍ୟୋତି ରଞ୍ଜନ ପରିଜା, ଙ୍କ ସମେତ ସ୍ୱପ୍ନ କୁମାର ସ୍ୱାଇଁ, ରଞ୍ଜନ ବେହେରା, ଲିପୂଲ୍ ରାଉତ୍, ପ୍ରମୁଖ ଯୋଗଦେଇ ଗଣ ଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା ଦାବୀ ସହ ଏତଲା ଦେଇଥିଲେ ।

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ନାଗରିକ କମିଟି



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ନାଗରିକ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୧୦ ଜୁଲାଇରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଗଣଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି । କମିଟି ପକ୍ଷରୁ କୁହାଯାଇଛି ଯେ, ୮ ଜୁଲାଇ ସୁଦ୍ଧା ଦାବିଗୁଡ଼ିକର ସମାଧାନ ନ ହେଲେ ଏହି ଆନ୍ଦୋଳନ କରାଯିବ । ଦାବିପତ୍ରରେ ଜିଲ୍ଲାର ସ୍ୱାସ୍ଥ୍ୟସେବା, ସଂଗ୍ରହାଳୟ ଓ ପର୍ଯ୍ୟଟନ କ୍ଷେତ୍ରର ବିଭିନ୍ନ ସମସ୍ୟା ଉଲ୍ଲେଖ କରାଯାଇଛି । ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକୀୟ ଅନୁମୋଦନ ଓ ସୁରକ୍ଷା ପ୍ରମାଣପତ୍ର ବିନା ଉଦ୍ଘାଟନ କରାଯାଇଥିବା ଅଭିଯୋଗ ସହ ଶୀଘ୍ର ରୋଗୀ ସେବା ଆରମ୍ଭ କରିବା ଦାବି କରାଯାଇଛି । ସେହିପରି ଜିଲ୍ଲାରେ ୨୩୩ ଡାକ୍ତର ପଦବୀ ମଧ୍ୟରୁ ୧୭୪ଟି ଖାଲି ଥିବାରୁ ତୁରନ୍ତ ପଦବୀ ପୂରଣ କରିବାକୁ କମିଟି ଦାବି କରିଛି । ଏତଦ୍‌ବ୍ୟତୀତ ବୌଦ୍ଧ ଜିଲ୍ଲା ସଂଗ୍ରହାଳୟର ପରିଚାଳନାରେ ସୁଧାର ଆଣିବା, ଏହାକୁ ରାଜ୍ୟ ସରକାରଙ୍କ ଅଧୀନକୁ ନେବା, ପାତାଳୀ ଶ୍ରୀକ୍ଷେତ୍ର ନାଏକପଡ଼ା ପ୍ରାୟ ୧୮ କୋଟି ଟଙ୍କାର ସୌନ୍ଦର୍ଯ୍ୟବର୍ଦ୍ଧନ ପ୍ରକଳ୍ପକୁ ଶୀଘ୍ର ଅନୁମୋଦନ କରିବାସହ ଜିଲ୍ଲାର ଉନ୍ନୟନ ସମ୍ପର୍କିତ ବୈଠକରେ ନାଗରିକ କମିଟିର ପ୍ରତିନିଧିଙ୍କୁ ସାମିଲ କରିବାକୁ ଦାବି ଉଠାଯାଇଛି । ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଶ୍ୟାମସୁନ୍ଦର ମହାପାତ୍ର, ନିଶିଥ କୁମାର ପୃଷ୍ଟି ଉପସ୍ଥିତ ଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବିଗୁଡ଼ିକର ସମାଧାନ ନହେଲେ ୧୦ ଜୁଲାଇରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନାଗରିକ କମିଟି ତରଫରୁ ସୂଚନା ମିଳିଛି ।

# ମଦ ବନ୍ଦ ଦାବିରେ କୃଷକ ଏକତା ପଦଯାତ୍ରା

**ବାରିପଦା , ନ୍ୟୁଜ୍ ବ୍ୟୁରୋ**

ନବନିର୍ମାଣ କୃଷକ ସଂଗଠନ ତରଫରୁ ଶ୍ୟାମାଖୁଣ୍ଟା ବ୍ଲକର ଶିରିସବଣି ପଞ୍ଚାୟତରେ କୃଷକ ଏକତା ପଦଯାତ୍ରା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ମିଛ ପ୍ରତିଶ୍ରୁତି ମଧ୍ୟରୁ ନିଶାମୁକ୍ତ ଓଡ଼ିଶା ଗଠନର ଆଶା ମଉଳି ଯାଉଥିବା ସମୟରେ ମୟୂରଭଞ୍ଜ ଜିଲ୍ଲାରୁ ନିଶାମୁକ୍ତ ଓଡ଼ିଶା ଆହ୍ୱାନ ସଂଗଠନ ତରଫରୁ ଦିଆଯାଇଛି । ଗତ ନିର୍ବାଚନୀ ପ୍ରଚାରରେ ସରକାର,୩୦୦ ୟୁନିଟ ମାଗଣା ବିଜୁଳି, ୬୦ ବର୍ଷରୁ ଅଧିକ ଲୋକଙ୍କ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଧାନ ମଣ୍ଡିରେ କଟନୀ ଛଟନୀ ବନ୍ଦ, ପ୍ରତ୍ୟେକ ଚାଷ ଜମିକୁ ଜଳ ସେଚେନ, ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର, ବେକାରୀ ସମସ୍ୟା ପରି କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ଦୁଇ ବର୍ଷ ପୂର୍ତ୍ତି ମଧ୍ୟରେ ସରକାର ପୂରଣ କରିନାହାଁନ୍ତି । କୃଷକ ଏକତା ପଦଯାତ୍ରା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସୋମବାର ମଧୁବନ ପଡ଼ିଆରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ କୃଷକ ଏକତା ପଦଯାତ୍ରାରେ ସମସ୍ତ ମାତୃଶକ୍ତି, କୃଷକ, ଯୁବକ ଆହ୍ୱାନ ଜଣାଇଛନ୍ତି ।

# ବନୀକରଣ ପ୍ରକଳ୍ପରୁ ତାର ଜାଲି ଚୋରି ଅଭିଯୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପ୍ରାପ୍ତସୂଚନା ଅନୁଯାୟୀ ଡିମିରିପାଲି ମୌଜାର ବାର ଗୋଛିୟା ନିକଟରେ ହୋଇଥିବା ବନୀକରଣ ପ୍ରକଳ୍ପର ତାରବାଡ ପାଚେରୀ ଚୋରୀ ହୋଇଥିବା ବାଉଁଶୁଣୀ ଥାନାରେ ସରପଞ୍ଚ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ପଞ୍ଚାୟତ ପକ୍ଷରୁ ଏକ ପେଡ ମା କେ ନାମ୍ ଅନ୍ତର୍ଗତ ବାରଗୋଛିୟା ନିକଟରେ ଦୁଇ ଏକର ଜମିରେ ବୃକ୍ଷରୋପଣ ହୋଇଥିଲା ଓ ଚାରିପାଖରେ ସିମେଣ୍ଟ ପିଲର ଦେଇ ତାରଜାଲି ପାଚେରୀ କରାଯାଇଥିଲା । କେହି ଦୁର୍ବୃତ୍ତ ତାରଜାଲି ଗୁଡିକ ଚୋରି କରି ନେଇଥିବା ସରପଞ୍ଚ ଅଇଁଠୁ ମହାଳିକ ଥାନାରେ ଅଭିଯୋଗ କରିଛନ୍ତି । ବାଉଁଶୁଣୀ ଥାନା ଠାରୁ ସ୍ୱଳ୍ପ ଦୂରରେ ଉକ୍ତ ବନୀକରଣ ପ୍ରକଳ୍ପରୁ ଚୋରି ହେବା ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।



# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱରୁ କ୍ରମଶଃ ଜୀବଜଗତ ଲୋପ ପାଇବ

**ରମ୍ଭା , ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପି ଏମ ଶ୍ରୀ ଗୋପାଳ କୃଷ୍ଣ ଉଚ୍ଚ ବିଦ୍ୟାଳୟ,ସୁବଳୟା ଠାରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଯୋଗ ଦେଇ ସଂପ୍ରତି ଦେଖାଦେଇଥିବା ପରିବେଶ ପ୍ରଦୂଷଣ ,ଜଳବାୟୁ ପରିବର୍ତ୍ତନ,ବିଶ୍ୱ ତାପନ ପୃଥିବୀ ପୃଷ୍ଠରୁ ଜୀବ ଓ ଉଦ୍ଭିଦ ଜଗତ ଲୋପ ପାଇ ଯିବାର ଆଶଙ୍କା ବ୍ୟକ୍ତ କରିଥିଲେ ।ଏହାର ଆଶୁ ପ୍ରତିକାର ପାଇଁ ବୃକ୍ଷ ରୋପଣ,ଶକ୍ତି ସଂରକ୍ଷଣ, ପଲିଥିନ୍ ବର୍ଜନ,ଜଳ ସଂରକ୍ଷଣ ପ୍ରତି ଧ୍ୟାନ ଦେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରକୃତି ବନ୍ଧୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବିଜୟ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ ଅଧକ୍ଷ ଡ଼ ସୁଧାକର ଓ ବନ ବିଭାଗର ଅବସର




ପ୍ରାପ୍ତ ସେକ୍ସନ ଅଧିକାରୀ ଅଶୋକ କୁମାର ସାହୁ ଯୋଗ ଦେଇ ବ୍ୟାପକ ବୃକ୍ଷ ରୋପଣ ସହ ବିଭିନ୍ନ କ୍ଷେତ୍ରରେ ମିତବ୍ୟୟୀ ହେବା ପାଇଁ ମାର୍ଗ ଦର୍ଶନ ଦେଇ ଥିଲେ । ସଭାର ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ବିଭୂତି ଭୂଷଣ ବେହେରା ଅତିଥି ମାନଙ୍କ ସ୍ୱାଗତ ପରିଚୟ କରିଥିଲେ । ଶ୍ରୀ ଗୋପାଳ କୃଷ୍ଣଙ୍କ ନିକଟରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସଭା ଶେଷରେ ବିଦ୍ୟାଳୟର ଇକୋ କ୍ଲବ୍ ଇନ୍ ଚାର୍ଜ ଶିକ୍ଷୟିତ୍ରୀ ଶ୍ରୀମତୀ ମନୀଷା ବିଶ୍ୱାସ ଧନ୍ୟବାଦ୍ ପ୍ରଦାନ କରିଥିଲେ ।ସଭା ପରେ ପରେ ବିଦ୍ୟାଳୟର ପରିସରରେ ଛାତ୍ରୀ ମାନଙ୍କ ଗହଣରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ତପନ କୁମାର ଜେନା, ସୁଭଦ୍ରା ଜେନା,ଅରୁନ୍ଧତୀ ପୋତା ଓ ବିଭିନ୍ନ ଗ୍ୱାର୍ଡ କର୍ମଚାରୀ ସହ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ ।





# ବନ୍ୟା ଜଳରେ ଯୋଗାଯୋଗ ବିଚ୍ଛିନ୍ନ:ଆସନ୍ନ ପ୍ରସବାଙ୍କୁ ଆଣିପାରିଲାନି ୧୦୨ ଆମ୍ବୁଲାନ୍ସ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଲଗାଣ ବର୍ଷା ଯୋଗୁ ବୌଦ୍ଧ ବ୍ଲକ ମନୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡିଗୀ ମୁହାଣ ନିକଟରେ ନାଳ ଉପରେ ପ୍ରାୟ ୪ ଫୁଟ୍ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ରବିବାର ଡିଗୀ ଗ୍ରାମକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲା । ଏହାର ସିଧାସଳଖ ପ୍ରଭାବ ଜରୁରୀ ସ୍ୱାସ୍ଥ୍ୟସେବା ଉପରେ ପଡ଼ିଥିବା ବେଳେ ଜଣେ ଆସନ୍ନ ପ୍ରସବାଙ୍କୁ ଚିକିତ୍ସାଳୟକୁ ଆଣିବା ପାଇଁ ଯାଇଥିବା ୧୦୨ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ରାସ୍ତାରେ ଅଟକି ଫେରି ଆସିବାକୁ ବାଧ ହୋଇଥିଲା। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୧୧ଟା ସମୟରେ ଜମଟାଙ୍ଗୀ-ଡିଗୀ ରାସ୍ତାର ମୁହାଣ ନାଳ ଉପରେ ବନ୍ୟାଜଳ ପ୍ରବାହ ବଢ଼ିଯାଇଥିଲା। ଏହି ସମୟରେ ଡିଗୀ ଗ୍ରାମର ଜଣେ ଆସନ୍ନ ପ୍ରସବାଙ୍କୁ ବାଉଁଶୁଣୀ ଡାକ୍ତରଖାନାକୁ ନେବା ପାଇଁ ୧୦୨ ଆମ୍ବୁଲାନ୍ସ ପହଞ୍ଚିଥିଲେ ମଧ୍ୟ ପାଣିର ପ୍ରବଳ ସ୍ରୋତ ଯୋଗୁ ଆଗକୁ ବଢ଼ିପାରିନଥିଲା। ପରିସ୍ଥିତି ବିପଜ୍ଜନକ ଥିବାରୁ ଆମ୍ବୁଲାନ୍ସଟି ଫେରିଆସିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଲଗାଣ ବର୍ଷାରେ ୧୩ ନମ୍ବର ୱାର୍ଡବାସୀ ଜଳବନ୍ଦୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ପ୍ରଭାବିତ ଯୋଗୁ ଦୀର୍ଘ ୪ ଦିନ ହେଲା ଲଗାଣ ବର୍ଷା ହେତୁ ସହରର ଅଧିକାଂଶ ସ୍ଥାନ ଜଳମଗ୍ନ ହେବା ସହ ତଳିଆ ଅଞ୍ଚଳରେ ପାଣି ପଶି ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୩ ନମ୍ବର ୱାର୍ଡର ରଣପଡାବାସୀ ଦୀର୍ଘ ୪ଦିନ ହେଲା ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଘର ଭିତରେ ପ୍ରାୟ ଦୁଇଫୁଟ ପାଣି ପଶିଯିବା ଫଳରେ ପଚାସଢ଼ା ପାଣି ଜୀବଜନ୍ତୁ ଓ ବିଷଧର ସାପ ମଧ୍ୟ ଘର ଭିତରେ ପ୍ରବେଶ କରୁଛନ୍ତି। ଛୋଟଛୋଟ ଶିଶୁଙ୍କୁ ଧରି ଦୀର୍ଘ ୩ ଓ ୪ ଦିନ ହେଲା ଜଳବନ୍ଦୀ ଅବସ୍ଥାରେ ଥିବା ଲୋକମାନେ ଖଟ ଉପରେ ବସି ରହିଛନ୍ତି। ଦୀର୍ଘ ୪ ଦିନ ହେଲା ଛାତ୍ର/ଛାତ୍ରୀମାନେ ସ୍କୁଲକୁ ଯାଇପାରୁନାହାଁନ୍ତି। ବୃଦ୍ଧ/ବୃଦ୍ଧା ଘରୁ ବାହାରି ପାରୁନାହାଁନ୍ତି। ଏପରିକି ପାନୀୟ ଜଳ ମଧ୍ୟ ପିଇବାକୁ ପାଉନାହାଁନ୍ତି। ଜିଲ୍ଲା ପ୍ରଶାସନ କିମ୍ବା ପୌର ପ୍ରଶାସନକୁ ଏମାନେ ବାରମ୍ବାର ଆପତ୍ତି କଲେ ମଧ୍ୟ କୌଣସି ସାହାଯ୍ୟ ସହଯୋଗ ଏମାନଙ୍କ ପାଖରେ ପହଞ୍ଚିପାରିନାହିଁ। ୧୩ ନମ୍ବର ୱାର୍ଡରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଏହି ୨ ଶହ ପରିବାର ବାରମ୍ବାର ଜିଲ୍ଲାପାଳ ଓ ପୌର ପ୍ରଶାସନକୁ ଅଭିଯୋଗ କରୁଥିଲେ ମଧ୍ୟ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା କରାଯାଉନାହିଁ। ସରକାରୀ ଜାଗାରେ ଜୋର୍ ଜବରଦସ୍ତ ଘର କରି ଜଳ ନିଷ୍କାସନ ବାଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ତୁରନ୍ତ ଏହାକୁ ଉଚ୍ଛେଦ କରି ଜଳ ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା କରିବା ସହିତ ଜଳବନ୍ଦୀ ଅବସ୍ଥାରେ ଥିବା ଗ୍ରାମବାସୀଙ୍କୁ ସାହାଯ୍ୟ ଯୋଗାଇଦେବା ପାଇଁ ଦାବି କରିଛନ୍ତି।



## ସାହିତ୍ୟିକ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତିଚାରଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଋଷିକୂଲ୍ୟା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଏଥେନା ବୁକ୍ସ ପରିସରରେ ବିଶିଷ୍ଟ ସାହିତ୍ୟିକ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତିରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ, ସୃଜନଶୀଳ ପ୍ରତିଭା ଓ ଅମ୍ଳାନ ସ୍ମୃତିକୁ ମନେପକାଇ ସାହିତ୍ୟିକ, କବି, ଲେଖକ ଓ ସାହିତ୍ୟ ପ୍ରେମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାରେ ବକ୍ତାମାନେ ସ୍ୱର୍ଗତ ତ୍ରିପାଠୀଙ୍କ ସାହିତ୍ୟକ ଜୀବନ, ସୃଜନଶୀଳ ଚେତନା ଓ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାହିତ୍ୟକ ସତ୍ୟନାରାୟଣ ମହାପାତ୍ର, ରମେଶ ପଟ୍ଟନାୟକ, ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସ୍ୱର୍ଗତଃ ସଦାନନ୍ଦ ତ୍ରିପାଠୀଙ୍କ ସହ ଜଡ଼ିତ ସ୍ମୃତି ଓ ତାଙ୍କ ସାହିତ୍ୟ ସାଧନା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଶରତ କୁମାର ଜେନା, ସୁନନ୍ଦା ପ୍ରଧାନ, ଲକ୍ଷ୍ମୀ ଚାନ୍ଦ ପ୍ରମୁଖ ଗଳ୍ପ ପାଠ କରିଥିଲେ ଓ ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଶେଷରେ ଏଥେନା ବୁକ୍ସର ପ୍ରକାଶକ ରାଜକିଶୋର ଦାସ ସମସ୍ତ ଅତିଥି ଓ ଉପସ୍ଥିତ ସାହିତ୍ୟପ୍ରେମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## //////////////////// କଟକ ଜିଲ୍ଲା ଚିଠା ଭୋଟର ତାଲିକା ପ୍ରକାଶିତ ////////////////////

# ୧,୫୫,୧୬୪ ଜଣଙ୍କ ନାମ ତାଲିକାରୁ ବାଦ୍ ପଡ଼ିଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଅଧୀନରେ କଟକ ଜିଲ୍ଲା ପାଇଁ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ଏଥିପୂର୍ବରୁ ମେ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀ (BLO)ଙ୍କ ଦ୍ୱାରା ଘରକୁ ଘର ଯାଇ ଭୋଟର ଯାଞ୍ଚ ଓ ଏନୁମେରେସନ୍ ଫର୍ମ ସଂଗ୍ରହ କରାଯାଇଥିଲା। ଏହି ଫର୍ମଗୁଡ଼ିକ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି। ସୂଚନା ଅନୁସାରେ, ଚିଠା ଭୋଟର ତାଲିକା ପ୍ରକାଶ ପୂର୍ବରୁ ମୋଟ୍ ୨୦,୮୫,୭୭୯ ଜଣ ଭୋଟର ଥିବାବେଳେ, ସଂଶୋଧିତ ଖସଡ଼ା ତାଲିକାରେ ୧୯,୩୦,୬୧୫ ଜଣଙ୍କ ନାମ ରହିଛି। (୧୦ ଲକ୍ଷ ୨ ହଜାର ୨୪୫ଜଣ ପୁରୁଷ ଏବଂ ୯ ଲକ୍ଷ ୨୮ ହଜାର ୧୯୩ ଜଣ ମହିଳା ଓ ୧୭୭ ଜଣ ତୃତୀୟ ଲିଙ୍ଗ ଭୋଟର) ମୋଟ୍ ୧,୫୫,୧୬୪ ଜଣଙ୍କ ନାମ ବିଭିନ୍ନ କାରଣରୁ ବାଦ ପଡିଛି । ଚୌଦ୍ୱାର-କଟକରେ ସର୍ବାଧିକ ୨୩,୮୧୮ ଜଣ, ବାଙ୍କୀରେ ୧୦,୬୨୩ ଜଣ, ନିଆଳିରେ ୧୯,୩୨୭ ଜଣ, କଟକ ସଦରରେ ୧୯,୨୦୩ ଜଣ, ବଡ଼ମ୍ବାରେ ୧୬,୮୧୭ ଜଣ, ବାରବାଟୀ-କଟକରେ ୧୬,୩୫୮ ଜଣ, ସାଲେପୁରରେ ୧୩,୮୭୪ ଜଣ, ଆଠଗଡ଼ରେ ୧୨,୪୬୬ ଜଣ ଏବଂ ମାହାଙ୍ଗାରେ ୨୨,୬୨୮ ଜଣଙ୍କ ନାମ ବାଦ୍ ପଡିଥିବା ଜଣାପଡିଛି । ମୃତ୍ୟୁ: ୫୩,୩୪୮, ଅନୁପସ୍ଥିତ/ଠିକଣାରେ ନମିଳିବା: ୧୨,୬୦୮, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର: ୭୪,୯୪୦, ଅନ୍ୟ ସ୍ଥାନରେ ପୂର୍ବରୁ ନାମ ପଞ୍ଜିକୃତ: ୧୨,୨୬୨, ଅନ୍ୟାନ୍ୟ କାରଣ: ୨,୦୦୬ରୁ ନାମଗୁଡ଼ିକ ବାଦ୍ ପଡିଛି। ୯୯,୪୯୪ ଜଣଙ୍କର ମ୍ୟାପିଙ୍ଗ ହୋଇନାହିଁ। ସେମାନଙ୍କ ନିକଟକୁ ନୋଟିସ୍ ପଠାଯିବ। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଭୋଟରମାନେ ନିଜ ନାମ ସଂଯୋଗ କରିବା, ସଂଶୋଧନ କିମ୍ବା ବାଦ୍ ଦେବା ସମ୍ପର୍କିତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଦାବି ଓ ଆପତ୍ତିର ଶୁଣାଣି ଓ ସମାଧାନ ଜୁଲାଇ ୫ରୁ ସେପ୍ଟେମ୍ବର ୨ ମଧ୍ୟରେ କରାଯିବ ଏବଂ ସେପ୍ଟେମ୍ବର ୬, ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଯେଉଁ ଭୋଟରଙ୍କ ଏନୁମେରେସନ୍ ଫର୍ମ ଗ୍ରହଣ ହୋଇନାହିଁ କିମ୍ବା BLOଙ୍କ ଦ୍ୱାରା ଯାଞ୍ଚ ହୋଇନାହିଁ, ସେମାନଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ୍ ହୋଇନାହିଁ। ବିଭିନ୍ନ କାରଣରୁ ବାଦ୍ ପଡିଥିବା ଭୋଟରମାନେ ନିଜ ନାମ ସଂଯୋଗ କରିବା ପାଇଁ ଦାବି ଓ ଆପତ୍ତି ସମୟରେ ଫର୍ମ-୬ ସହ ଆବଶ୍ୟକ ଘୋଷଣାପତ୍ର ଦାଖଲ କରି ନାମ ଅନ୍ତର୍ଭୁକ୍ତ କରାଇପାରିବେ। ଏହାଛଡ଼ା, ଏନୁମେରେସନ୍ ଫର୍ମରେ ଦିଆଯାଇଥିବା ସୂଚନା ପୂର୍ବ ଭୋଟର ତାଲିକା ତଥ୍ୟ ସହ ମେଳ ନଖାଇଲେ ସମ୍ପୃକ୍ତ ଭୋଟରଙ୍କୁ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ୍ ଅଫିସର (ERO) ପକ୍ଷରୁ ନୋଟିସ୍ ଜାରି କରାଯିବ। ନୋଟିସ୍ ପାଇବା ପରେ ସେମାନଙ୍କୁ ଜନ୍ମତାରିଖ, ଜନ୍ମସ୍ଥାନ କିମ୍ବା ନାଗରିକତା ସମ୍ବନ୍ଧୀୟ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଗ୍ରହଣଯୋଗ୍ୟ ଦସ୍ତାବିଜ ମଧ୍ୟରେ ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ମାଟ୍ରିକ୍ କିମ୍ବା ଶିକ୍ଷାଗତ ସାର୍ଟିଫିକେଟ୍, ସରକାରୀ ପରିଚୟପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ପରିବାର ରେଜିଷ୍ଟର, ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ର ଆଦି ସାମିଲ୍ ରହିଛି। ଆଧାର ସମ୍ପର୍କିତ ଯାଞ୍ଚ ନିର୍ବାଚନ ଆୟୋଗଙ୍କ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ କରାଯିବ। ନିର୍ବାଚନ ବିଭାଗ ଭୋଟରମାନଙ୍କୁ ଖସଡ଼ା ତାଲିକା ପ୍ରକାଶ ପରେ ନିଜ ନାମ ଯାଞ୍ଚ କରିବା ସହ କୌଣସି ତ୍ରୁଟି ଥିଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ଅନୁରୋଧ କରିଛି। ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ଦାବି ଓ ଆପତ୍ତି ସମ୍ପର୍କିତ ଶୁଣାଣି କରାଯିବ। ନିର୍ବାଚକ ପଞ୍ଜିକରଣ ଅଧିକାରୀ ଓ ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଏହାର ଶୁଣାଣି କରିବେ।

## ଜଙ୍ଗଲ ଜମିରେ ଚାଷକୁ ନେଇ ବିବାଦ:ସୁରକ୍ଷା ଦେବାକୁ ଯାଇ ଭୟରେ ପୋଲିସ ଦେଲା ଛତ୍ରଭଙ୍ଗ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ବହୁ ଚର୍ଚ୍ଚିତ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନାକଟିସିମଡ଼ା ଏବଂ କୁସୁମପୁର ସଂରକ୍ଷିତ ଜଙ୍ଗଲର ବିବାଦ ପୁଣିଥରେ ଆରମ୍ଭ ହୋଇଛି । ସମସ୍ତ ସମାଧାନ ପରେ ପୁଣି ବିବାଦୀୟ ଜଙ୍ଗଲ ଜମିରେ କିଛି ଲୋକ ଜୋର୍ ଜବରଦସ୍ତ ଚାଷ କରିବା ଆରମ୍ଭ କରିବା ଫଳରେ ପୁରୁଣା ବିବାଦ ମୁଣ୍ଡ ଟେକିଛି । ଦିନ ୧୦ଟା ସମୟରେ ଉକ୍ତ ବିବାଦୀୟ ଜଙ୍ଗଲ ଜମିରେ କୌଣସି ବ୍ୟକ୍ତି ପ୍ରବେଶ ନକରିବାକୁ କୁହେଇ ବନ ବିଭାଗ ବିବାଦୀୟ ସ୍ଥଳରେ ପହଞ୍ଚି ସୂଚନା ଦେବା ସମୟରେ କିଛି ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । କୁସୁମପୁର ଗ୍ରାମର କିଛି ଲୋକଙ୍କ ଆକ୍ରମଣରେ ବନ ବିଭାଗର ତିନିଜଣ କର୍ମଚାରୀ ଆହତ ହୋଇ ରାଇଘର ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି । ଆହତ ତିନି ଜଣ ହେଲେ ପାରାଗାର୍ଡ



ଗଣେଶ ଗଣ୍ଡ, ବିଟ୍ ଅଫିସର ବିପ୍ଳବ ମଣ୍ଡଳ ଏବଂ ଖିଲେସ କସରିଆ । ବନ ବିଭାଗ ସହିତ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଏବଂ ସୁରକ୍ଷା ବଜାୟ ରଖିବାକୁ ରାଇଘର ପୋଲିସ ମଧ୍ୟ ସେଠାରେ ଉପସ୍ଥିତ ଥିବାବେଳେ କୁସୁମପୁର ଗ୍ରାମବାସୀଙ୍କ ଆକ୍ରମଣ ଦେଖି ପୋଲିସ ଆଗ ଛାତ୍ରଭଙ୍ଗ ଦେଇଥିଲା । ଏହି ଆକ୍ରମଣରେ ନାକଟିସିମଡ଼ାର କିଛି ଲୋକ ମଧ୍ୟ ଆହତ ହୋଇ ଯୋଡ଼ିଙ୍ଗା ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି । ପ୍ରକାଶ ଥାଉକି ବିବାଦୀୟ ଜଙ୍ଗଲ ଜମିର ସମାଧାନ ହେବାର ୫ ଦିନ ପରେ ସୀମାରେ ଦିଆଯାଇଥିବା ତାର ବାଡ଼କୁ ଭାଙ୍ଗି କିଛି ଲୋକ ଚାଷ ଆରମ୍ଭ କରିଥିଲେ । ଫଳରେ ବନ ବିଭାଗ ଉକ୍ତ ସ୍ଥାନରେ ୧୬୩ ବି.ଏନ୍.ଏସ୍.ଏସ୍ ଧାରା ଜାରି କରିଥିଲା। ୬୦ ଦିନ ପାଇଁ ଉକ୍ତ ଜଙ୍ଗଲରେ ପ୍ରବେଶ କଟକଣା ସତ୍ତ୍ୱେ କୁସୁମପୁର ଗ୍ରାମର କିଛି ଲୋକ ଅମାନିଆ ହେଉଥିବା ଯୋଗୁ ବନ ବିଭାଗ ପକ୍ଷରୁ ସଚେତନ କରାଇବାକୁ ଯାଇ ଏଭଳି ଆକ୍ରମଣର ଶିକାର ହୋଇଥିଲେ । ଏନେଇ ରାଇଘର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି ।

## ଖଡ଼ିଆଳରେ ବନ୍ୟା, ଜନଜୀବନ ବେହାଲ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପର ପ୍ରଭାବରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବାରୁ ସମଗ୍ର ଅଞ୍ଚଳରେ ବନ୍ୟା ସଦୃଶ ପରିସ୍ଥିତି ସୃଷ୍ଟି ହୋଇଛି। ଅବିରତ ବର୍ଷା ଯୋଗୁ ନଦୀ, ନାଳ ଓ ଡ୍ରେନ୍‌ଗୁଡ଼ିକ ପରିପୂର୍ଣ୍ଣ ହେବା ସହ ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଅନେକ ଗ୍ରାମରେ ବର୍ଷା ପାଣି ଘରେ ପଶିଯାଇଥିବା ବେଳେ ଅନେକ ମାଟି ଘର ଭାଙ୍ଗି ପଡ଼ିଛି। ଏହାଫଳରେ ଲୋକମାନେ ନିରାପଦ ସ୍ଥାନକୁ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ଲଗାଣ ବର୍ଷା ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ତାର କ୍ଷତିଗ୍ରସ୍ତ ହୋଇ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଫଳରେ ବିଭିନ୍ନ ଗ୍ରାମ ଓ ସହରାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ପାନୀୟ ଜଳ ଯୋଗାଣ, ମୋବାଇଲ୍ ନେଟ୍‌ୱର୍କ ଓ ଦୈନନ୍ଦିନ କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇଛି। ବର୍ଷା ଜଳ ରାସ୍ତା ଉପରେ ଲହଡ଼ି ମାରୁଥିବାରୁ ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍କୁଲ, ବଜାର ଓ ସରକାରୀ କାର୍ଯ୍ୟାଳୟକୁ ଯିବାରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ ଜମିରେ ମଧ୍ୟ ପାଣି ଜମି ରହିଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅନେକ ସ୍ଥାନରେ ଧାନ ଓ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଥିବା ବେଳେ ବିଭିନ୍ନ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଲଗାଣ ବର୍ଷା ଯୋଗୁ ଖଡ଼ିଆଳ ଅଞ୍ଚଳରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିବା ବେଳେ ପରିସ୍ଥିତି ସୁଧୁରିବାକୁ ଲୋକମାନେ ବର୍ଷା କମିବାକୁ ଅପେକ୍ଷା କରି ରହିଛନ୍ତି।

# ଭୋଟର ତାଲିକା ସଂଶୋଧନ ପାଇଁ ଅଗଷ୍ଟ ୪ ସୁଦ୍ଧା ଦାବି ଓ ଆପତ୍ତି ହୋଇପାରିବ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ପ୍ରକ୍ରିୟା ଅନ୍ତର୍ଗତ ଚିଠା ନିର୍ବାଚନ ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବରଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିଠା ଭୋଟର ତାଲିକା ଉନ୍ମୋଚନ କରିବା ସହ ଏହାକୁ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ଏଥିସହ ସେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟାର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ବିଷୟରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସବିଶେଷ ସୂଚନା ପ୍ରଦାନ କରି



ଅବଗତ କରାଇଥିଲେ। ସାଧାରଣ ଜନସାଧାରଣଙ୍କ ପାଇଁ ଦାବି ଓ ଆପତ୍ତି ଦାଖଲ କରିବାର ସମୟସୀମା ୪ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ଏହି ଚିଠା ପ୍ରକାଶନ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଧୁଛନ୍ଦା ସାହୁ, ବରଗଡ଼ ଉପ-ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏବଂ ପଦ୍ମପୁର ଉପ-ଜିଲ୍ଲାପାଳ ହେମସାଗର ଭୋଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାଛଡ଼ା ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ଏଚ୍.ଆର୍.ଏମ୍.ଏସ୍. ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ଏହି ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ତଥ୍ୟ ଅନୁସାରେ ବରଗଡ଼ ଜିଲ୍ଲାର ସମୁଦାୟ ୫ଟି ନିର୍ବାଚନ ମଣ୍ଡଳୀରେ ମୋଟ୍ ଭୋଟରଙ୍କ ସଂଖ୍ୟା ୧୧,୮୧,୨୮୧ ଥିଲା। ଏହି ସମସ୍ତ ଭୋଟରଙ୍କ କ୍ଷେତ୍ରରେ ୧୦୦ ପ୍ରତିଶତ ପଞ୍ଜିକରଣ ଫର୍ମ ବଣ୍ଟନ ଶେଷ ହୋଇଥିବା ବେଳେ ସେଥିମଧ୍ୟରୁ ୯୩.୭୦ ପ୍ରତିଶତ ଅର୍ଥାତ୍ ୧୧,୦୬,୮୭୬ଟିର ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଚିଠା ପ୍ରସ୍ତୁତ ହୋଇଛି। ବୈଠକରେ ସୂଚନା ଦିଆଯାଇଛି ଯେ, ଏହି ସ୍ୱତନ୍ତ୍ର ସଂଶୋଧନ ଅବଧି ମଧ୍ୟରେ ସମସ୍ତ ଯୋଗ୍ୟ ନୂତନ ଭୋଟରଙ୍କ ନାମ ସାମିଲ୍ କରିବା, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତାଲିକାରେ ଥିବା ଯେକୌଣସି ତ୍ରୁଟିର ସଂଶୋଧନ କରାଯାଇଛି। ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ କୌଣସି ଆପତ୍ତି କିମ୍ବା ଅଭିଯୋଗ ଥିଲେ, ଜନସାଧାରଣ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ଫର୍ମ ଜରିଆରେ ଆବେଦନ କରିପାରିବେ ବୋଲି ଜିଲ୍ଲା ନିର୍ବାଚନ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଆରମ୍ଭ ହେଲା ଓଟିଇଟି-୨୦୨୬ ପରୀକ୍ଷା

**କଟକ, ନ୍ୟୁଜ୍ ବ୍ୟୁରୋ**

ଦୁଇ ଦୁଇ ଥର ବାତିଲ୍ ହେବା ପରେ ରାଜ୍ୟବ୍ୟାପି ଓଡ଼ିଶା ଟିଚର୍ ଇଲିଜିବିଟି ଟେଷ୍ଟ-୨୦୨୬ ଆରମ୍ଭ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଏହି ପରୀକ୍ଷାରେ ରାଜ୍ୟର ୯୭ ହଜାରରୁ ଅଧିକ ପରୀକ୍ଷାର୍ଥୀ ସାମିଲ୍ ହୋଇଥିବା ସୂଚନା ମିଳିଛି। ପରୀକ୍ଷାରେ ଉଭୟ ଇନ୍‌ସର୍ଭିସ୍ ଓ ଆଶାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ପ୍ରଥମ ସିଟିଂ ୯ଟାରୁ ସାଢ଼େ ୧୧ଟା ଯାଏ ଚାଲିଥିଲା । ଦ୍ୱିତୀୟ ସିଟିଂର ସମୟ ଅପରାହ୍ନ ୨ଟାରୁ ସାଢ଼େ ୪ଟା ଥିଲା ବୋଲି ଜଣାଯାଇଛି। ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅନେକ ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟ ଏହି ପରୀକ୍ଷାରେ ସାମିଲ୍ ହୋଇଛନ୍ତି। ମୋଟ୍ ୩୧୧ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯାଉଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି।

# ସୁରଜନ ହତ୍ୟାକାଣ୍ଡ:୨ ଗିରଫ, ନାବାଳକ ଅଟକ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ମୁଚବାହାଲ ମେଡିକାଲ୍ ରୋଡ୍ ନିକଟରେ ଘଟିଥିବା ସୁରଜନ କୁମାର (୩୯) ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ନାବାଳକଙ୍କୁ ଆଇନ୍ ଅନୁଯାୟୀ ଅଟକ ରଖାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଓ ଲାଠିକୁ ମଧ୍ୟ ଜବତ କରାଯାଇଛି। ରବିବାର ଝାରସୁଗୁଡ଼ା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲ୍ଲା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ କହିବାନୁସାରେ, ଗତ ଜୁଲାଇ ୨ ତାରିଖ ରାତିରେ ସୁରଜନ କୁମାର ଓ ଅଭିଯୁକ୍ତମାନେ ଏକାଠି ବସି ମଦ୍ୟପାନ କରୁଥିଲେ। ସେହି ସମୟରେ ପୁରୁଣା ବ୍ୟକ୍ତିଗତ ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ତୀବ୍ର ବଚସା ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ପଥର ଓ ଲାଠିରେ ସୁରଜନଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଘଟଣା ପରେ ସେମାନେ ଫେରାର୍ ହୋଇଯାଇଥିଲେ। ପରଦିନ ଅର୍ଥାତ୍ ଜୁଲାଇ ୩ ତାରିଖ ସକାଳେ ମୁଚବାହାଲ ମେଡିକାଲ୍ ରୋଡ୍ ନିକଟରୁ ସୁରଜନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବରିଷ୍ଠ ପୋଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧) ଅନୁଯାୟୀ ମାମଲା ରୁଜୁ କରି ପୋଲିସ ସାକ୍ଷୀଙ୍କ ବୟାନ, ସିସିଟିଭି ଫୁଟେଜ୍ ଓ ଗୁଇନ୍ଦା ସୂଚନା ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଲଖନପୁର ବ୍ଲକ ଅନ୍ତର୍ଗତ ଅଏଁଲାଝରନ ଗ୍ରାମର ଅନିଲ କିଶାନ (୩୩) ଓ ବେଲପାହାଡ଼ କିଷାନପଡ଼ାର ଦିଲ୍ଲୀପ କିଶାନ ଓରଫ ଚୁନୁ (୨୬)। ଏହି ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ପଚରା ଉଚରା ପରେ ବେଲପାହାଡ଼ ଥାନାରେ ଅଟକ ରଖାଯାଇଛି। ପୋଲିସ ଜବତ କରିଥିବା ପଥର, ଲାଠି ସମେତ ଅନ୍ୟାନ୍ୟ ସାମଗ୍ରୀକୁ ବୈଜ୍ଞାନିକ ପରୀକ୍ଷା ପାଇଁ ପଠାଯାଇଛି। ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ମାମଲାରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।





## ପ୍ରଥମ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ଜନିତ ଲଗାଣବର୍ଷା ଫଳରେ ଧର୍ମଶାଳା ଅଞ୍ଚଳରେ ଚାଷୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି। ରବିବାର ଦିନ ସମଗ୍ର ଯାଜପୁର ଜିଲ୍ଲାରେ ଭଲବର୍ଷା ହୋଇଥିବା ସରକାରୀ ତଥ୍ୟରୁ ସୂଚନା ମିଳିଛି। ବ୍ରାହ୍ମଣୀ ଓ ଶାଖା ଖରସ୍ରୋତା ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହେଉଛି। ପ୍ରବଳ ବର୍ଷା ସହ ଘଡଘଡି ହେବାରୁ ବିଦ୍ୟୁତ ସରବରାହ ବ୍ୟାଘାତ ହୋଇଛି। ଜଳ ଯୋଗାଣ ଓ ସାଧାରଣ ଜୀବନଯାତ୍ରାରେ ଏପର୍ଯ୍ୟନ୍ତ ସ୍ୱାଭାବିକ ଅବସ୍ଥା ଆସିନାହିଁ। ସରକାରୀ ଅବ୍ୟବସ୍ଥା ଓ ଡ୍ରେନେଜ୍ ସିଷ୍ଟମ୍ ନଥିବାରୁ ଜାରକା ସହରାଞ୍ଚଳ ଓ ବହୁ ଗ୍ରାମ ରାସ୍ତାରେ ବର୍ଷା ପାଣି ଜମିରହି ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। କିଛି ଗ୍ରାମର ଲୋକମାନେ ଆଣ୍ଠୁଏ ପାଣିରେ ଯାତାୟାତ କରୁଛନ୍ତି। କାହାକୁ କହିଲେ ଶୁଣିବାକୁ କେହିନାହିଁ। ଅଧିକାଂଶ ଗ୍ରାମରେ ପାଣି ନିଷ୍କାସନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୦୭।୨୦୨୬, ଆଷାଢ଼ ଦ୨୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୨୦ ଚନ୍ଦ୍ରୋଦୟ- ରାଘ ୧୧।୨୦।୪୧**

ସପ୍ତମୀ ଦିଘ ୧।୨୭ ପର୍ଯ୍ୟନ୍ତ। **ଉତ୍ତରା ଭାଦ୍ର ନକ୍ଷତ୍ର-** ଦିଘ ୪।୨୫ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧।୨୭ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୯ ଗତେ ଦିଘ ୬।୫୮ ମଧ୍ୟେ। ଦିଘ ୯।୪୧ ଗତେ ଦିଘ ୧୨।୧୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା।



**ମେଷ:** କର୍ମକ୍ଷେତ୍ରରେ ପ୍ରତାରିତ ହେବେ। ସହଯୋଗ ଠାରୁ ଅସହଯୋଗର ପରିମାଣ ବଢ଼ିବ। ଅଯଥା ଦୂରଯାତ୍ରା କରିପାରନ୍ତି। ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହେବାର ସୂଚନା। ରୋଜଗାର ଭଲ ହେବ ।



**ବୃଷ:** ସହଯୋଗରୁ ଉନ୍ନତି ସାଧିତ ହେବ। ଆୟର ପରିମାଣରେ ଉନ୍ନତି ହେବ। ବନ୍ଧୁ ସହଯୋଗ ଲାଭ କରିବେ। ପାରିବାରିକ ଜଞ୍ଜାଳର ସମାଧାନ ହେବ। ସୁସମ୍ବାଦ ପ୍ରାପ୍ତ ହେବାର ସୂଚନା ।



**ମିଥୁନ:** ଦୂରଯାତ୍ରା କରି ସଫଳତା ଲାଭ କରିବେ। ପରିଶ୍ରମର ଫଳ ପାଇ ଉତ୍‌ଫୁଲ୍ଲିତ ହେବେ। କର୍ମଚଞ୍ଚଳ ରହିବେ। ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କଟିବ। ଆୟର ପରିମାଣ ଖର୍ଚ୍ଚ ସହ ସାମନ ହେବ ।



**କର୍କଟ:** କାର୍ଯ୍ୟ ହାନୀ। ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବତା ଯୋଗ। ମନରେ ଦୁଶ୍ଚିନ୍ତା ବଢ଼ିବ। ଅଳସୁଆମୀ ପ୍ରକାଶ ପାଇବ। ରୋଜଗାରରେ ବାଧା । ପାରିବାରିକ ଶାନ୍ତି ଲାଭ ହେବାର ସୂଚନା ।



**ସିଂହ:** ପରିଶ୍ରମ ବୃଦ୍ଧି ପାଇବ। ତଥାପି ଫଳ ଲାଭର ଆଶା କମ୍। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟ ହାନୀ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଗୃହେ ଶାନ୍ତି ଲାଭ ହେବ ।



**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସାଫଲ୍ୟତା ପରିମାଣ ଅଧିକ ହେବ। ସାହାଯ୍ୟ ସହଯୋଗ ଲାଭ କରିବେ। ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ। ଆୟ ଓ ବ୍ୟୟ ପୂର୍ବ ପରି ଚାଲିବ। ପାରିବାରିକ ଶାନ୍ତି ଲାଭ କରିବେ ।



**ତୁଳା:** ବାକ୍ ସଂଯମତା ରହିବନାହିଁ। କର୍ମକ୍ଷେତ୍ରରେ ବିରକ୍ତି ଭାବ ପ୍ରକାଶ ପାଇବ। ମନରେ ଅହଂକାର ଆସିବ। ଆୟର ପରିମାଣ ସ୍ଥିର ରହିବ। ତରବରିଆ ଭାବେ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଘରେ ଜଞ୍ଜାଳ ବଢ଼ିବ ।



**ବିଛା:** ନିଜର ପ୍ରାଧାନ୍ୟତା ବଢ଼ିବ। ବୁଝି ବିଚାରି ପଦକ୍ଷେପ ନେବାକୁ ପଡ଼ିବ। ପରସ୍ପର ଆଲୋଚନା ଦ୍ୱାରା ଭବିଷ୍ୟତ ଉନ୍ନତି ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଜଞ୍ଜାଳ ବୃଦ୍ଧି ହେବ ।



**ଧନୁ:** ମନରେ ଅଯଥା ଦୁଶ୍ଚିନ୍ତା ଉଙ୍କି ମାରିବ। କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତି କରିବ। ସହକର୍ମୀଙ୍କ ସହ ବା କୁଟୁମ୍ବେ କଳହ। ଆୟରେ ବାଧା ଆସିବ। ଶତ୍ରୁଙ୍କ ଠାରୁ ସତର୍କ ରହିବେ ।



**ମକର:** ମନରେ ଉତ୍ସାହ ଆସିବ। କର୍ମକ୍ଷେତ୍ରରେ ବେଶ୍ ପ୍ରଶଂସା ପ୍ରାପ୍ତି ହେବ। ପରୋପକାର କରିବେ। ଉଚ୍ଚ ସମ୍ମାନ ପ୍ରାପ୍ତି ହେବ। ଆୟର ପରିମାଣ ବଢ଼ିବ। ଘର ଚିନ୍ତା ମନରୁ ଯିବ ।



**କୁମ୍ଭ:** କର୍ମ ସ୍ଥାନରେ ସହଯୋଗ ମିଳିବ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଆଶାବାଦୀ ହେବେ। ଆୟରେ ଉନ୍ନତି ହେବ। ପ୍ରଶଂସିତ ହେବେ। ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ ରହୁଛି ।



**ମୀନ:** ଆଜି ଦିନଟି ଆପଣଙ୍କର ଭଲରେ କଟିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟରେ ଉନ୍ନତି ଦେଖାଦେବ। ସାମାଜ ସେବାରେ ପ୍ରଶଂସା ଲାଭ କରିବେ। ଘରେ ଆନନ୍ଦ ଦେଖାଦେବ ।

## ପୋଲିସ୍ କବ୍‌ଜାରେ ସିନ୍ଧି ଚୋର ଗ୍ୟାଙ୍ଗ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

୪ ଜଣିଆ ଆନ୍ତଃରାଜ୍ୟ ସିନ୍ଧି ଚୋର ଗ୍ୟାଙ୍ଗକୁ କାବୁ କରିବାରେ ସକ୍ଷମ ହୋଇଛି ଭଞ୍ଜନଗର ପୋଲିସ୍। ବିଭିନ୍ନ ଅଞ୍ଚଳରୁ ଚୋରି ଅଭିଯୋଗ ଆସିବା ପରେ ବିଭିନ୍ନ ଥାନାର ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଶେଷରେ ୪ ଜଣିଆ ସିନ୍ଧି ଚୋର ଗ୍ୟାଙ୍ଗକୁ କାବୁ କରିଛି ପୋଲିସ । ଏମାନଙ୍କ ଠାରୁ ବହୁ ସୁନା ଅଳଙ୍କାର ଜବତ କରାଯାଇଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୮।୦୭।୨୦୨୬, ଆଷାଢ଼ ଦ୨୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୪୦ ଚନ୍ଦ୍ରୋଦୟ- ରାଘ ୧୧।୫୯।୦୭**

ଅଷ୍ଟମୀ ଦିଘ ୧୨।୨୪ ପର୍ଯ୍ୟନ୍ତ। **ରେବତୀ ନକ୍ଷତ୍ର-** ଦିଘ ୩।୫୮ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଦିଘ ୩।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର । ଦିଘ ୩।୫୮ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । ଦିଘ ୩।୫୮ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଏବଂ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ଦିଘ ୧୨।୨୪ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୭ ଗତେ ଦିଘ ୮।୩୬ ମଧ୍ୟେ। ଦିଘ ୧୦।୧୫ ଗତେ ଦିଘ ୧୧।୨୭ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ଦେବାଳିଆ ଦେଶ ଏବେ ଭାରତୀୟଙ୍କଠାରୁ ଅଧିକ ଧନୀ

ବହୁ ବର୍ଷର ଆର୍ଥିକ ଅସ୍ଥିରତା ପରେ ପୁଣିଥରେ 'ଅପର ମିଡିଲ ଇନକମ୍ ଇକୋନୋମି'ର ସ୍ଥିତି ହାସଲ କରିଛି ପଡୋଶୀ ଦେଶ ଶ୍ରୀଲଙ୍କା । ଏଭଳି ଏକ ସମୟ ଥିଲା ଯେତେବେଳେ ଦେଶ କଙ୍ଗାଳ ହୋଇସାରିଥିଲା। ଦରଦାମ୍ ଏତେ ବଢ଼ିଯାଇଥିଲା ଯେ, ଲୋକମାନେ ରାଷ୍ଟ୍ରପତି ଭବନ ଉପରେ ମଧ କବଜା କରିନେଇଥିଲେ। କିନ୍ତୁ ଏବେ ଏହି ଦେଶ କରିଛି ଜୋରଦାର କମବ୍ୟାକ୍। ବହୁ ବର୍ଷର ଆର୍ଥିକ ଅସ୍ଥିରତା ପରେ ପୁଣିଥରେ 'ଅପର ମିଡିଲ ଇନକମ୍ ଇକୋନୋମି'ର ସ୍ଥିତି ହାସଲ କରିଛି ଶ୍ରୀଲଙ୍କା। କିଛି ବର୍ଷ ତଳେ ନିଜକୁ ଦେବାଳିଆ ଘୋଷିତ କରିସାରିଥିଲା। ବିଦେଶୀ ଋଣ ପରିଶୋଧ କରିପାରିନଥିବାରୁ ଦେଶ ଦେବାଳିଆ ହୋଇଥିଲା। କାରଣ କୋଭିଡ୍-୧୯ କାରଣରୁ ପର୍ଯ୍ୟଟନ ପ୍ରଭାବିତ ହୋଇଥିଲା। ଏହି କାରଣରୁ ସେଠାର ଅର୍ଥନୀତିରେ ସୃଷ୍ଟି ହୋଇଥିଲା ମାନ୍ଦାବସ୍ଥା। ଦରଦାମ୍ ମଧ ହୋଇଥିଲା ଆକାଶ ଛୁଆଁ। ଅସନ୍ତୁଷ୍ଟ ହୋଇ ଲୋକେ ଯାହା କରିଥିଲେ ତାହା ପୁରା ଦୁନିଆ ଦେଖିଥିଲା। ରାଷ୍ଟ୍ରପତି ଭବନ ଦଖଲ କରିଥିଲେ ଅସନ୍ତୁଷ୍ଟ ଜନତା। ଏବେ ଏହି ଦେଶ ପୁଣିଥରେ ନିଜର ପୁରୁଣା ସ୍ଥିତିକୁ ଫେରିଛି। ଦେଶର ଅର୍ଥନୀତି ଉପରେ ବିଶ୍ୱ ବ୍ୟାଙ୍କର ତାଜା ରିପୋର୍ଟ ଦେଇଛି। ଏହା ଅନୁସାରେ, ୨୦୨୨ ରେ ଆସିଥିବା ଗମ୍ଭୀର ଆର୍ଥିକ ସଙ୍କଟ ପରେ ଶ୍ରୀଲଙ୍କା ପାଇଁ ଏହା ଏକ ବଡ଼ ଉପଲବ୍ଧି। ସେଭଳି ଭାରତ ଏବେ ବି 'ଲୋୟର-ମିଡିଲ ଇନକମ୍ ଇକୋନୋମି'ରେ ରହିଛି। ଶ୍ରୀଲଙ୍କାର ଅପଗ୍ରେଡ୍ ବିଶ୍ୱ ବ୍ୟାଙ୍କର ଆୟ ବର୍ଗରେ ଏକ ପ୍ରମୁଖ ପରିବର୍ତ୍ତନର ଅଂଶ। ଏହି ପରିବର୍ତ୍ତନଗୁଡ଼ିକ ୧ ଜୁଲାଇ ୨୦୨୬ ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ୩୦ ଜୁନ୍ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି ବାର୍ଷିକ ଅପଡେଟ୍ ୨୧୮ ଅର୍ଥନୀତିକୁ କଭର୍ କରେ। ଚଳିତ ବର୍ଷ ଏହି ଦେଶଗୁଡ଼ିକ ମଧ୍ୟରୁ ୬ଟିକୁ ଉଚ୍ଚ-ଆୟ ବର୍ଗରେ ରଖାଯାଇଛି। ଶ୍ରୀଲଙ୍କା ବ୍ୟତୀତ, ଭିଏତନାମ, ଫିଲିପାଇନ୍ସ, ଜୋର୍ଡାନ ଏବଂ ମାଇକ୍ରୋନେସିଆର 'ନିମ୍ନ-ମଧ୍ୟମ' ରୁ 'ଉଚ୍ଚ-ମଧ୍ୟମ' ଆୟ ବର୍ଗକୁ ସ୍ଥାନାନ୍ତରିତ କରାଯାଇଛି। ଏହି ସମୟରେ, ମାୟୋଟ୍ 'ଉଚ୍ଚ-ମଧ୍ୟମ' ରୁ 'ଉଚ୍ଚ-ଆୟ' ବର୍ଗକୁ ସ୍ଥାନାନ୍ତରିତ ହୋଇଛି। ବିଶ୍ୱ ବ୍ୟାଙ୍କ ଅନୁଯାୟୀ, ଶ୍ରୀଲଙ୍କାର 'ଅପର ମିଡିଲ ଇନକମ୍' କାଟାଗୋରୀକୁ ସ୍ଥାନାନ୍ତର ହେବା, ଏହାର ଆର୍ଥିକ ସଙ୍କଟରୁ ମୁକ୍ତି ପାଇବାର ପ୍ରୋସେସ୍ ଭାବରେ ଦେଖାଯାଉଛି। ସେଭଳି ୨୦୨୨ରେ ଏହି ଦେଶସାର୍ବଭୌମ ଋଣ ଖିଲାପ(Sovereign Debt Default) ସ୍ଥିତିରେ ପହଞ୍ଚି ଯାଇଥିଲା। ଦେଶ ୨୦୨୫ରେ ୫ ପ୍ରତିଶତ ପ୍ରକୃତ GDP ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି, ଯେତେବେଳେ ଏହାର ମୁଣ୍ଡପିଚ୍ଛା ମୋଟ ଜାତୀୟ ଆୟ (GNI)ରେ ୧୧.୨ ପ୍ରତିଶତ ବୃଦ୍ଧି ପାଇଛି। ବିଶ୍ୱ ବ୍ୟାଙ୍କ ଏହା ପଛର କାରଣ ଉନ୍ନତ ଆର୍ଥିକ ଗତିବିଧି, କମ୍ ମୁଦ୍ରାସ୍ଫିତି ଓ ଏକ୍ସଚେଞ୍ଜ ରେଟ୍ରେ ସ୍ଥିରତା ବୋଲି କହିଛି। ଏହି କାରଣରୁ ନୂଆ କାଟାଗୋରୀରେ ଶ୍ରୀଲଙ୍କା ପ୍ରତି ବ୍ୟକ୍ତିଙ୍କ ଆୟ 'ଅପର ମିଡିଲ ଇନକମ୍' ଥିବା ଅର୍ଥ ବ୍ୟବସ୍ଥା ପାଇଁ ଧାର୍ଯ୍ୟ ସୀମାଠାରୁ ଉପରେ ପହଞ୍ଚି ଯାଇଛି। ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଗୋଟିଏ ହେବା ସତ୍ତ୍ୱେ, ଭାରତକୁ ଏବେ ବି 'ନିମ୍ନ-ମଧ୍ୟମ ଆୟ ଅର୍ଥନୀତି' ଭାବରେ ବର୍ଗୀକୃତ କରାଯାଇଛି। ଏହାର କାରଣ ବିଶ୍ୱ ବ୍ୟାଙ୍କ ମୋଟ ଏଉଚ ପରିବର୍ତ୍ତେ 'ପ୍ରତି ମୁଣ୍ଡପିଚ୍ଛା GNI' ବ୍ୟବହାର କରେ। ଯଦିଓ ଭାରତ ମୋଟ ଆକାର ଦୃଷ୍ଟିରୁ ବିଶ୍ୱର ସର୍ବବୃହତ ଅର୍ଥନୀତି ମଧ୍ୟରୁ ଗୋଟିଏ, କିନ୍ତୁ ଏହାର ଆୟ ୧୪୦ କୋଟିରୁ ଅଧିକ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ଫଳସ୍ୱରୂପ, ହାରାହାରି ମୁଣ୍ଡପିଚ୍ଛା ଆୟ 'ଉଚ୍ଚ ମଧ୍ୟବିତ୍ତ ବର୍ଗ ଆୟ' ସୀମାଠାରୁ ତଳେ ଅଛି।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଶକ୍ତି

ବାହ୍ୟ ବସ୍ତୁକୁ ଦେଖି ଅନ୍ତର୍ନିହିତ ଶକ୍ତିର ମୂଲ୍ୟ ନିରୂପଣ କରାଯାଏ ନାହିଁ। ତେଣୁ ହେ ସୁଧିଜନ ବର୍ତ୍ତମାନ ସମସ୍ତେ ଉପରମୁହାଁ। ନାରୀ, ମଦ, ସମ୍ପଦ ଉପରେ ନିର୍ଭରଶୀଳ ସମାଜ କଣ ତିଷ୍ଠିପାରିବ ବେଶି ସମୟ, ଭଲ କରି ବିଚାର କରି ଦେଖ। ଦୁର୍ଯ୍ୟୋଧନ ରକ୍ତନଦୀ ସନ୍ତରଣ କରିବା ଯାହା ବର୍ତ୍ତମାନର ମନୁଷ୍ୟ ସେହିପରି କାଳଫାଶ ଦ୍ୱାରା ବନ୍ଦୀ ହୋଇ ସାରିଲେଣି। ଖାଲି ବାହ୍ୟ ଚକାଚକ୍‌ରେ ନିଜକୁ ହଜାଇ ଦେଲେଣି । ଅନ୍ତରର ସ୍ୱର ଲିଭିଗଲାଣି । ଆଉ ପୁରୁଷତ୍ୱ ନାହିଁ । ସବୁ ବାବନା ଭୂତ । ଭଲ ମଣିଷ ପୁରସ୍କୃତ ହେବା ପରିବର୍ତ୍ତେ ତିରସ୍କାର ପାଉଛି । ଏହାର କାରଣ ସମସ୍ତେ ନୀତିହରା ପଥଭ୍ରଷ୍ଟ ହୋଇ ସାରିଲେଣି । ଆଉ ଗୁରୁ ଶିଷ୍ୟର ପରମ୍ପରା ନାହିଁ। ଭକ୍ତ ଭଗବାନ ସମ୍ପର୍କ ଖାଲି ବାହ୍ୟ ଆବରଣ ନୀତି ଆଦର୍ଶ ନାଁରେ ଖାଲି ଲୁଣ୍ଠନ । ପରମାର୍ଥିକ ପ୍ରେମ ଫିକା ପଡିଗଲାଣି,ମଣିଷର ହସ ଲିଭିଗଲାଣି, ଭାବ ହଜିଗଲାଣି। ଅନ୍ତର୍ମୁଖୀ ହସ କେବଳ ମୁଖରେ, ସେଥିରେ ମାଦକତା ନାହିଁ। ଭାବ ଆଜି ଭୋଗ ବିଳାସ, ପ୍ରାଚୁର୍ଯ୍ୟ ର ଲହଡି ମାରୁଛି । ତାର ଅର୍ଥ ମୁଁ ସବୁକରୁଛି, ମୁଁ ହିଁ କର୍ତ୍ତା, ଆରେ ଯେଉଁ ଶରୀର ଆଜି ଅଛି କାଲିକି ନଥିବ ତୁ କଣ କରୁଛୁ । ସବୁ ସେଇ ଅନ୍ତର ଆତ୍ମା ପରମାତ୍ମା ପରମପିତା ପରମଗୁରୁଙ୍କ କୃପା, ସାବଧାନ । ହରିଓଁ ।

### ଧନ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ସଂସାରରେ ସମସ୍ତେ ଧନ ରୋଜଗାର ପାଇଁ ବ୍ୟସ୍ତ, ମାନ ସମ୍ମାନ ପାଇଁ ବ୍ୟସ୍ତ, କିନ୍ତୁ ଧନ୍ୟ କେତେଜଣ ହୋଇପାରିଛନ୍ତି ?(ପରୋପକାରାୟଃ ସ୍ୱର୍ଗାୟଃ)ଧନ୍ୟ ସେହି ଲୋକ ଯେ ପରର ଉପକାର ପାଇଁ ସର୍ବଦା ଚେଷ୍ଟିତ ହୋଇଥାଏ ସେ ଧନ ପଛରେ ଗୋଡାଏ ନାହିଁ ଧନ ତା ପଛରେ ଗୋଡାଏ । ମାନ ସମ୍ମାନ ତା ପଛରେ ଗୋଡାଇଥାଏ । କିନ୍ତୁ ସେଥିପ୍ରତି ଦୃଷ୍ଟି ନ ଦେଇ ପରମ ସେବାରେ ନିଜକୁ ହଜାଇ ମଜାଇ ଦେଇଥାଏ । ସେ ହିଁ ଧନରୁ ଧନ୍ୟ ହୋଇଯାଇଥାଏ । ସେ ରିକ୍ସାବାଲା ହେଉ କି ରାଷ୍ଟ୍ରପତି ହେଉ କର୍ତ୍ତବ୍ୟରେ ଯେ ନିଷ୍ଠା ରଖି ସମାଜ ପାଇଁ କିଛି ସ୍ମୃତି ଛାଡିଯାଏ ସେ ଆପେ ଆପେ ପ୍ରଭୂଙ୍କ ଦରବାରରେ ଧନ୍ୟ ହୋଇଯାଏ । ତେଣୁ ଧର୍ମ ପାଇଁ ଧକ୍କା ସହିବାକୁ ପଡେ, ଆଉ ଯିଏ ଧକ୍କା ସହେ ସେହିଁ ଧୈର୍ଯ୍ୟବାନ୍ ବ୍ୟକ୍ତି । ସେହି ଧନ୍ୟ, କାରଣ ସେ ପିଟା ସୁନା । ସେ ଜନ୍ମର ମୂଲ୍ୟକୁ ବୁଝିପାରିଥାଏ । ସୃଷ୍ଟିର ରହସ୍ୟ କୁ ଭେଦି ପାରିଥାଏ । କାରଣ ଶୂନ୍ୟ ହିଁ ପୂର୍ଣ୍ଣ ଆଗ ଶୂନ୍ୟ ହେବା ପାଇଁ ଚେଷ୍ଟା କର । କାରଣ କଥାରେ ଅଛି-

କସି କସାଇ ଧନ ଦେବ
ନହେଲେ ବାହୁଡାଇ ଦେବ ।

---

# ବଡ଼ଦାଣ୍ଡରେ ଜୀବ ଓ ପରମ



ମନୋରଞ୍ଜନ ମହାନ୍ତି
ଇଂରାଜୀ ବିଭାଗ ମୁଖ୍ୟ
ଧର୍ମଶାଳା
ମହାବିଦ୍ୟାଳୟ, ଯାଜପୁର
୯୮୫୩୨୮୨୯୬୨

ଜୀବର ଆବେଦନ, ହୃଦୟର ଆବାହନର ଫଳ ହେଉଛି ରତ୍ନବେଦୀରୁ ପରମର ଅବତରଣ, ବଡ଼ଦାଣ୍ଡକୁ ଆଗମନ । ଅବତରଣ, ଆଗମନର ମୁହୂର୍ତ୍ତଗୁଡ଼ିକ ଅପ୍ରକାଶ୍ୟ, କେବଳ ଅନୁଭବ୍ୟ । ଦିବ୍ୟତ୍ୱରେ ପୂର୍ଣ୍ଣ ହୋଇଯାଏ ପଞ୍ଚଭୂତ । ବ୍ୟୋମରୁ ଝରିପଡ଼େ ବରାଭୟର ବିଭୂତି, ବାୟୁମଣ୍ଡଳ ସୁରଭିତ ହୁଏ ସକଳ ସକାରାତ୍ମକ ଶକ୍ତିର ସୁଗନ୍ଧରେ, ଭୂଭାଗରେ ଦୃଶ୍ୟ ହୁଏ ପୁଲକପ୍ଲାବିତ ଅଗଣିତ ନେତ୍ର, ପାରାବାରର ଜଳମଣ୍ଡଳରେ ଆଶିଷର ଅସଂଖ୍ୟ ଜୁଆରା ଜୀବର ଭକ୍ତିଭରା ମନୋମଣ୍ଡଳ ଉଦ୍ବେଳିତ ହୋଇଯାଏ ଅମୃତର ଊର୍ଦ୍ଧ୍ୱତମ ସୋପାନକୁ। କ୍ଷିତି, ଅପ, ତେଜ, ବ୍ୟୋମ, ମରୁତର ଉଲ୍ଲାସମୟ ଉତ୍ତରଣ ସତରେ ଅପୂର୍ବ, ଅନିର୍ବଚନୀୟ । ଚତୁର୍ଦ୍ଧା ମୂର୍ତ୍ତିଙ୍କର ମଧୁର ଯାତ୍ରା ଭକ୍ତକୁଳର ମନୋଲୋଭା, ଏକ ବୈଶ୍ୱିକ, ବ୍ରହ୍ମାଣ୍ଡୀୟ ଶୋଭା ଏବଂ ମାନବ-ସମୁଦାୟର ବିପୁଳ ଜୀବନୀଶକ୍ତିର ସମନ୍ୱିତ ଆଭା । ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରାଙ୍କ ରଥତ୍ରୟ ସତେ ଯେମିତି ଆହ୍ୱାନ ଦେଉଛି ଐଶୀଶକ୍ତିର ଅନ୍ତହୀନ ସ୍ରୋତରେ ହାର୍ଦ୍ଦିକ ସ୍ନାନ, ଆତ୍ମିକ ଅବଗାହନ ନିମିତ୍ତ । ଜଳ, ସ୍ଥଳ, ଆକାଶର ଅମାପ ପରିସର ଭଳି ମଣିଷର ଜୀବନ ଅମାପ । ମଣିଷର ଅନ୍ତଃକରଣ ଅନନ୍ତ ଶକ୍ତିର ଉଜ୍ଜ୍ୱଳ ଉତ୍ସ । ପରମ ପୁରୁଷଙ୍କ ଜାଗତିକ ଐଶ୍ୱର୍ଯ୍ୟକୁ ଉପଲବ୍‌ଧି କରିବା ପାଇଁ ମଣିଷର ହୃଦୟଟିଏ ଅଛି । ବଡ଼ଦାଣ୍ଡରେ ଏବେବି ଭକ୍ତମାନେ ଖୋଜନ୍ତି ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସଙ୍କୁ, ଯାହାଙ୍କ ହୃଦୟରୁ ଦିନେ ଝରିଆସିଥିଲା, 'ଯୋହି ରାମ ସୋୟି ଜଗଦୀଶା', 'ତୁଳସୀ, ୟହ ତନୁ କ୍ଷେତ ହୟ / ମନ ବଚ କର୍ମ କିଷାନ୍/ ପାପ ପୁଣ୍ୟ ଦୁଇ ବୀଜ ହୟ ।' ସନ୍ଥ କବୀର ଦାସଙ୍କ ହୃଦୟରେ ଦିନେ ଝଙ୍କାର ତୋଳିଥିଲା ଅମୃତମୟ ଶବ୍ଦ କେତୋଟି, 'କବୀରା, ସୋୟି ପୀର୍ ହୟ ଯୋ ଜାନେ ପର୍ ପୀର୍ ।' ଗୁରୁ ନାନକଙ୍କ ହୃଦୟରୁ ଉଦାତ୍ତ ସ୍ୱରରେ ସ୍ଫୁରିତ ହେଲା, 'ନାନକ୍, ନାନ୍ ହି ରହୋ ଯୈସେ ନାନ୍ ହି ଦୁବ୍' ଅତଏବ୍ ମଣିଷର ହୃଦୟଟିଏ ଅଛି ପରମ ପୁରୁଷଙ୍କ ସୂକ୍ଷ୍ମ ସତ୍ତାକୁ ଅନୁଭବ କରି ସତ୍ତା ସମକ୍ଷରେ ସ୍ୱୟଂ ସମର୍ପିତ ହୋଇଯିବା ପାଇଁ, ଶୁକ୍ଳକର୍ମ ନିର୍ବାହ ନିମିତ୍ତ ଶୁଦ୍ଧ ସଂକଳ୍ପ ଗ୍ରହଣ କରିବା ପାଇଁ, ବ୍ୟକ୍ତିସତ୍ତାକୁ ବିଶ୍ୱଜୀବନର ସମଗ୍ର ସତ୍ତା ସହିତ ସମ୍ମିଳିତ କରାଇ ସେବା, ସହାବସ୍ଥାନର ଅନ୍ତରଙ୍ଗ ସାଧନାରେ ଅଭିନିବିଷ୍ଟ ହବା ପାଇଁ । ଶ୍ରୀକ୍ଷେତ୍ରର ଶ୍ରୀସମ୍ପନ୍ନ ବଡ଼ଦାଣ୍ଡ ଆମକୁ ସେହି ସମର୍ପଣ, ସଂକଳ୍ପ, ସାଧନାର ସାତ୍ତ୍ୱିକ ସଂକେତ ଦେଉଛି କେବଳ ଦାରୁଭୂତ, ଲୀଳାମୟ ପୁରୁଷୋତ୍ତମଙ୍କ ନଅଦିନ ଯାତ୍ରାରେ ନୁହଁ, ଦୈନନ୍ଦିନ ଆମ ପାର୍ଥିବ ଜୀବନର ପ୍ରତି ମୁହୂର୍ତ୍ତ ଯାତ୍ରାରେ। ବଡ଼ଦାଣ୍ଡରେ ଭକ୍ତ ସ୍ମରଣ କରନ୍ତି ଶ୍ରୀ ଚୈତନ୍ୟଙ୍କ ଭକ୍ତିରସାଣିତ ଚିନ୍ତା ଚେତନା ଚରିତକୁ, ବିଭୁନାମ କୀର୍ତ୍ତନ କାଳରେ ଭକ୍ତିବିଭୋର ମୁହୂର୍ତ୍ତଗୁଡ଼ିକୁ । ଭକ୍ତର ମନୋଭୂମି ଆଚ୍ଛନ୍ନ ହୋଇଯାଏ ମାଧବାଚାର୍ଯ୍ୟ, ସାୟଣାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ରାୟ ରାମାନନ୍ଦଙ୍କ ଅନ୍ତରର ଦିବ୍ୟ ଆନନ୍ଦ ପ୍ରାଚୁର୍ଯ୍ୟରେ । ବଡ଼ଦାଣ୍ଡରେ ସ୍ୱଷ୍ଟ ଶୁଭୁଥାଏ ତନ୍ତ୍ର ସାଧନାର ତପସ୍ୱୀ, ଯୋଗ ସାଧନାର ଯାଜ୍ଞିକ, ଜ୍ଞାନ ସାଧନାର ଅଗ୍ନିହୋତ୍ରୀ, ପ୍ରେମ ସାଧନାର ପରମାର୍ଥୀ, ଋଷି ନିଗମାନନ୍ଦଙ୍କ 'ଅସାମ୍ପ୍ରଦାୟିକ ଭାବରେ ସନାତନ ଧର୍ମ ପ୍ରଚାର'ର ଉଦ୍‌ଘୋଷଣା । ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ ରଥଗୁଡ଼ିକ ବଡ଼ଦାଣ୍ଡରେ ଗଡ଼ି ଗଡ଼ି ଯାଉଥିଲାବେଳେ ଭକ୍ତମାନଙ୍କ କର୍ଣ୍ଣକୁହରରେ ସତେ ଯେମିତି କେହି କହିଦେଉଥାଏ ମହର୍ଷି ବାଲ୍ମୀକିଙ୍କ କରୁଣାର କାଳଜୟୀ ବାଣୀ (ମା' ନିଷାଦ ପ୍ରତିଷ୍ଠାଂ ...) କିମ୍ବା ପରମ ପୁରୁଷଙ୍କ ସ୍ତୁତିପାଠ (ଆରାଧେୟ ଜଗନ୍ନାଥଃ ଇକ୍ଷ୍ୱାକୁ କୁଳ ଦୈବତମ୍), କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ବିନୟବ୍ୟଞ୍ଜିତ ଶବ୍ଦାବଳୀ (କରୌ ହରେର୍ମନ୍ଦିର ମାର୍ଜନାଦିଷୁ ...), ବିଲ୍ୱମଙ୍ଗଳଙ୍କ ପ୍ରାର୍ଥନା 'ହେ ଦେବ, ହେ ଦୟିତ, ହେ ଭୁବନୈକ ବନ୍ଧୋ', ଜୟଦେବଙ୍କ କାନ୍ତ କୋମଳ ପଦଟିଏ 'ପ୍ରଭୁ ତୁମେ ଦିନମଣି ମଣ୍ଡଳ ମଣ୍ଡନ', ସାଲବେଗଙ୍କ 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ', ଉପେନ୍ଦ୍ର ଭଞ୍ଜଙ୍କ 'ସେ କମ୍ବୁକଟକ ରାଜା ନାମ ଜଗନ୍ନାଥ', ଦୀନକୃଷ୍ଣଙ୍କ 'ଯୁଗ ଯୁଗର ସାଥି ଅଭେଦ ତା'ର ପ୍ରୀତି ତା' ଛନ୍ଦାଚରଣେ ମୁହିଁ ଦାସୀ/ ମୋ ପ୍ରଭୁ ଜଗନ୍ନାଥ ସେ ଯେ କମଳାକାନ୍ତ ପୁରୁଷୋତ୍ତମ କ୍ଷେତ୍ରବାସୀ', ସାତଲହଡ଼ି ମଠର ମହନ୍ତ, ଓଡ଼ିଆ ଭାଗବତକାର, ପୁଣ୍ୟଶ୍ଳୋକ ଜଗନ୍ନାଥ ଦାସଙ୍କ ଦୁଇଟି ଧାଡ଼ି 'ଯାହାର ନାହିଁ ଆଦି ଅନ୍ତ / ଧ୍ୟାନେ ଚିନ୍ତନ୍ତି ମୁନି ସନ୍ଥ' । ଯାହାର ଆଦି ନାହିଁ, ଅନ୍ତ ନାହିଁ, ଯିଏ ଅନାଦି, ଅନନ୍ତ, ଅକ୍ଷୟ, ଅଚ୍ୟୁତ, ଅବ୍ୟୟ ପୁରୁଷ, ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ, ମହୀମଣ୍ଡଳର ମହାନାୟକ, ବିଶ୍ୱଚିନ୍ତାମଣି ପରମ ପୁରୁଷ, ଯାହାଙ୍କୁ ମୁନି ସନ୍ଥମାନେ ଧ୍ୟାନରେ ଚିନ୍ତା କରନ୍ତି, ସେ ସ୍ୱୟଂ କ'ଣ ଭକ୍ତ କାନରେ କହିଦିଅନ୍ତି କି ଏସବୁ କଥା ! ଏହିପରି ହିଁ ବୋଧ ହେଉଥାଏ । ରଥଗୁଡ଼ିକ ଘର୍ଘର ନାଦ କରି ଭକ୍ତମାନଙ୍କୁ ସତେ ଯେପରି କହୁଥାଆନ୍ତି, "ତୁମ ପ୍ରତ୍ୟେକଙ୍କ ଜୀବନରେ କେତେ ଜ୍ୱାଳା, ଜଂଜାଳ, ଯନ୍ତ୍ରଣା ଭରି ରହିଛି । ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ଗାମ୍ଭୀର୍ଯ୍ୟର ସହିତ ଜୀବନ-ଯାତ୍ରାରେ ଅଗ୍ରସର ହୁଅ । ତୁମ ପ୍ରତ୍ୟେକଙ୍କ ଘର ଗୋଟିଏ ଗୋଟିଏ ଶ୍ରୀମନ୍ଦିର । 'ଘର' ହେଉଛି ସକଳ ଜାଗତିକ ରମଣୀୟତାର ଘନୀଭୂତ ରୂପ । ଘର ଭିତର ପରିଷ୍କାର, ବାହାର ପରିଚ୍ଛନ୍ନ ରହୁ । ଘରେ ରହୁଥିବା ମଣିଷମାନଙ୍କର ଅନ୍ତଃକରଣ ପରିଷ୍କାର, ବାହ୍ୟ ଆବରଣ ପରିଚ୍ଛନ୍ନ ହେଉ । ଅର୍ଥାତ୍ ତୁମେ ଉଭୟ ଅନ୍ତରଙ୍ଗ ଓ ବହିରଙ୍ଗ ସୌନ୍ଦର୍ଯ୍ୟର ସାଧନାରେ ନିରତ ହୁଅ । ତୁମେ ଆଦର୍ଶ ଗୃହସ୍ଥ ହୁଅ । ଘରେ ଓ ବାହାରେ ବଡ଼ ସାନ 'ଜ୍ଞାନ' ରହୁ, ବଡ଼ ଅର୍ଥାତ୍ ବରିଷ୍ଠମାନଙ୍କୁ ସମ୍ମାନ, ସାନ ଅର୍ଥାତ୍ କନିଷ୍ଠମାନଙ୍କୁ ଶ୍ରଦ୍ଧାର ଭାବ ରଖା ପରସ୍ପରକୁ 'ଉର୍ଜା' ବା ଶକ୍ତି ଯୋଗାଅ, ଜଣେ ତଳେ ପଡ଼ିଗଲେ ଆଉ ଜଣେ ତା'କୁ ଉପରକୁ ଉଠାଇନିଅ, ଅର୍ଥାତ୍ ପରସ୍ପର ପ୍ରତି ସହାୟତାର ହାତ ବଢ଼ାଇଦିଅ । ପ୍ରତ୍ୟେକେ 'ହିତାହିତ ବିଚାର' ରଖ, ଅର୍ଥାତ୍ ଯାହା ସମସ୍ତଙ୍କ ପାଇଁ ହିତ ତାହା କର, ଯାହା ଅହିତ ତାହା କର ନାହିଁ । ଘରେ ଯେଉଁ 'ଦେବ-ଆସନ' ପ୍ରତିଷ୍ଠା କରିଛ ତାହା ନିତ୍ୟ ଆନନ୍ଦର ସ୍ୱରୂପ ବୋଲି ବୁଝ । ଅନ୍ତରରେ ପବିତ୍ରତାର ଉତ୍ତରଣ ହେଲେ, ଘରେ ଓ ବାହାରେ ଆନନ୍ଦର ଜାହ୍ନବୀ ପ୍ରବାହିତ ହେବ, ତାହାହିଁ ହେବ ଦେବ-ଆସନର ଯଥାର୍ଥ 'ପୂଜା' । ଏତିକି ସ୍ମରଣ ରଖିଲେ ଘରଟି ରୂପାନ୍ତରିତ ହୋଇଯିବ ଗୋଟେ ଶ୍ରୀମନ୍ଦିରରେ । ପ୍ରତ୍ୟେକ ମଣିଷର ଜୀବନ-ରଥ ଗଡ଼ିଚାଲିବ ନିର୍ବିଘ୍ନରେ, ନିରାପଦରେ ।" ମହାତ୍ମାମାନେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି ନୀଳାଦ୍ରିବିହାରୀଙ୍କ ଦର୍ଶନ ନିମିତ୍ତ । ବଡ଼ଦାଣ୍ଡ କୋଳେଇ ନେଇଛି ସମସ୍ତଙ୍କୁ ଆଦରରେ, ଆନନ୍ଦରେ । ସେହି ଆଦର, ଆନନ୍ଦର ଆକର୍ଷଣରେ ଭକ୍ତକୁଳ ସବୁ କାଳରେ ଆସୁଛନ୍ତି ଶ୍ରୀକ୍ଷେତ୍ରକୁ, ସବୁଠି ଧ୍ୱନିତ ହେଉଛି ଗୋଟିଏ ସ୍ୱର 'ମୁଁ କ୍ଷେତ୍ର ଯିବି ...' । ଶ୍ରୀକ୍ଷେତ୍ରରେ ନେତ କହୁଛି 'ମୁକ୍ତ ସମୀରଣର ମୃଦୁଳ କମ୍ପନକୁ ଅନୁଭବ କର', ମନ୍ଦିର କହୁଛି, 'ହୃଦୟରେ ମମତାର ଦ୍ୱାର ଉନ୍ମୁକ୍ତ କର', ଦିଅଁମାନେ କହୁଛନ୍ତି, 'ଦେବତ୍ୱରେ ଅଧିରୂଢ଼ ହୁଅ', ବାଇଶି ପାହାଚ କହୁଛି, 'ଆରୋହଣ, ଅବରୋହଣର ପ୍ରତିଟି ମୁହୂର୍ତ୍ତରେ ଜଗତ୍ ବା ବ୍ରହ୍ମାଣ୍ଡ ଈଶଙ୍କୁ ସ୍ମରଣ କର', ଆନନ୍ଦବଜାର କହୁଛି, 'ସାତ୍ତ୍ୱିକ ଖାଦ୍ୟରେ ଦିବ୍ୟ ଆନନ୍ଦର ଅମୃତକୁ ଆକଣ୍ଠ ପାନ କର', ଭକ୍ତ ଗରୁଡ଼, ଅରୁଣ କହୁଛନ୍ତି, 'ଜୀବନରେ ଭଗବତ୍ ଭାବ ବିଭବ ଅର୍ଜନ କର', ବଡ଼ଦାଣ୍ଡ କହୁଛି, 'ମନୋଭୂମିକୁ ପ୍ରଶସ୍ତ କରି ପୁରୁଷୋତ୍ତମଙ୍କୁ ସଂସ୍ଥାପନ କର', ରଥମାନେ କହୁଛନ୍ତି, 'ଐଶୀ ଚେତନାରେ ସ୍ଥିତ ହୋଇ ଜୀବନ ଓ ଜଗତ୍‌କୁ ରମଣୀୟ କର, ଜୀବନ-ଯାତ୍ରାକୁ ମଧୁମଂଜୁଳ କର', ସମୁଦ୍ର କହୁଛି, 'ମମତା ଓ ଦୟାର ସଲିଳରେ ହୃଦୟକୁ ସିକ୍ତ କର' । ବଡ଼ଦାଣ୍ଡରେ ଜୀବ ଓ ପରମର ମିଳନ ବେଳାରେ ଭକ୍ତମାନଙ୍କ କର୍ଣ୍ଣରେ ଧ୍ୱନିତ ହେଉଛି ଏହି ଆହ୍ୱାନସବୁ ।

---

# ଆମ ସଂସ୍କୃତିରେ ଜଗନ୍ନାଥ



ଉମାଶଙ୍କର ପ୍ରସାଦ
ସ୍ତମ୍ଭକାର,
ଖୋରଧା
ମୋ-୬୩୭୦୬ ୭୫୫୬୨

ସମଗ୍ର ବିଶ୍ୱର, ବୈଚିତ୍ର୍ୟକୁ ନିଜର ଗର୍ଭରେ ଧାରଣ କରି ଯୁଗ ଯୁଗର ରହସ୍ୟମୟ ମହାପ୍ରଭୁ ନିଳାଚଳ ପତି ଶ୍ରୀ ଜଗନ୍ନାଥ ମାନବ ଚେତନା, ସଂସ୍କୃତି ଓ ଭାବଧାରାର ଏକ ଅନନ୍ୟ ଉତ୍ସ। କେବଳ ସେତିକି ନୁହଁ ସେ ସଂସାରର ସମସ୍ତ ପ୍ରଶ୍ନର ଉତ୍ତରଦାତା। ସେ ପଥ ସେ ମଧ ପଥିକ। ସେ ଦୃଷ୍ଟି ସେ ମଧ ଦ୍ରଷ୍ଟା। ସେ ସୃଷ୍ଟି ଓ ସେ ହିଁ ସ୍ରଷ୍ଟା। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ ସମନ୍ୱୟର ଠାକୁର। ଏପରି ଜଣେ ଗଣଦେବତାଙ୍କ ସଂସ୍କୃତିରେ ରସାଣିତ ହେଉଛି, ଅନୁରଣିତ ହେଉଛି ଓଡିଶାର 'ଲୋକସଂସ୍କୃତି'। ଏହି ସଂସ୍କୃତି କୌଣସି ପୋଥିପତ୍ର, ଜ୍ଞାନବିଜ୍ଞାନ, ଚିନ୍ତା ଚେତନାର ଘଣ୍ଟା ଚକଟାରୁ ଫଳପ୍ରସୂ ହୋଇନାହିଁ। ତାହା କେଉଁ ଆବାହମାନ କାଳରୁ ଆମ ଜୀବନଧାରା ସହ ସଂଶ୍ଳିଷ୍ଟ। ଆମ ଲୋକ ସଂସ୍କୃତି ଏତେ ଆକର୍ଷଣୀୟ, ଲୋଭନୀୟ ଓ ଗ୍ରହଣୀୟ ଯେ ତାହା ଲୋକମାନଙ୍କ ଅନ୍ତର୍ନିହିତ ଚେତନାକୁ ସୂଚାଇବା ସହ ଓଡିଆ ଜାତିର ଅସ୍ମିତାଜାଗତ ହୋଇଚି। ସମୟର ସ୍ରୋତ କିନ୍ତୁ ପରିବର୍ତ୍ତନ କରିପାରିନି ଆମ ଲୋକ ସଂସ୍କୃତିକୁ, ବରଂ ସେହି ଲୋକସଂସ୍କୃତିକୁ ଭିତ୍ତିକରି ଆମର ସୃଷ୍ଟି ହୋଇଛି ପାରମ୍ପରିକ ଉତ୍କଳୀୟ ସଂସ୍କୃତି। ଆମ ଲୋକସଂସ୍କୃତି ଭିତରେ ରହିଛି ଆମର ଲୋକାଚାର, ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟ, ଲୋକକଳା, ଲୋକସଂଗୀତ ଇତ୍ୟାଦି। ଜଗନ୍ନାଥଙ୍କ ପାଖରେ ଲୋକସଂସ୍କୃତିର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ। ଲୋକସଂସ୍କୃତି ହିଁ ପରଂବ୍ରହ୍ମଙ୍କର ଦେବତ୍ୱର ଅଲୌକିକତାକୁ ଲୌକିକ କରି ଓଡିଆ ଜାତିର ସଂସ୍କୃତି, ପରମ୍ପରା, ରୀତିନୀତିର ଠାକୁର ରୂପେ ପରିଚିତ କରାଇଛି। ବିଶ୍ୱାସବୋଧ ଉପରେ ପ୍ରତିଷ୍ଠିତ ମଣିଷର ଅନେକ ଆଚାର, ବିଚାର, ରୀତିନୀତି କେବଳ ପାରିବାରିକ ନୁହେଁ, ବରଂ ସାମାଜିକ ଜୀବନକୁ ଶୃଙ୍ଖଳିତ ନିୟମିତ କରି ଗଢି ତୋଳିବାରେ ଏହି ଲୋକାଚାର ଅନେକ କ୍ଷେତ୍ରରେ ଜରୁରୀ ଅଟେ। ଦୈନନ୍ଦିନ ଜୀବନରେ ଦେଖିବାକୁ ମିଳୁଥିବା ଏହି ଲୋକାଚାର କୋଟିକୈବଲ୍ୟର ନାଥ ଜଗନ୍ନାଥଙ୍କ ପାଖରେ ମଧ ଦେଖିବାକୁ ମିଳିଥାଏ। ଆମ ସାମାଜିକ ଲୋକାଚାରରେ ସ୍ୱାମୀଙ୍କ ବଡ ଭାଇ ଶ୍ୱଶୁରଙ୍କ ଠାରୁ ମଧ ଅଧିକ ସମ୍ମାନସ୍ପଦ। ତେଣୁ ସମ୍ମାନ ଦୃଷ୍ଟିରୁ ସାନଭାଇଙ୍କ ପତ୍ନୀ ନିଜ ଦେଢଶୁରଙ୍କ ସାମ୍ନାକୁ ଯାଆନ୍ତି ନାହିଁ। ଏହି ମାନ୍ୟତାକୁ ଆଜି ମଧ ଶ୍ରୀମନ୍ଦିରରେ ରତ୍ନସିଂହାସନରେ ଭାଇ ଭଉଣୀର ଅନାବିଳ ସମ୍ପର୍କର ଦ୍ୟୋତକ ପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର ଭଉଣୀସୁଭଦ୍ରାଙ୍କୁ ନେଇ ବିରାଜିତ ହୋଇ ଥିବାରୁ ମା' ଲକ୍ଷ୍ମୀ ଠାକୁରାଣୀ ଅନ୍ୟ ଏକ ମନ୍ଦିରରେ ଅଧିଷ୍ଠିତା। ସେହି ଲୋକସଂସ୍କୃତି ଓ ଲୋକାଚାରକୁ ସାକ୍ଷୀ ରଖି ମା' ଲକ୍ଷ୍ମୀ ରତ୍ନ ସିଂହାସନରେ ବସନ୍ତି ନାହିଁ କି ରଥଯାତ୍ରାରେ ରଥାରୁଢ ହୋଇ ନବଦିନ ବ୍ୟାପୀ ଗୁଣ୍ଡିଚା ମନ୍ଦିର ଯାଆନ୍ତି ନାହିଁ। ଜଣେ ସାଧାରଣ ଲୋକ ପରି ଜଗନ୍ନାଥ ନିତିଦିନ ସ୍ନାନ କରନ୍ତି , ସ୍ନାନ ସମୟରେ ଗାମୁଛା (ତଡପ) ପରିଧାନ କରନ୍ତି। ଓଡିଆ ଲୋକଙ୍କ ପଖାଳ ପ୍ରିୟ। ଦିନମାନ ପରିଶ୍ରମ କରି ଦୁଇବେଳା ଦୁଇମୁଠା ପଖାଳ ଯେପରି ସେମାନଙ୍କର ପ୍ରିୟ ଠିକ୍ ସେପରି ଜଗନ୍ନାଥଙ୍କର ମଧ ପଖାଳ, କଦଳୀବଡା ଆଦି ଅତ୍ୟନ୍ତ ପ୍ରିୟ। ପ୍ରଭୁଙ୍କର ବେଶ ପରିଧାନ ମଧ ଓଡିଆଙ୍କ ପରି ସାଧାରଣ ଲୋକଙ୍କ ଗାମୁଛା ଯେପରି ପ୍ରିୟ ଧନୀ ଘରର ପାଟ ମଧ ସେପରି ପ୍ରିୟ। ଆମ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠାରେ ପ୍ରତ୍ୟେକ କୃଷିଜୀବୀଙ୍କର ଜୀବିକା ସାଧନ ବସ୍ତୁ ହେଉଛି ହଳଲଙ୍ଗଳ, ଯାହା ଘରର ମୁରବୀ ବଡଭାଇ ବଳଭଦ୍ର ଆୟୁଧ ରୂପେ ଧାରଣ କରିଛନ୍ତି। ଆମ ଲୋକାଚାର ବା ସଂସ୍କୃତିରେ ପରିବାର ସଦସ୍ୟଙ୍କ ମୃତ୍ୟୁରେ ଯେପରି ଶ୍ମଶାନ କାର୍ଯ୍ୟ ଶୁଦ୍ଧିକ୍ରିୟା କରାଯାଏ ଠିକ୍ ସେହିପରି ପ୍ରଭୁଙ୍କର ନବକଳେବର ସମୟରେ ପୁରାତନ ବିଗ୍ରହ ଗୁଡିକୁ କୋଇଲିବୈକୁଣ୍ଠରେ ସମାଧିସ୍ଥ କରାଯାଏ। ଶ୍ରୀ ଜଗନ୍ନାଥଙ୍କ ଅଙ୍ଗଲାଗି ସେବକମାନେ ଅଶୌଚକ୍ରିୟା ପାଳନ କରିଥାନ୍ତି। ଏଭଳି ଲୋକାଚାର ଅନ୍ୟ କୌଣସି ଦେବତାଙ୍କ ପାଖରେ ଦେଖିବାକୁ ମିଳେନାହିଁ। ଆମ ଲୋକସଂସ୍କୃତି ଓ ଲୋକାଚାରରେ ବିବାହର ଯଥେଷ୍ଟ ମାନ୍ୟତା ରହିଛି ତେଣୁ ପ୍ରଭୁ ଜଗନ୍ନାଥ ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଏକାଦଶୀ ରେ ରୁକ୍ମିଣୀଙ୍କ ସହ ସମସ୍ତ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ବନ୍ଧା ହୋଇଥାନ୍ତି। ଓଡିଶାର ପ୍ରତ୍ୟେକ ଲୋକାଚାର ସହ ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପର୍କ ପ୍ରଭୁ ଜଗନ୍ନାଥଙ୍କର ଦେଖିବାକୁ ମିଳେ। ପିତୃପୁରୁଷଙ୍କର ଶ୍ରାଦ୍ଧଦିବସ ପାଳନ ଆମ ଲୋକସଂସ୍କୃତିର ଅନ୍ୟ ଏକ ଅଂଶ ବିଶେଷ, ଯାହାକୁ ପ୍ରଭୁ ମଧ ଦଶରଥ, ନନ୍ଦ, ବାସୁଦେବଙ୍କ ଉଦ୍ଦେଶ୍ୟରେ ମାର୍ଗଶୀର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥିରେ ଶ୍ରାଦ୍ଧ ତର୍ପଣ ଆଦି କରୁଥିବାରୁ ଏହାକୁ 'ଦେବଦୀପାବଳୀ' ବୋଲି କୁହାଯାଏ। ଏହି ଦିନ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ମା' ସୁଭଦ୍ରାଙ୍କର ଶ୍ରାଦ୍ଧବେଶ ଅନୁଷ୍ଠିତ ହୋଇଥାଏ। ଆମ ସମାଜ ଓ ସଭ୍ୟତା ଚାକଚକ୍ୟ ଆଡମ୍ବର ପୂର୍ଣ୍ଣତାର ଘୋଡାଦୌଡରେ ଆଗେଇ ଚାଲିଛି। ବିଜ୍ଞାନର ବିକାଶ, ଶିଳ୍ପ ସଭ୍ୟତାର ଦ୍ରୁତ ଅଗ୍ରଗତି ଫଳରେ ଚତୁର୍ଦ୍ଦିଗରେ କେବଳ ପରିବର୍ତ୍ତନ ହିଁ ଦିଶୁଛି। ଆଜି ଆମ ଭାରତୀୟ ସଂସ୍କୃତି-ଉତ୍କଳୀୟ ସଂସ୍କୃତି-ଶ୍ରୀକ୍ଷେତ୍ର ସଂସ୍କୃତି-ଲୋକସଂସ୍କୃତି ଆଦିରେ ପରିବର୍ତ୍ତନ ହୋଇଛି ନିଶ୍ଚୟ। ହେଲେ ସୁଦ୍ଧା ଉତ୍କଳୀୟ ଲୋକସଂସ୍କୃତିର ସେହି ଅମଳିନ ଫୁଲଟି ଶ୍ରୀ ଜଗନ୍ନାଥଙ୍କ ଅଙ୍ଗରେ ଶୋଭାପାଇ ଆଜି ବି ନିଜର ସୌନ୍ଦର୍ଯ୍ୟକୁ ବଜାୟ ରଖିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜି ଆମର ଶିକ୍ଷିତ ଯୁବ ସମାଜ ତଥା ସଭ୍ୟ ସମାଜ ଏହି ଲୋକସଂସ୍କୃତି, ଲୋକାଚାରକୁ ଆଉ ମାନିବା ପାଇଁ ଆଗୁସାର ନୁହଁନ୍ତି।

---

# ଅଲାରନାଥ ଦର୍ଶନ



ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ
ଲିଙ୍ଗାପଡ଼ା, ଧବଳେଶ୍ୱର,
କଟକ,
ଦୂରଭାଷ : ୯୭୭୮୪୪୯୧୧୯
E-mail :
suvray132kv@gmail.com

ମହାପ୍ରଭୁଙ୍କ ଲୀଳା ଅନନ୍ୟ। ତାଙ୍କ ମହିମା କୃପାକଟାକ୍ଷ ବର୍ଣ୍ଣନା କରିବା ଅସମ୍ଭବ। ମହାପ୍ରଭୁ, ଦାରୁବ୍ରହ୍ମଙ୍କ ୧୦୮ ଗରା ସୁବାସିତ ସୁନାକୂଅ ଜଳରେ ସ୍ନାନ ସମ୍ପନ୍ନ ପରେ ଶ୍ରୀଜୀଉଙ୍କୁ ଜ୍ୱର ହୋଇଛି। ସେ ହେଉଛନ୍ତି ମାନବୀୟ ଲୀଳାର ଠାକୁର। ତାଙ୍କୁ କିଏ ବା କଳନା କରିପାରିବ। ତେବେ ଆବହମାନ ସମୟରୁ ବିଶ୍ୱାସ ରହିଛି ଶ୍ରୀ ଅଲରାନାଥଙ୍କୁ ଦର୍ଶନ କଲେ କୋଟି ପୁଣ୍ୟର ଫଳ ମିଳିଥାଏ। ବ୍ରହ୍ମଗିରି ପାଲଟିଥାଏ ଦ୍ୱିତୀୟ କ୍ଷେତ୍ର। ଲକ୍ଷ ଲକ୍ଷ ଭକ୍ତଜନଙ୍କର ଏହି କ୍ଷେତ୍ରକୁ ଗହଳି ଲାଗି ରହିଥାଏ। ମହାପ୍ରଭୁଙ୍କୁ ଟିକିଏ ଅଲରାନାଥଙ୍କ ରୂପରେ ଦେଖି ନିଜକୁ କୋଟି ଭାଗ୍ୟବାନ ମନେକରିଥାନ୍ତି। ଶ୍ରୀଜଗନ୍ନାଥଙ୍କଠାରେ ବିଲୀନ ହୋଇଯିବା ପରେ ପ୍ରାକ୍ ବୈଦିକ କାଳରୁ ଯେଉଁ ସଂସ୍କୃତି ତିଷ୍ଠି ରହିଛି ତାହା ହିଁ ଶ୍ରୀଜଗନ୍ନାଥ ସଂସ୍କୃତି। ବାସ୍ତବରେ ଶ୍ରୀକ୍ଷେତ୍ରର ଏହି ଧର୍ମାନୁଷ୍ଠାନ ପୃଥିବୀରେ ପ୍ରାଚୀନତମ ତଥା ବୃହତ୍ତମ ଅନୁଷ୍ଠାନ। ଶ୍ରୀଜଗନ୍ନାଥଙ୍କୁ ଅନ୍ୟ ଦେବଦେବୀ ସହ ତୁଳନା କରାଯାଇ ନପାରେ। ଆଧ୍ୟାତ୍ମିକ ଜଗତର ଧ୍ରୁବତାରା ସଦୃଶ ଚିର ଦେଦୀପ୍ୟମାନ ଶ୍ରୀଜଗନ୍ନାଥଙ୍କର ଏକ ସ୍ୱତନ୍ତ୍ର ସ୍ଥିତି ଅଛି। ଶ୍ରୀଜଗନ୍ନାଥ ଏହି ଶ୍ରୀକ୍ଷେତ୍ରରୁ ସମଗ୍ର ବିଶ୍ୱକୁ ସାଂସ୍କୃତିକ ଏକତା ତଥା ସାଂସ୍କୃତିକ ମହନୀୟତା ପ୍ରଚାର କରି ଆସୁଛନ୍ତି।

ଜଗନ୍ନାଥଙ୍କର ବ୍ରହ୍ମବସ୍ତୁ ଜ୍ୟୋତିର୍ମୟ ପ୍ରକାଶଶୀଳ ଓ ଅପୌରୁଷେୟ ଅପ୍ରାକୃତ ବସ୍ତୁ। ଯେଉଁଠାରେ ଇନ୍ଦ୍ରିୟ ଲକ୍ଷଣ ଅଛି ସେ ରୂପ, ଯେଉଁଠାରେ ଇନ୍ଦ୍ରିୟ ଲକ୍ଷଣ ନାହିଁ ସେ ଅରୂପ, ମାତ୍ର ଜଗନ୍ନାଥ ରୂପ ଓ ଅରୂପର ମଧ୍ୟବର୍ତ୍ତୀ ବିଚାରର ପ୍ରତୀକ; ତେଣୁ, ବ୍ରହ୍ମବାଚକ ହୋଇ ମଧ ସେ ଇତର ପରି ଯାତାୟାତର ଛଳନା କରନ୍ତି। ଏହା ହିଁ ଜଗନ୍ନାଥଙ୍କର ଚରମ ଉଦାହରଣ। ଏହି ଭାବରେ ଉପନିଷଦ ସ୍ଥଳ ବୈଦିକ ସାହିତ୍ୟ ଓ ପ୍ରଭୁଙ୍କର ମୁଖପଦ୍ମ ବିନିସୃତ ବାଣୀ। ଯେଉଁଠାରେ ପାଣି, ପାଦ, ଚକ୍ଷୁ , ମୁଖ, ଦିଗ୍ ଶ୍ରୋତ୍ର ଅଛି, ସେ ବ୍ରହ୍ମ ହେଲେ ବି ଦେହ ଲକ୍ଷଣରେ ଆବୃତ। ଯେଉଁଠାରେ ଦେହ ଅଛି, ସେଠାରେ ଲୟ ନିଶ୍ଚିନ୍ତ ରହିବ। ଏହା ହିଁ ତାଙ୍କର ଅଘଟନ ଘଟନ ପଟୀୟସି ମାୟାର ସ୍ୱରୂପ। ଯେଉଁଠାରେ ଇନ୍ଦ୍ରିୟ ଅଛି, ସେଠାରେ ତାହାର ପରିଣାମ ସ୍ୱୀକାରଯୋଗ୍ୟ। ଶ୍ରୀଜୀଉଙ୍କ ଅନବସର କାଳରେ ସାଧାରଣ ଦର୍ଶନ ସମ୍ଭବ ହୋଇନଥାଏ । ମନ୍ଦିରରେ ପୂଜା ପାଆନ୍ତି ପଟିଦିଅଁ । ତେବେ ଶ୍ରୀଜଗନ୍ନାଥ ଦର୍ଶନର ପୁଣ୍ୟ ଲାଭ ହୁଏ ପ୍ରଭୁ ଅଲାରନାଥଙ୍କ ଦର୍ଶନରେ। ବିଶ୍ୱାସ ରହିଛି ଶ୍ରୀକ୍ଷେତ୍ରରେ ଦାରୁବ୍ରହ୍ମମାନେ ପୂଜା ପାଇବାର ବହୁ ପୂର୍ବରୁ ଅଲାରନାଥ ଏଠାରେ ପୂଜା ପାଉଛନ୍ତି। ପୁରୀର ବ୍ରହ୍ମଗିରିଠାରେ ଏକ ସୁଦୃଶ୍ୟ ମନ୍ଦିରରେ ବିଦ୍ୟମାନ ଅଛନ୍ତି ଶ୍ରୀ ଅଲାରନାଥ । ଶିଳା ବିଗ୍ରହ ଶିଳା ବ୍ରହ୍ମ ନାରାୟଣ ମୂର୍ତ୍ତି ଶ୍ରୀ ଅଲାରନାଥ। ଶ୍ରୀ ଜଗନ୍ନାଥଙ୍କର ମୂଳ ବିଗ୍ରହ ନୀଳମାଧବଙ୍କର ଯେଉଁ ରୂପ ବର୍ଣ୍ଣନା ଇନ୍ଦ୍ର ନୀଳମଣି ପୁରାଣ, ସ୍କନ୍ଦ ପୁରାଣ, କପିଳ ସଂହିତା, ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟରେ ହୋଇଛି, ସେ ସବୁ ପ୍ରତିମା ଲକ୍ଷଣ ଅଲାରନାଥ ବିଗ୍ରହରେ ପ୍ରତିଭାତ ହେଉଥିବାରୁ ନୀଳାଚଳରୁ ଅନ୍ତର୍ହିତ ନୀଳମାଧବ ଅଲାଲ୍ୟ ବ୍ରାହ୍ମଣ ଗୃହାବସ୍ଥାନ ପରେ ବ୍ରହ୍ମଗିରିଠାରେ ଆର୍ବିଭୂତ ହୋଇଥିବା ଅନୁମାନ ସତ୍ୟରେ ପରିଣତ ହୋଇଛି। କଳା ଦୃଷ୍ଟିରୁ ପ୍ରାୟ ଛଅଫୁଟ ଉଚ୍ଚତା ବିଶିଷ୍ଟ ଗୋଟିଏ ମାତ୍ର କଳାମୁଗୁନି ପ୍ରସ୍ତର ନିର୍ମିତ ଅଲାରନାଥଙ୍କ ବିଗ୍ରହ ଏକ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରଭା ବା ତୋରଣ ମଧ୍ୟରେ ଦଣ୍ଡାୟମାନ। ବ୍ରହ୍ମଗିରି ହିଁ ଅଲାରନାଥଙ୍କ ଅଧିଷ୍ଠାନ। ଅଣସର ସମୟରେ ପୁରୀରେ ଶ୍ରୀଜୀଉଙ୍କୁ ଦର୍ଶନ ନକରି ପାରି ଏହିଠାରେ ହିଁ ଅପରୂପ ମୂର୍ତ୍ତି ଅଲାରନାଥଙ୍କ ଦର୍ଶନ କରି ଅଶେଷ ପୂଣ୍ୟ ମିଳିଥାଏ। ଏହି ବିଷ୍ଣୁ ବିଗ୍ରହଙ୍କୁ ପରମ ଗୋପନୀୟ ମନ୍ତ୍ରରେ ସ୍ୱୟଂ ବ୍ରହ୍ମା ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ କାଳରେ ହିନ୍ଦୁଧର୍ମର ପ୍ରଚାରକ ରୂପେ ଶ୍ରୀ ସମ୍ପ୍ରଦାୟର ଦ୍ୱାଦଶ ପୂର୍ବସୂରୀ ପରମ ବିଷ୍ଣୁଭକ୍ତ ପାର୍ଷଦଗଣ ଏହି ପୀଠରେ ଅବସ୍ଥାନ ପୂର୍ବକ ବ୍ରହ୍ମାକର୍ତ୍ତୃକ ପ୍ରତିଷ୍ଠିତ ଚତୁର୍ଭୁଜ ଜନାର୍ଦ୍ଦନ ବିଷ୍ଣୁଙ୍କୁ ପଞ୍ଚରାତ୍ର ବିଧିରେ ପୂଜାର୍ଚ୍ଚନା କରୁଥିଲେ, ତତ୍କାଳରେ ଏହାଙ୍କୁ ଆଲୋୟାର ବା ଆଲବର ସମ୍ପ୍ରଦାୟ କୁହାଯାଉଥିଲା। ଉକ୍ତ ଆଲବରମାନଙ୍କର ପ୍ରଭୁ ଶ୍ରୀମନ୍ନାରାୟଣ କ୍ରମଶଃ ଆଲବର ନାଥ, ଆଲାରନାଥ – ଅଲାରନାଥ ନାମରେ ବହୁ ପ୍ରସିଦ୍ଧି ଲାଭ କଲେ। ଅନବସର ପନ୍ଦରଦିନ ଏବଂ ମହାଅଣସର ସମୟରେ ଅଲାରନାଥ ଦର୍ଶନ ଏକ ବିଧି । ଜଗନ୍ନାଥ ଧର୍ମ ଯଥାର୍ଥରେ ହେଉଛି ମାନବ ଧର୍ମ। ପୁରୁଷୋତ୍ତମ ଜଗନ୍ନାଥ ବିଶ୍ୱର ପ୍ରଥମ ସଗୁଣ, ସାକାର ବିଗ୍ରହ। ସେ ହେଉଛନ୍ତି ମହାବାହୁ, ସେ ହେଉଛନ୍ତି ଲୀଳାମୟ। ସମଗ୍ର ବିଶ୍ୱ ଦରବାରରେ ସେ ପୂଜ୍ୟ, ସେ ହିଁ ସନାତନ ଓ ସତ୍ ଚିତ୍ତ ଆନନ୍ଦର ମୂର୍ତ୍ତିମନ୍ତ ପ୍ରତୀକ। ଉତ୍କଳ ଭୂମିର ସେ ହେଉଛନ୍ତି ଉପାସ୍ୟ ଦେବତା। ଓଡ଼ିଶାର ଜାତୀୟ ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି ଓ ସାହିତ୍ୟ ଏ ସବୁର ପ୍ରାଣକେନ୍ଦ୍ର ସେ। ଏ ଜାତିର ପରିଚୟ, ଏ ଜାତିର ଜାତୀୟତା, ଓଡ଼ିଆ ଚିନ୍ତାର ଚିନ୍ତନ, ଓଡ଼ିଶାର ବଡ଼ିମା ଓ ଓଡ଼ିଆ ପ୍ରାଣର ଯାହା କିଛି ମାହାତ୍ମ୍ୟ ସବୁ ତାଙ୍କରି ଠାରେ ରୂପାୟିତ। ସେ ହେଉଛନ୍ତି ଅନେକ ରହସ୍ୟର ମହାନାୟକ। ତାଙ୍କୁ ଜାଣିବା, କଳିବା ଧୃଷ୍ଟତା ମାତ୍ର। ସର୍ବଧର୍ମ, ସର୍ବମତ ସମସ୍ତ ଚିନ୍ତା ଚେତନାର ସେ ପ୍ରତୀକ। ଅନନ୍ତ ଚେତନାର ଅମିତ ଭାବର ମହାପ୍ରଭୁ ଯୁଗେ ଯୁଗେ ଆମ ସମସ୍ତଙ୍କୁ କୃପା କରି ଚାଲିଥାନ୍ତୁ ଏହା ହିଁ ପ୍ରାର୍ଥନା।

---

# ବନ ମହୋତ୍ସବ: ପ୍ରକୃତି ପୂଜାରୁ ପୃଥିବୀ ସୁରକ୍ଷା ପର୍ଯ୍ୟନ୍ତ



ନିହାର ରଞ୍ଜନ ଆଚାର୍ଯ୍ୟ
ବିଜ୍ଞାନ ପ୍ରଚାରକ ଓ
ପରିବେଶବିତ୍
ଦୂରଭାଷ:୮୨୪୯୭୭୫୮୧୭

ଭାରତୀୟ ସଂସ୍କୃତିରେ ବୃକ୍ଷ କେବଳ ଏକ ଗଛ ନୁହେଁ; ବରଂ ଏହା ଜୀବନ, ଏହା ଆଶ୍ରୟ, ଏହା ଶ୍ୱାସ, ଏହା ସଭ୍ୟତାର ନିରବ ରକ୍ଷକ। ଆମ ପୂର୍ବଜମାନେ ବୃକ୍ଷକୁ କେବଳ ଉପଯୋଗୀ ବସ୍ତୁ ଭାବେ ଦେଖୁନଥିଲେ, ବରଂ ଦେବତା ସ୍ୱରୂପେ ପୂଜା କରୁଥିଲେ। ବଟ, ଅଶ୍ୱତ୍ଥ, ନିମ୍ବ, ବେଲ, ତୁଳସୀ, ଅଶୋକ, କଦମ୍ବ—ଏହି ସମସ୍ତ ବୃକ୍ଷ ଭାରତୀୟ ଜୀବନଦର୍ଶନ ସହିତ ଅଭିନ୍ନ ଭାବେ ଜଡ଼ିତ। ଏହି ମହାନ ପରମ୍ପରାକୁ ଆଧୁନିକ ଚେତନା ସହିତ ଯୋଡ଼ି ଦେଉଥିବା ଏକ ଜନଜାଗରଣ ଅଭିଯାନ ହେଉଛି—'ବନ ମହୋତ୍ସବ'। ବନ ମହୋତ୍ସବ କେବଳ ଗଛ ଲଗାଇବାର ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ। ଏହା ହେଉଛି ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ଭାଙ୍ଗିଯାଉଥିବା ସମ୍ପର୍କକୁ ପୁନର୍ଜୀବିତ କରିବାର ଏକ ପବିତ୍ର ଅବସର। ଏହା ଆମକୁ ମନେ ପକାଏ ଯେ, ମନୁଷ୍ୟ ପ୍ରକୃତିର ମାଲିକ ନୁହେଁ; ମନୁଷ୍ୟ ପ୍ରକୃତିର ଏକ ଅଂଶ ମାତ୍ର। ପ୍ରକୃତି ବଞ୍ଚିଲେ ହିଁ ମନୁଷ୍ୟ ବଞ୍ଚିବ, ବୃକ୍ଷ ବଞ୍ଚିଲେ ହିଁ ଜୀବନ ବଞ୍ଚିବ। ଆଜି ବିଶ୍ୱ ଜଳବାୟୁ ପରିବର୍ତ୍ତନ, ତାପଦାହ, ଅନିୟମିତ ବର୍ଷା, ମାଟିର ଅବକ୍ଷୟ, ଜଳସଙ୍କଟ ଓ ପ୍ରଦୂଷଣ ଭଳି ଭୟଙ୍କର ସମସ୍ୟା ସହିତ ଲଢୁଛି। ସହରଗୁଡ଼ିକ କଂକ୍ରିଟର ଜଙ୍ଗଲରେ ପରିଣତ ହେଉଛି। ମାଟିକୁ ପିଚ୍, ଟାର, ସିମେଣ୍ଟ ଓ ପ୍ଲାଷ୍ଟିକ ତଳେ ଚାପି ଦିଆଯାଉଛି। ଯେଉଁଠାରେ ଗଛ ଥିଲା, ସେଠାରେ ଏବେ ଉଚ୍ଚ ଅଟ୍ଟାଳିକା; ଯେଉଁଠାରେ ପକ୍ଷୀର କୁହୁକୁହୁ ଶବ୍ଦ ଥିଲା, ସେଠାରେ ଏବେ ଯାନବାହାନର କର୍କଶ ଶବ୍ଦ। ଏହି ପରିସ୍ଥିତିରେ ବନ ମହୋତ୍ସବ ଏକ ଉତ୍ସବ ନୁହେଁ, ବରଂ ଏହା ଏକ ଆବଶ୍ୟକତା। ବୃକ୍ଷ ହେଉଛି ପୃଥିବୀର ନିରବ ଜୀବନରକ୍ଷକ। ସେମାନେ ଆମକୁ ଅମ୍ଳଜାନ ଦିଅନ୍ତି, କାର୍ବନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳ ଶୋଷଣ କରନ୍ତି, ବାୟୁକୁ ପରିଶୁଦ୍ଧ କରନ୍ତି, ବର୍ଷାକୁ ଆକର୍ଷଣ କରନ୍ତି, ମାଟିକୁ ଧରିରଖନ୍ତି, ପକ୍ଷୀ ଓ ପ୍ରାଣୀମାନଙ୍କୁ ଆଶ୍ରୟ ଦିଅନ୍ତି। ଗୋଟିଏ ବୃକ୍ଷ ହେଉଛି ପ୍ରକୃତିର ଏକ ଜୀବନ୍ତ ପ୍ରୟୋଗଶାଳା, ଯେଉଁଠାରେ ସୂର୍ଯ୍ୟକିରଣ, ଜଳ, ମାଟି ଓ ବାୟୁ ମିଶି ଜୀବନର ମହାସଙ୍ଗୀତ ସୃଷ୍ଟି ହୁଏ। ବୃକ୍ଷ ବିନା ପୃଥିବୀ କେବଳ ଏକ ଗରମ, ଶୁଷ୍କ ଓ ନିର୍ଜୀବ ଗ୍ରହରେ ପରିଣତ ହେବ। ଏହା ନିଃସନ୍ଦେହ, ଅତଏବ ଏଥିପାଇଁ ଆମେ ସମସ୍ତେ ସଚେତନ ହେବାର ସମୟ ଆସିଛି ।

ଆମ ଶାସ୍ତ୍ରରେ କୁହାଯାଇଛି—

"ମାତା ଭୂମିଃ ପୁତ୍ରୋ ?ହଂ ପୃଥିବ୍ୟାଃ"

ଅର୍ଥାତ୍—ପୃଥିବୀ ଆମର ମାଆ, ଆମେ ତାଙ୍କର ସନ୍ତାନ।

ଯଦି ପୃଥିବୀ ଆମର ମାଆ, ତେବେ ବୃକ୍ଷ ହେଉଛନ୍ତି ତାଙ୍କର ଶ୍ୱାସ। ମାଆଙ୍କର ଶ୍ୱାସକୁ କାଟି ଦେଇ କୌଣସି ସନ୍ତାନ ସୁଖରେ ବଞ୍ଚିପାରିବ ନାହିଁ। ତେଣୁ ବୃକ୍ଷରୋପଣ କେବଳ ପରିବେଶ ସୁରକ୍ଷା ନୁହେଁ, ଏହା ପ୍ରକାରନ୍ତରେ ମାତୃସେବା ମଧ। ଗଛକୁ ବଞ୍ଚାଇବା ମାନେ ଭବିଷ୍ୟତ ପିଢ଼ିକୁ ବଞ୍ଚାଇବା। ବନ ମହୋତ୍ସବର ସଫଳତା କେବଳ କେତେ ଗଛ ଲଗାଗଲା ତାହା ଆମର ଲକ୍ଷ୍ୟ ନୁହେଁ; କେତେ ଗଛ ବଞ୍ଚିଲା ତାହାର ସତ୍ୟ ହିଁ ସଫଳତା ଉପରେ ନିର୍ଭର କରେ। ଆମେ ପ୍ରାୟତଃ ଫଟୋ ଉଠାଇବା ପାଇଁ ଗଛ ଲଗାଉଛୁ, କିନ୍ତୁ ପରେ ସେହି ଚାରାଟିକୁ ଭୁଲିଯାଉଛୁ। ଏହି ମନୋଭାବ ବଦଳିବା ଆବଶ୍ୟକ। ଗଛ ଲଗାଇବା ହେଉଛି ଆରମ୍ଭ, ଗଛକୁ ବଞ୍ଚାଇବା ହେଉଛି ଦାୟିତ୍ୱ, ଏବଂ ଗଛକୁ ବୃକ୍ଷରେ ପରିଣତ କରିବା ହେଉଛି ପ୍ରକୃତ ଲକ୍ଷ୍ୟ ଓ ସଫଳତା। ପ୍ରତ୍ୟେକ ସ୍କୁଲ, କଲେଜ, ଗ୍ରାମ, ସହର, କାର୍ଯ୍ୟାଳୟ ଓ ପରିବାର ବନ ମହୋତ୍ସବକୁ ଏକ ଜୀବନ ଆନ୍ଦୋଳନରେ ପରିଣତ କରିବା ଉଚିତ। ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଗଛକୁ ନିଜର ସବୁଜ ବନ୍ଧୁ ଭାବେ ଗ୍ରହଣ କରିବା ଉଚିତ। ପ୍ରତ୍ୟେକ ପରିବାର ସେମାନଙ୍କ ଘରେ, ଅଗଣାରେ, ରାସ୍ତା କଡ଼ରେ କିମ୍ବା ସାର୍ବଜନୀନ ସ୍ଥାନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ଉଚିତ। ସରକାର, ସମାଜ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଲୋକ—ସମସ୍ତଙ୍କର ସମ୍ମିଳିତ ଉଦ୍ୟମରେ ହିଁ ଏହି ଅଭିଯାନ ସଫଳ ହୋଇପାରିବ। ଏଥିପ୍ରତି ସମସ୍ତେ ଦୃଷ୍ଟିଦେବା ଉଚିତ । ବନ ମହୋତ୍ସବ ଆମକୁ ଏହି ସନ୍ଦେଶ ଦିଏ ଯେ, ବିକାଶ ଓ ପରିବେଶ ପରସ୍ପରର ଶତ୍ରୁ ନୁହେଁ। ସତ୍ୟ ବିକାଶ ସେହିଠାରେ, ଯେଉଁଠାରେ ରାସ୍ତା ଥାଏ କିନ୍ତୁ ବୃକ୍ଷ ମଧ ଥାଏ। ଘର ଥାଏ କିନ୍ତୁ ସବୁଜିମା ମଧ ଥାଏ। ଶିଳ୍ପ ଥାଏ କିନ୍ତୁ ପ୍ରଦୂଷଣ ନଥାଏ। ମନୁଷ୍ୟର ସୁବିଧା ଥାଏ କିନ୍ତୁ ପ୍ରକୃତିର ବିନାଶ ନଥାଏ।

ଆସନ୍ତୁ, ଏହି ବନ ମହୋତ୍ସବରେ ଆମେ କେବଳ ଚାରା ଲଗାଇବା ନୁହେଁ, ଏଠି ସହିତ ଏକ ସଂକଳ୍ପ ମଧ କରିବା। ଆମେ ସମସ୍ତେ ଏହି ପ୍ରତିଜ୍ଞା କରିବା— ଆମେ ଗଛ ଲଗାଇବୁ, ଗଛ ବଞ୍ଚାଇବୁ, ଜଳ ବଞ୍ଚାଇବୁ, ମାଟି ବଞ୍ଚାଇବୁ, ପ୍ରକୃତିକୁ ସମ୍ମାନ କରିବୁ। କାରଣ ଆଜିର ଗୋଟିଏ ଚାରା ଆଗାମୀ କାଲିର ଗୋଟିଏ ଛାୟା, ଗୋଟିଏ ଶ୍ୱାସ, ଗୋଟିଏ ବର୍ଷା, ଗୋଟିଏ ଜୀବନ ହୋଇ ଫେରିଆସିବ। ବନ ମହୋତ୍ସବ ହେଉଛି ପ୍ରକୃତି ପ୍ରତି କୃତଜ୍ଞତାର ଉତ୍ସବ, ପୃଥିବୀ ପ୍ରତି ଦାୟିତ୍ୱର ଉତ୍ସବ ଓ ଭବିଷ୍ୟତ ପିଢ଼ି ପ୍ରତି ଆମର ଭଲପାଇବାର ଉତ୍ସବ। ତେଣୁ ଆସନ୍ତୁ, ଆମେ ସମସ୍ତେ ମିଶି କହିବା—

"ବନ ଅଛି ତ ଜୀବନ ଅଛି, ବନ ଅଛି ତ ଭବିଷ୍ୟତ ଅଛି।" ତେଣୁ, 'ଆସ ଲଗାଇବା ଗଛ ଗୋଟିଏ, ଗୋଟି ଗୋଟି ମିଶି ହେବ କୋଟିଏ'।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ରେଡ୍ କାର୍ଡ ପ୍ରତ୍ୟାହାର ପରେ ଫିଫାକୁ ଧନ୍ୟବାଦ୍ ଦେଲେ ରାଷ୍ଟ୍ରପତି ଟ୍ରମ୍ପ

**ନ୍ୟୁୟର୍କ**



ବୋସନିଆ-ହର୍ଜଗୋଭିନା ବିପକ୍ଷ ରାଉଣ୍ଡ ଅଫ୍-୩୨ ମ୍ୟାଚ୍‌ରେ ଆମେରିକୀୟ ଫରୱାର୍ଡ ଫୋଲାରିନ ବାଲୋଗନଙ୍କୁ ଦିଆଯାଇଥିବା ରେଡ୍ କାର୍ଡକୁ ଫିଫା ସସ୍‌ପେଣ୍ଡ କରିଛି। ଏଥିଯୋଗୁ ସେ ମଙ୍ଗଳବାର ବେଲଜିୟମ ବିପକ୍ଷରେ ହେବାକୁ ଥିବା ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖେଳିପାରିବେ। ଏଭଳି ନିଷ୍ପତ୍ତି ପାଇଁ ଫିଫାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧନ୍ୟବାଦ୍ ଜଣାଇଛନ୍ତି। ଠିକ୍, ତାହା କରିବା ପାଇଁ ଫିଫାକୁ ଧନ୍ୟବାଦ୍। ନିଷ୍ପତ୍ତିରେ ପରିବର୍ତ୍ତନ ଏକ ବଡ଼ ନ୍ୟାୟ' ବୋଲି ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ପୋଷ୍ଟ କରିଛନ୍ତି। ବୋସନିଆ-ହର୍ଜଗୋଭିନା ବିପକ୍ଷ ମ୍ୟାଚ୍‌ରେ ଡିଫେଣ୍ଡର ତାରିକ ମୁହରେମୋଭିକଙ୍କ ପାଦରେ ଚଢ଼ିବା ପାଇଁ ବାଲୋଗନଙ୍କୁ ରେଡ୍ କାର୍ଡ ଦିଆଯାଇଥିଲା। ଏହି ନିଷ୍ପତ୍ତିକୁ ବଦଳାଇବା ପାଇଁ ଆମେରିକାର ରାଷ୍ଟ୍ର ସଚିବ ମାର୍କୋ ରୁବିଓ ଫିଫାକୁ ଅନୁରୋଧ କରିଥିଲେ। ଏହାର ଉତ୍ତରରେ ଫିଫା ପକ୍ଷରୁ ବିବୃତି ଜାରି କରି କୁହାଯାଇଛି, ଫିଫା ଶୃଙ୍ଖଳାଗତ ନିୟମର ଆର୍ଟିକିଲ ୨୭ ଅନୁଯାୟୀ, ମ୍ୟାଚ୍‌ରେ ଦିଆଯାଇଥିବା ସସପେନସନକୁ ଏକ ବର୍ଷ ପାଇଁ ପରୀକ୍ଷାମୂଳକ ଭାବେ ସସ୍‌ପେଣ୍ଡ କରାଯାଇଛି।

# ଆଜି ତୃତୀୟ ଟ୍ୱେଣ୍ଟି-୨୦ : ଶୃଙ୍ଖଳାକୁ ଫେରିବାକୁ ଉଦ୍ୟମ କରିବ ଭାରତ

**ନଟିଂହାମ୍**

ନଟିଂହାମ୍‌ର ଟେଣ୍ଟ ବ୍ରିଜଠାରେ ମଙ୍ଗଳବାର ଖେଳାଯିବ ଭାରତ-ଇଂଲଣ୍ଡ ତୃତୀୟ ଟ୍ୱେଣ୍ଟି-୨୦। ପୂର୍ବ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ଭାରତୀୟ ଦଳ ଏହି ମ୍ୟାଚ୍‌ରେ ଜିତି ଶୃଙ୍ଖଳାକୁ ଫେରିବାକୁ ଉଦ୍ୟମ କରିବ। ତେବେ ଭାରତୀୟ ଦଳର ଦୁର୍ବଳତା କମିବା ବଦଳରେ ବଢ଼ିବାରେ ଲାଗିଛି।

ଭାରତୀୟ ବ୍ୟାଟିଂ ଏ ପର୍ଯ୍ୟନ୍ତ ନିଜର ସୁନାମର ଅନୁରୂପ ପ୍ରଦର୍ଶନ କରିପାରି ନ ଥିବାବେଳେ ବୋଲିଂର ଦୁର୍ବଳତା ଉଜାଗର ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ସ୍ପିନର ରବି ବିଷ୍ଣୋୟୀଙ୍କ ଓଭରଗୁଡ଼ିକରୁ ଇଂଲଣ୍ଡ ବ୍ୟାଟରମାନେ ଭରପୂର ଫାଇଦା ଉଠାଇଥିଲେ। ଏପରିକି ତାଙ୍କର ଗୋଟିଏ ଓଭର ହିଁ ମ୍ୟାଚ୍‌ର ଗତି ବଦଳାଇ ଦେଇଥିଲା। ୧୭ତମ ଓଭରରେ ସେ ତିନୋଟି 'ନୋ ବଲ୍' ପକାଇବା ପରେ 'ଫ୍ରି ହିଟ୍'ର ଫାଇଦା ନେଇ ଇଂଲଣ୍ଡ ପାଇଁ ବିଜୟ ସୁନିଶ୍ଚିତ କରିଦେଇଥିଲେ ଜାକବ୍ ବେଥେଲ୍। ବାରମ୍ବାର 'ନୋ ବଲ୍' ପଛରେ ରବିଙ୍କ ଅସ୍ୱାଭାବିକ ବୋଲିଂ ରନ୍ ଅପ୍‌କୁ ଦିଆଯାଉଛି। ସେ ନିଜର ୪ ଓଭରରେ ମୋଟ ୬୦ ରନ୍ ଦେଇଥିଲେ। ଏଣୁ ତୃତୀୟ ମ୍ୟାଚ୍‌ରେ ଭାରତୀୟ ଦଳ ତାଙ୍କୁ ପୁଣି ଖେଳାଇବ କି ପ୍ରିନ୍ସ ଯାଦବଙ୍କୁ ସାମିଲ କରିବ, ତାହା ଉପରେ ସମସ୍ତଙ୍କ ନଜର ରହିବ। ପ୍ରିନ୍ସ ଯାଦବ ଆୟର୍ଲାଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଗତ ମ୍ୟାଚ୍‌ରେ ଫର୍ମରେ ନଥିବା ସଂଜୁ ସାମସନ୍‌ଙ୍କ ବଦଳରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସାମିଲ କରାଯାଇ ଥିଲା। କିନ୍ତୁ ସେ ବଡ଼ ସ୍କୋର କରି ପାରି ନଥିଲେ। ତେବେ ଏହି ମ୍ୟାଚ୍‌ରେ ବି ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ତାଙ୍କଠାରୁ ଏକ ବିସ୍ଫୋରକ ପାଳି ଆଶା କରିବ ଦଳ। ଅନ୍ୟପକ୍ଷରେ ଇଂଲଣ୍ଡ ଦଳ ନିଜର ବିଜୟ ଧାରା ଜାରି ରଖିବାକୁ ଉଦ୍ୟମ କରିବ। ତେବେ ଗତ ମ୍ୟାଚ୍‌ରେ ଦଳର ଦୁଇ ଓପନର ଫିଲ୍ ସଲ୍ଟ ଓ ଜୋସ୍ ବଟଲର ଖାତା ଖୋଲିପାରି ନଥିଲେ। ଏଣୁ ଏହି ମ୍ୟାଚ୍‌ରେ ସେମାନେ ବଡ଼ ପାଳି ଖେଳିବାକୁ ଉଦ୍ୟମ କରିବେ।



ସମ୍ଭାବ୍ୟ ଭାରତୀୟ ଦଳ : ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଈଶାନ କିଶନ (ୱିକେଟ୍ ରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରିନ୍ସ ଯାଦବ/ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ।

ସମ୍ଭାବ୍ୟ ଇଂଲଣ୍ଡ ଦଳ: ଫିଲ ସଲ୍ଟ, ଜୋସ୍ ବଟଲର (ୱିକେଟ୍ ରକ୍ଷକ), ହାରି ବ୍ରୁକ୍ (ଅଧିନାୟକ), ଜାକବ ବେଥେଲ, ଟମ୍ ବେଣ୍ଟନ, ସାମ୍ କରନ, ୱିଲ୍ ଜ୍ୟାକ୍ସ, ଲିଅମ ଡ'ସନ୍, ଜୋଫ୍ରା ଆର୍ଚର, ସକିବ ମହମୁଦ, ଆଦିଲ ରସିଦ।

ପ୍ରସାରଣ : ସୋନି ସ୍ପୋର୍ଟସ, ସୋନି ଲିଭ୍। ସମୟ : ରାତି ୧୦.୦୦

# ସମାଲୋଚନାର ଶିକାର ହେଲେ ଗମ୍ଭୀର : ହର୍ଷିତ ରାଣାଙ୍କୁ ନେଇ ପ୍ରଶ୍ନ କଲେ ଅଭିଷେକ ମନୁ ସିଂଘଭି



**ନୂଆଦିଲ୍ଲୀ**

ଭାରତର ଟି-୨୦ ୱାର୍ଲ୍ଡ କପ୍ ଠାରୁ ନେଇ ଚାମ୍ପିଅନ ଟ୍ରଫି ଜିତି ସାରିଥିବା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସମୟ ଏବେ ଭାରତୀୟ କ୍ରିକେଟରେ ଚାଲିଛି। ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟି-୨୦ରେ ମିଳିଥିବା ପରାଜୟ ପରେ ଟିମ୍ ମ୍ୟାନେଜମେଣ୍ଟର ରଣନୀତି ଉପରେ ଆଙ୍ଗୁଠି ଉଠିଛି। ଏହି ମଧ୍ୟରେ କଂଗ୍ରେସର ବରିଷ୍ଠ ନେତା ତଥା ଜଣାଶୁଣା ଆଇନବିତ୍ ଅଭିଷେକ ମନୁ ସିଂଘଭି ଭାରତୀୟ ଟିମ୍‌ର ସଦ୍ୟତମ ପ୍ରଦର୍ଶନ ଓ କୋଚ୍ ଗମ୍ଭୀରଙ୍କ ନିଷ୍ପତ୍ତିରେ ଏମିତି ଶକ୍ତ ପ୍ରହାର କରିଛନ୍ତି, ଯାହାକି କ୍ରିକେଟର ମାହୋଲକୁ ସରଗରମ କରିଛି। ସିଂଘଭି ସିଧାସଳଖ ସିଷ୍ଟମ ଉପରେ ପ୍ରଶ୍ନ କରିଛନ୍ତି। କେକେଆରରେ କୋଚିଂ ସମୟର ସାଥୀ ହର୍ଷିତ ରାଣାଙ୍କୁ ଟିମ୍ ଇଣ୍ଡିଆରେ ଲଗାତାର ମିଳୁଥିବା ସୁଯୋଗ ଉପରେ ମଧ୍ୟ ସେ ଟାର୍ଗେଟ କରିଛନ୍ତି।

ଅଭିଷେକ ମନୁ ସିଂଘଭି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଭାରତୀୟ ଦଳର ଦୁର୍ଦ୍ଦଶା ଉପରେ ଗଭୀର କ୍ରୋଧ ପ୍ରକାଶ କରିଛନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି- ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ କେବଳ ମ୍ୟାଚ୍ ନୁହେଁ, ଏହାର ଦିଗ ହରାଉ ଥିବା ନଜର ଆସୁଛି। ସିଂଘଭିଙ୍କ ଏହି ଆକ୍ରମଣ ଗମ୍ଭୀରଙ୍କ ସେହି ପ୍ରଭାବ ଏବଂ ଆକ୍ରମଣାତ୍ମକ ମନୋଭାବ ଉପରେ ସିଧାସଳଖ ଟାର୍ଗେଟ୍ ସଦୃଶ୍ୟ, ଯାହା ଦ୍ୱାରା ସେ ଭାରତୀୟ ଦଳର ନେତୃତ୍ୱ ପଦ ପାଇଥିଲେ। ସିଂଘଭି ଲେଖିଛନ୍ତି ଯେ, ଇଂଲଣ୍ଡ ବିପକ୍ଷ ପରାଜୟ ଏକ ସ୍ପଷ୍ଟ ସ୍ମରଣ କରାଉଛି ଯେ, କେବଳ ଅତୀତର ଖ୍ୟାତି ଏବଂ ପ୍ରତିଷ୍ଠା ଉପରେ ନିର୍ଭର କରି ଜଣକୁ ଅନ୍ତର୍ଜାତୀୟ ଦଳର ପ୍ରଶିକ୍ଷକ କରାଯାଇ ପାରିବ ନାହିଁ। ମୈଦାନରେ ଫଳାଫଳ ଏବଂ ସଠିକ୍ ରଣନୀତି ଦେଖାଇବା ଆବଶ୍ୟକ, କେବଳ କାଗଜପତ୍ର ଦାବି ନୁହେଁ।

ସିଂଘଭିଙ୍କ ଏହି କ୍ରିକେଟ୍ ବିଶ୍ଳେଷଣରେ ଯେଉଁ କଡ଼ା ପ୍ରଶ୍ନ ଉଠିଛି, ତାହା ଯୁବ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସିଧାସଳଖ ଟାର୍ଗେଟ୍ କରିଛି। ସିଂଘଭି ଖୋଲାଖୋଲି ପଚାରିଛନ୍ତି, ହର୍ଷିତ ରାଣା ପ୍ଲେଇଂ ଇଲେଭନରେ ଏମିତି କ'ଣ ଭାଲ୍ୟୁ ଯୋଡୁଛନ୍ତି ଯେ, ତାଙ୍କର ଏହି ବାରମ୍ବାର ଚୟନକୁ ଯଥାର୍ଥ କରୁଛନ୍ତି ?

ଉଲ୍ଲେଖନୀୟ ଯେ, ଆଇପିଏଲରେ କେକେଆର ଦିନ ଠାରୁ ଗମ୍ଭୀର ଓ ହର୍ଷିତ ରାଣାଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର କନେକ୍ସନ ରହିଛି ଏବଂ ଯେବେ ଗମ୍ଭୀର ମୁଖ୍ୟ କୋଚ୍ ହେଲେ , ତ ରାଣାଙ୍କୁ ଲଗାତାର ସୁଯୋଗ ମିଳିଲା। କିନ୍ତୁ ଯେବେ ଇଂଲଣ୍ଡ ବିପକ୍ଷରେ ପୂରା ଟିମ୍‌ର ରଣନୀତି ଓ ବୋଲିଂ ଲାଇନ ଅପ୍ ଫ୍ଲପ୍ ସାବ୍ୟସ୍ତ ହେଲା, ତ ଗମ୍ଭୀରଙ୍କୁ ଏହି ପସନ୍ଦର ଚୟନ ଉପରେ ସର୍ବପ୍ରଥମେ ଓ ବଡ଼ ପ୍ରଶ୍ନର ଟର୍ଗେଟ୍ ହୋଇଛି। ସିଂଘଭିଙ୍କ ଏହି ହମଲା ସ୍ପଷ୍ଟ କରୁଛି ଯେ, ଦାୟିତ୍ୱ କାହା ପାଇଁ ଇଚ୍ଛାଧୀନ ହୋଇ ପାରିବ ନାହିଁ, ସେ ମୁଖ୍ୟ ପ୍ରଶିକ୍ଷକ ହୁଅନ୍ତୁ କିମ୍ବା ତାଙ୍କ ପ୍ରିୟ ଖେଳାଳି।

# ସଙ୍କଟମୋଚକ ସାଜିଲେ ଦ୍ରାବିଡ଼ଙ୍କ ସାନ ପୁଅ ଅନଭୟ : ଖେଳିଲେ ବଡ଼ ଇନିଂସ

**ନୂଆଦିଲ୍ଲୀ**

ରାହୁଲ ଦ୍ରାବିଡ଼ଙ୍କ ପୁଅ ଅନଭୟ ଦ୍ରାବିଡ଼ଙ୍କ ଚମତ୍କାର ଇନିଂସ ଖେଳିଛନ୍ତି। ତାଙ୍କ ଧମାକାଦାର ଇନିଂସ ବଳରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ଶ୍ରୀଲଙ୍କା ଅଣ୍ଡର-୧୯ ଦଳ ବିପକ୍ଷରେ ଦ୍ୱିତୀୟ ଅନଅଫିସିଆଲ ଦ୍ୱିତୀୟ ଦିନିକିଆରେ ୨୮୫ ରନ୍ କରିଛି। ଭାରତର ଅଧିନାୟକ ଯଶୱର୍ଦ୍ଧନ ଚୌହାନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଭାରତର ଆରମ୍ଭ ଭଲ ନଥିଲା। ଅଧିନାୟକ ୬ ରନ୍ ଏବଂ ଅନ୍ୟ ଓପନର ସାଗର ୱାର୍କ ୪ ରନ୍ କରି ଆଉଟ୍ ହୋଇଥିଲେ। ୮୧ ରନରେ ଶୀର୍ଷ ୪ଟି ୱିକେଟ ପଡ଼ିଯିବାରୁ ଭାରତ ଚାପରେ ପଡ଼ିଥିଲା। ତା'ପରେ, ଅନଭୟ, ଅର୍ଜୁନ ରାଜପୁତଙ୍କ ସହ ମିଶି ଏକ ଶତକୀୟ ଭାଗୀଦାରି କରି ଦଳକୁ ଏକ କଷ୍ଟକର ପରିସ୍ଥିତିରୁ ଉଦ୍ଧାର କରିଥିଲେ।

'ଦି ୱାଲ୍' ଭାବରେ ଜଣାଶୁଣା ରାହୁଲ ଦ୍ରାବିଡ଼ ପ୍ରାୟତଃ କଷ୍ଟକର ସମୟରେ ଭାରତର ସଙ୍କଟମୋଚକ ଭାବରେ କାର୍ଯ୍ୟ କରିଛନ୍ତି। ଆଜି, ଶ୍ରୀଲଙ୍କା ଅଣ୍ଡର-୧୯ ଦଳ ବିପକ୍ଷରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍‌ରେ, ରାହୁଲଙ୍କ ପୁଅ ଅନଭୟ ଦ୍ରାବିଡ଼ ମଧ୍ୟ ଠିକ୍ ସେହିପରି କରିଥିଲେ। ଯେତେବେଳେ ୮୧ ରନରେ ଚତୁର୍ଥ ୱିକେଟ୍ ପତନ ହୋଇଥିଲା, ଅନଭୟ ଏବଂ ଅର୍ଜୁନ ରାଜପୁତ ପଞ୍ଚମ ୱିକେଟ୍ ପାଇଁ ୧୪୧ ରନର ଭାଗୀଦାରି କରିଥିଲେ। କଷ୍ଟକର ସମୟରେ ସେମାନେ ଇନିଂସକୁ ସ୍ଥିର କରିଥିଲେ। ଏହି ଯୋଡ଼ି ଭାଙ୍ଗିବା ପରେ, ଟିମ୍ ଇଣ୍ଡିଆ ପୁଣି ଥରେ ୱିକେଟ୍ ହରାଇ ୨୮୫ ରନରେ ଅଲଆଉଟ୍ ହୋଇଗଲା।



ଅନଭୟ ଦ୍ରାବିଡ଼ ୬୭ ବଲ୍‌ରେ ୧୦ଟି ଚୌକା ମାରି ୮୭ ରନ୍ କରିଥିଲେ। ସେ ଗୋଟିଏ ଛକା ଏବଂ ୯ଟି ଚୌକା ମାରିଥିଲେ। ଅର୍ଜୁନ ରାଜପୁତ ୮୧ ବଲ୍‌ରେ ୭୬ ରନ୍ କରିଥିଲେ, ଗୋଟିଏ ଛକା ଏବଂ ୯ଟି ଚୌକା ମଧ୍ୟ ମାରିଥିଲେ। ଏହା ୧୯ ବର୍ଷରୁ କମ୍ କ୍ରିକେଟ୍‌ରେ ଅନଭୟଙ୍କ ଏହା ସର୍ବାଧିକ ଇନିଂସ। ଏହି ମ୍ୟାଚ୍‌ରେ ଏହା ଭାରତର ସର୍ବାଧିକ ଇନିଂସ ମଧ୍ୟ ଥିଲା।

ଶତକ ପୂରଣ କରିବାରୁ ଅଳ୍ପକେ ବଞ୍ଚିତ ହୋଇ ୪୪ତମ ଓଭରରେ ଗିମହାନ୍ ମେଣ୍ଡିସଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନଭୟ ଭାରତର ସପ୍ତମ ୱିକେଟ୍ ହୋଇଥିଲେ। ଦଳୀୟ ସ୍କୋର ୨୬୩ ଥିଲା। ଏହା ପରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ଆଉ ମାତ୍ର ୨୨ ରନ୍ ଯୋଡ଼ିଥିଲା। ଶ୍ରୀଲଙ୍କା ପାଇଁ ଗିମହାନ୍ ମେଣ୍ଡିସ୍ ସର୍ବାଧିକ ପାଞ୍ଚ ୱିକେଟ୍ ନେଇଥିଲେ, ୮.୨ ଓଭରରେ ମାତ୍ର ୪୧ ରନ୍ ଦେଇଥିଲେ।

# ଅବସର ଘୋଷଣା କଲେ ନେମାର, ଫିଫା ବିଶ୍ୱକପ୍‌ରେ ବ୍ରାଜିଲର ଅଶ୍ରୁଳ ବିଦାୟ

**ନ୍ୟୁ ଜର୍ସି**



ବ୍ରାଜିଲର ଷ୍ଟାର ଫୁଟବଲ ପ୍ଲେୟାର ନେମାର ଇଣ୍ଟରନ୍ୟାସନାଲ ଫୁଟବଲରୁ ଅବସର ନେଇଛନ୍ତି। ଚଳିତ ଫିଫା ବିଶ୍ୱକପରେ ବ୍ରାଜିଲର ଅଭିଯାନ ସରିବା ପରେ ତୁରନ୍ତ ସନ୍ନ୍ୟାସ ଘୋଷଣା କରିଛନ୍ତି ନେମାର। ନ୍ୟୁ ଜର୍ସିର ମେଟଲାଇଫ୍ ଷ୍ଟାଡିୟମରେ ତାଙ୍କର ୧୬ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିଛନ୍ତି। ବଡ଼ କଥା ହେଉଛି ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ମଧ୍ୟ ୨୦୧୦ ମସିହାରେ ଏହି ଷ୍ଟାଡିୟମରୁ ଆରମ୍ଭ ହୋଇଥିଲା। ୨୦୨୬ ଫିଫା ବିଶ୍ୱକପରୁ ବ୍ରାଜିଲ୍ ବାଦ୍ ପଡ଼ିବା ପରେ ନେମାର ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ନେବାର ନିଷ୍ପତ୍ତି ନେଇଥିଲେ। ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ବ୍ରାଜିଲ୍ ନରୱେ ଠାରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ନେମାର ବ୍ରାଜିଲ୍ ପାଇଁ ଏକମାତ୍ର ଗୋଲ କରିଥିଲେ। ୨୦୨୬ ଫିଫା ବିଶ୍ୱକପରେ ଷଷ୍ଠ ଥର ପାଇଁ ବିଶ୍ୱ ଚାମ୍ପିଅନ ହେବାର ବ୍ରାଜିଲର ସ୍ୱପ୍ନ ରାଉଣ୍ଡ ଅଫ୍ ୧୬ରେ ଧୂଳିସାତ୍ ହୋଇଛି।

ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରରେ ଏକ ବଡ଼ ବିପର୍ଯ୍ୟୟ ଘଟିଛି। ନରୱେ ୨-୧ ଗୋଲରେ ୫ ଥର ବିଶ୍ୱ ଚାମ୍ପିଅନ ବ୍ରାଜିଲକୁ ହରାଇ ବିଶ୍ୱକପ୍‌ରୁ ବିଦା କରିଛି। ଏହି ବିଜୟ ସହ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳର ଷ୍ଟାର ଷ୍ଟ୍ରାଇକର ଏର୍ଲିଂ ହାଲାଣ୍ଡ ଡବଲ ଗୋଲ୍ ଦେଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ଆୟୋଜକ ମେକ୍ସିକୋକୁ ହରାଇ କ୍ୱାର୍ଟରରେ ଇଂଲଣ୍ଡ

**ମେକ୍ସିକୋ ସିଟି**

୨୦୨୬ ଫିଫା ବିଶ୍ୱକପର ପ୍ରି-କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ଆୟୋଜକ ମେକ୍ସିକୋକୁ ପରାସ୍ତ କରିଛି। ୩-୨ ଗୋଲରେ ମେକ୍ସିକୋକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଇଂଲଣ୍ଡ। ଏହି ରୋମାଞ୍ଚକର ମ୍ୟାଚ୍ ନାୟକ ଥିଲେ ଜୁଡ୍ ବେଲିଂହାମ୍। ମାତ୍ର ୯୮ ସେକେଣ୍ଡରେ ୨ଟି ଗୋଲ୍ ଦେଇ ସେ ଇତିହାସ ରଚିଛନ୍ତି। ୧୦ ଜଣ ଖେଳାଳି ସହ ମେକ୍ସିକୋରୁ ୩-୨ ଗୋଲରେ ହରାଇଛି ଇଂଲଣ୍ଡ। କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ନରୱେକୁ ଭେଟିବ। ଯିଏକି ବିପର୍ଯ୍ୟୟ ଘଟାଇ ବ୍ରାଜିଲକୁ ବିଶ୍ୱକପରୁ ବିଦା କରିଛି।



ଏଷ୍ଟାଡିଓ ଆଜଟେକାରେ ଖେଳାଯାଇଥିବା ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଇଂଲଣ୍ଡ ଦଳ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। କିନ୍ତୁ ଦଳ ମହାନ ମନୋବଳ ପ୍ରଦର୍ଶନ କରି ମ୍ୟାଚ୍ ଜିତିଥିଲା। ୩୬ତମ ମିନିଟରେ ବେଲିଂହାମ ଏକ ଚମତ୍କାର ହେଡର ସହିତ ଇଂଲଣ୍ଡକୁ ଅଗ୍ରଣୀ ଦେଇ ଥିଲେ। ମାତ୍ର ୯୮ ସେକେଣ୍ଡ ପରେ, ସେ ଆଉ ଏକ ଗୋଲ ଦେଇ ମେକ୍ସିକୋ ପାଇଁ ପରିସ୍ଥିତିକୁ ଆହୁରି ଖରାପ କରିଦେଲେ। ବେଲିଂହାମଙ୍କ ରେକର୍ଡ ବିଶ୍ୱକପ୍ ଇତିହାସର ଦୁଇଟି ଦ୍ରୁତତମ ଗୋଲ ମଧ୍ୟରୁ ଗୋଟିଏ ହୋଇଗଲା। ତଥାପି, ମେକ୍ସିକୋ ହାର ମାନିନଥିଲା। ଜୁଲିଆନ୍ କ୍ୱିନୋନ୍ସ ପ୍ରଥମ ଗୋଲ ଦେଇ ଦଳର କମବ୍ୟାକ୍ କରାଇଥିଲେ। ହାଫ୍ ଟାଇମ୍ ସୁଦ୍ଧା ଖେଳ ୨-୧ ସ୍ଥିତିରେ ଥିଲା।

ଦ୍ୱିତୀୟାର୍ଦ୍ଧର ଆରମ୍ଭରେ ଇଂଲଣ୍ଡକୁ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଲା ଯେତେବେଳେ ଜାରେଲ କ୍ୱାନସାହଙ୍କୁ ରେଡ୍ କାର୍ଡ ଦେଖାଗଲା, ଯାହା ଫଳରେ ଦଳ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିବାକୁ ପଡ଼ିଥିଲା। ଚାପକୁ ସତ୍ତ୍ୱେ ୬୦ ତମ ମିନିଟରେ ହ୍ୟାରି କେନଙ୍କ ପେନାଲ୍ଟି ଗୋଲରେ ୩-୧ରେ ଆଗୁଆ ହୋଇଥିଲା। ପରେ ମେକ୍ସିକୋର ରାଉଲ ଜିମେନେଜ୍ ପେନାଲ୍ଟି ଗୋଲ କରି ସ୍କୋରକୁ ୩-୨ କରିଥିଲେ। ଯାହା ଏକ ରୋମାଞ୍ଚକର ପ୍ରତିଯୋଗିତା ସୃଷ୍ଟି କରିଥିଲା। ଅତିରିକ୍ତ ସମୟରେ ମେକ୍ସିକୋ ଗୋଲ୍ ସମାନ କରିବାକୁ ସବୁ କଳ ବଳ ଲଗାଇଥିଲା କିନ୍ତୁ ଇଂଲଣ୍ଡର ପ୍ରତିରକ୍ଷା ଦୃଢ଼ ରହିଥିଲା।

ଏହି ବିଜୟ ସହ ଇଂଲଣ୍ଡ ଅନେକ ରେକର୍ଡ ଭାଙ୍ଗିଛି। ଏଷ୍ଟାଡିଓ ଆଜଟେକାରେ ବିଶ୍ୱକପ ମ୍ୟାଚରେ ମେକ୍ସିକୋକୁ ପରାସ୍ତ କରିବାରେ ପ୍ରଥମ ଦଳ ହୋଇଛନ୍ତି। ଜୁଡ୍ ବେଲିଂହାମ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ବେଲିଂହାମ ୪୦ ବର୍ଷ ପରେ ଏହି ଐତିହାସିକ ଷ୍ଟାଡିୟମରେ ବିଶ୍ୱକପରେ ଏପରି ଏକ ସଫଳତା ହାସଲ କରିଛନ୍ତି ଯାହାକୁ ମାରାଡୋନାଙ୍କ ୧୯୮୬ ବିଶ୍ୱକପ ପ୍ରଦର୍ଶନ ସହ ତୁଳନା କରାଯାଇଛି। ଏବେ କ୍ୱାର୍ଟର ଫାଇନାଲରେ ଜୁଲାଇ ୧୧ ତାରିଖରେ ନରୱେକୁ ଭେଟିବ।

# ଆଇସିସିକୁ ସିଟିଆଇର ଚିଠି : ମ୍ୟାଚ୍ ସମୟରେ ଦେଖାଅନି କଣ୍ଡୋମ ଏବଂ ଡେଟିଂ ଆପ୍ ବିଜ୍ଞାପନ

**ନୂଆଦିଲ୍ଲୀ**

କ୍ରିକେଟ ମ୍ୟାଚ୍ ଚାଲିଥିବାବେଳେ ବ୍ୟାନ୍ କର କଣ୍ଡୋମ ଏବଂ ଡେଟିଂ ଆପର ବିଜ୍ଞାପନ। ଚ୍ୟାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଚିଠି। ଅନ୍ତର୍ଜାତୀୟ ମ୍ୟାଚ୍ ଚାଲିଥିବାବେଳେ ଏହିସବୁ ବିଜ୍ଞାପନ ପ୍ରସାରଣ ନକରିବାକୁ ଆଇସିସିକୁ ଚିଠି ଲେଖାଯାଇଛି। ସିଟିଆଇ ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଚିଠି ଲେଖିଛନ୍ତି। ଏଭଳି ଯେଉଁସବୁ ବିଜ୍ଞାପନ ଛୋଟ ପିଲାଙ୍କ ପାଇଁ ନିଷେଧ ସେଗୁଡ଼ିକୁ ମ୍ୟାଚ୍ ସମୟରେ ନଦେଖାଇବାକୁ ଚିଠିରେ ପ୍ରକାଶ କରିଛନ୍ତି।

ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି-୨୦ ମୁକାବିଲା ସମୟରେ ବାରମ୍ବାର ଏକ କଣ୍ଡୋମ କମ୍ପାନୀର ବିଜ୍ଞାପନ ବାଜୁଥିଲା। ପରିବାର ସମସ୍ତ ସଦସ୍ୟ ଏକାଠି ବସି ମ୍ୟାଚ୍ ଦେଖୁଥିବାବେଳେ ଛୋଟ ପିଲା ମଧ୍ୟ ଖେଳ ଦେଖନ୍ତି। ଏଣୁ ମ୍ୟାଚ୍ ସମୟରେ ଏଭଳି ବିଜ୍ଞାପନକୁ ବ୍ୟାନ୍ କରାଯାଉ। ଦେଶରେ ଅଧିକ ୧୬ ବୟସରୁ କମ ବୟସ୍କ ପିଲା ମ୍ୟାଚ୍ ଦେଖନ୍ତି। ଘରେ ପରିବାର ସହ ମ୍ୟାଚ୍ ଦେଖୁଥିବା ବେଳେ ଏଭଳି ବିଜ୍ଞାପନ ଦେଖାଇବା ଉପରେ ପ୍ରତିବନ୍ଧକ ଲଗାଯାଉ ବୋଲି ସେ କହିଛନ୍ତି।

ଚିଠିରେ ସିଟିଆଇ ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି ଯେ କ୍ରିକେଟ୍ ଭାରତରେ କେବଳ ଏକ ଖେଳ ନୁହେଁ, ବରଂ ଲୋକଙ୍କ ଭାବନାରେ ଗଭୀର ଭାବରେ ବସାଯାଇଥିବା ଏକ ବିଷୟ। ସେ ଏକ ବ୍ୟକ୍ତିଗତ ଅଭିଜ୍ଞତା ମଧ୍ୟ ଉଲ୍ଲେଖ କରି କହିଛନ୍ତି ଯେ ତାଙ୍କ ସହିତ ମ୍ୟାଚ୍ ଦେଖୁଥିବା ତାଙ୍କର ୧୩ ବର୍ଷୀୟ ପୁଅ ଏକ କଣ୍ଡୋମ ବିଜ୍ଞାପନ ବିଷୟରେ ପ୍ରଶ୍ନ ପଚାରିଥିଲା, ଯାହା ତାଙ୍କ ପାଇଁ ଏକ ଅସହଜ ପରିସ୍ଥିତି ସୃଷ୍ଟି କରିଥିଲା। ସଂଗଠନ ଉଲ୍ଲେଖ କରିଛି ଯେ ଦେଶର ଅନେକ ପରିବାର ସମାନ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି।

ଆଗାମୀ ସିଟିଆଇ ବୋର୍ଡ ବୈଠକରେ ଏହି ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ଏବଂ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ୩୦ ଦିନ ମଧ୍ୟରେ ଏକ ଠୋସ୍ ନୀତି ପ୍ରସ୍ତୁତ କରିବାକୁ ସିଟିଆଇ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଅନୁରୋଧ କରିଛନ୍ତି। ଆବଶ୍ୟକ ହେଲେ ସଂଗଠନ ସଂସଦ ଏବଂ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସହିତ ମଧ୍ୟ ଏହି ପ୍ରସଙ୍ଗ ଉଠାଇବ ବୋଲି କହିଛନ୍ତି।

# ୩୩ତମ ଇଜ୍‌ତେମା ଉଦ୍‌ଯାପିତ : ଭଦ୍ରକ ମଜଲିସ ଅନସାରୁଲ୍ଲାଃ ଚାମ୍ପିଅନ

**ତିଗିରିଆ, ନ୍ୟୁଜ୍‌ବ୍ୟୁରୋ**

ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମର ଅହମଦିୟା ମୁସଲିମ ମସଜିଦ ପ୍ରାଙ୍ଗଣରେ ଦୁଇଦିନ ଧରି ଚାଲିଥିବା ମଜଲିସ ଅନସାରୁଲ୍ଲା ଓଡ଼ିଶାର ୩୩ତମ ରାଜ୍ୟସ୍ତରୀୟ ବାର୍ଷିକ ଇଜ୍‌ତେମା ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ପ୍ରତିନିଧି ମଜଲିସ ଅନସାରୁଲ୍ଲାଃ ଭାରତ ମୌଲାନା ସେକ ସବାହୁଦ୍ଦିନ ପୌରୋହିତ୍ୟ କରିଥିଲେ। ପବିତ୍ର କୋରାନ ପାଠ ମହମ୍ମଦ ଶକୁର ସାଦିକ କରିଥିଲେ। ସଂଗଠନର ଶପଥ ପାଠ ସଭାପତି କରାଇଥିବା ବେଳେ ଉର୍ଦ୍ଦୁ ନଜମ ଇସରାଇଲ ଖାଁ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ମଜଲିସ ଅନସାରୁଲ୍ଲାଃ ପୂର୍ବ ଭାରତର ଉପସଭାପତି ସଫାରତ ଖାଁ ଯୋଗ ଦେଇଥିଲେ। ସଭାପତିତ୍ୱ ଭାଷଣରେ ସେକ ସବାହୁଦ୍ଦିନ କହିଲେ, ମଣିଷକୁ ସେଇଭଳି କଥା କହିବାର ଅଛି, ଯାହାକୁ ସେ ନିଜେ ବି ପାଳନ କରୁଥିବା ଉଚିତ। ନୈତିକ ଓ ଚାରିତ୍ରିକ ଗୁଣକୁ ଗ୍ରହଣ କରି ଆଦର୍ଶବାନ ହେବା ଉଚିତ। ଭଲ ମଣିଷ ହୋଇ ସ୍ୱସ୍ଥ ସମାଜ ଗଢ଼ିବା ଉଚିତ।



ସମ୍ମାନିତ ଅତିଥି ଭାବେ ଜିଲ୍ଲା କଟକର ସଭାପତି ମୌଲାନା ହାରୁନ ରସିଦ, କଟକ ଜିଲ୍ଲା ଇନଚାର୍ଜ ମୌଲାନା ସେକ ଇସହାକ, ଜିଲ୍ଲା ସଭାପତି ଖୋର୍ଦ୍ଧା ଓ ନୟାଗଡ଼ର ସୈଫୁର ଅହମଦ, ଜିଲ୍ଲା ସଭାପତି ବାଲେଶ୍ୱର ଅବ୍ଦୁଲ ଜହୁର ଖାଁ, ପଙ୍କାଳ ଗ୍ରାମ ସଭାପତି ଶାହାଦତ ଖାଁ, ବାଲେଶ୍ୱର ଜିଲ୍ଲାର ସଭାପତି ମଜଲିସ ଅନସାରୁଲ୍ଲାଃ ଅବ୍ଦୁଲ ଓଦୁଦ ଖାଁ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସଭାପତି ମଜଲିସ ଅନସାରୁଲ୍ଲା ସେକ ଅଜିଜୁଲ୍ଲା, ଭଦ୍ରକ ଜିଲ୍ଲା ସଭାପତି ମଜଲିସ ଅନସାରୁଲ୍ଲାଃ ସେକ ଏଜାଜ ଅହମଦ, କଟକ ଜିଲ୍ଲାଃ ସଭାପତି ମଜଲିସ ଅନସାରୁଲ୍ଲା ସୟଦ ବଶିର ଅହମଦ ଏବଂ ପଙ୍କାଳ ମଜଲିସ ଅନସାରୁଲ୍ଲା ସଂଗଠନର ସଭାପତି ଅଫଜଲ ଖାଁ ଯୋଗ ଦେଇଥିଲେ। ବିଭିନ୍ନ ଧାର୍ମିକ ଓ କ୍ରୀଡ଼ା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଇଜତେମାରେ ବ୍ୟକ୍ତିଗତ ଭାବେ ମଜଲିସ ଅନସାରୁଲ୍ଲାଃ 'କ' ବିଭାଗରେ କରଡାପଲ୍ଲୀର ଫଜଲେ ମୋମିନ ଏବଂ ଭଦ୍ରକର ମହମ୍ମଦ ଶକୁର ସାଦିକ ତଥା 'ଖ' ବିଭାଗରେ କଳିଙ୍ଗ ବିହାର- ଭୁବନେଶ୍ୱର ନାସର ଖାଁ 'ବେଷ୍ଟ ଅନସାର ଅଫ୍ ଦି ଇଅର' ହୋଇଥିବା ବେଳେ ବେଷ୍ଟ ସଂଗଠନ ଭାବେ ଭଦ୍ରକ ମଜଲିସ ଅନସାରୁଲ୍ଲାଃ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସେକ ଏଜାଜ ଅହମଦ ପରିଚାଳନା କରିଥିଲେ। ପଙ୍କାଳ ସଭାପତି ଶାହାଦତ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେଡେରରଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଲେ ଜୋକୋଭିଚ୍

**ନୂଆଦିଲ୍ଲୀ**

ସର୍ବିଆର ଷ୍ଟାର ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ୱିମ୍ବଲଡନରେ ଆଉ ଏକ ବଡ଼ ସଫଳତା ନିଜ ନାମରେ କରିଛନ୍ତି। ସେ ଚତୁର୍ଥ ରାଉଣ୍ଡ ମୁକାବିଲାରେ କ୍ୱାଲିଫାୟର ରୋମାନ ସାଫିଉଲିନଙ୍କୁ ୭-୬(୬), ୬-୩, ୩-୬, ୬-୩ ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଏବଂ ଏହା ସହିତ ୱିମ୍ବଲଡନ ଇତିହାସରେ ପୁରୁଷ ସିଙ୍ଗଲ୍ସରେ ସବୁଠାରୁ ଅଧିକ ମ୍ୟାଚ୍ ଜିତିଥିବା ଖେଳାଳି ହୋଇପାରିଛନ୍ତି।

ସେଣ୍ଟର କୋର୍ଟରେ ୩ ଘଣ୍ଟା ୨୬ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚ୍‌ରେ ମିଳିଥିବା ବିଜୟ ସହ ଜୋକୋଭିଚ୍ ୱିମ୍ବଲଡନରେ ନିଜର ପୁରୁଷ ସିଙ୍ଗଲ୍ସ ମ୍ୟାଚ୍ ବିଜୟ ସଂଖ୍ୟାକୁ ୧୦୬ରେ ପହଞ୍ଚାଇଛନ୍ତି। ସେ ସ୍ୱିଜରଲାଣ୍ଡର ମହାନ ଖେଳାଳି ରୋଜର ଫେଡେରରଙ୍କ ୧୦୫ ବିଜୟର ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ଚାମ୍ପିୟଅସିପ୍ ଇତିହାସରେ ଏବେ କେବଳ ମାର୍ଟିନା ନବରାତିଲୋଭା (୧୨୦) ତାଙ୍କଠାରୁ ଅଧିକ ସିଙ୍ଗଲ୍ସ ମ୍ୟାଚ୍ ଜିତିଛନ୍ତି। ଏହି ବିଜୟ ଜୋକୋଭିଚ୍ଙ୍କର କ୍ରମାଗତ ନବମ ୱିମ୍ବଲଡନ କ୍ୱାର୍ଟର ଫାଇନାଲ ଏବଂ କ୍ୟାରିୟରର ୧୭ତମ ୱିମ୍ବଲଡନ କ୍ୱାର୍ଟର ଫାଇନାଲ ଅଟେ।

ମ୍ୟାଚ୍ ପରେ ଜୋକୋଭିଚ୍ କହିଛନ୍ତି, 'ଏହା ଆଉ ଏକ କଠିନ ବିଜୟ ଥିଲା। ରୋମାନ ମ୍ୟାଚ୍ ଆରମ୍ଭରୁ ଅତ୍ୟନ୍ତ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲେ। ବେସଲାଇନରୁ ମୁଁ ସହଜ ଅନୁଭବ କରୁନଥିଲି। ମୁଁ ଜାଣିଥିଲି ଯେ ଲମ୍ବା ରାଲିରେ ତାଙ୍କ ବିରୁଦ୍ଧରେ ଖେଳିବା ସହଜ ହେବନାହିଁ। ସେ ଜଣେ ଅତ୍ୟନ୍ତ ଶକ୍ତିଶାଳୀ ଖେଳାଳି ଏବଂ ଆଜିର ପ୍ରଦର୍ଶନ ପାଇଁ ସେ ଗର୍ବିତ ହେବା ଉଚିତ।'

ସାଫିଉଲିନ ୨୦୨୬ରେ ଟୁର୍ ସ୍ତରରେ ଗୋଟିଏ ବି ବିଜୟ ହାସଲ ନକରି ୱିମ୍ବଲଡନରେ ପହଞ୍ଚିଥିଲେ। ୨୦୨୫ ୟୁଏସ୍ ଓପନ୍ ପରେ ଆଘାତ (ଚୋଟ) କାରଣରୁ ତାଙ୍କ ସିଜନ ଶେଷ ହୋଇଯାଇଥିଲା, କିନ୍ତୁ ସେ ଏହାର କୌଣସି ପ୍ରଭାବ ନିଜ ଖେଳ ଉପରେ ପଡ଼ିବାକୁ ଦେଇନଥିଲେ।

ପ୍ରଥମ ସେଟ୍‌ରେ ସେ ୫-୨ର ଅଗ୍ରଣୀ ହାସଲ କରିଥିଲେ ଏବଂ ଦୁଇଟି ସେଟ୍ ପଏଣ୍ଟ ମଧ୍ୟ ପାଇଥିଲେ, କିନ୍ତୁ ଜୋକୋଭିଚ୍ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମୁକାବିଲାକୁ ଟାଇବ୍ରେକର ପର୍ଯ୍ୟନ୍ତ ନେଇଯାଇଥିଲେ। ଟାଇବ୍ରେକରରେ ମଧ୍ୟ ସାଫିଉଲିନ ୬-୬ ସ୍ଥିତିରେ ଦୁଇଟି ସୁଯୋଗର ଫାଇଦା ଉଠାଇ ପାରିନଥିଲେ ଏବଂ ଏକ ଭୁଲ୍ ଡ୍ରପ୍ ଶଟ୍ ଯୋଗୁଁ ଜୋକୋଭିଚ୍ ପ୍ରଥମ ସେଟ୍ ନିଜ ନାମରେ କରିନେଇଥିଲେ। ଦ୍ୱିତୀୟ ସେଟ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ୩-୨ ସ୍ଥିତିରେ ୧୦ ମିନିଟ୍ ଧରି ଚାଲିଥିବା ଲମ୍ବା ଗେମ୍‌ରେ ଜୋକୋଭିଚ୍ ଚତୁର୍ଥ ବ୍ରେକ୍ ପଏଣ୍ଟର ଫାଇଦା ଉଠାଇ ଏକ ନିର୍ଣ୍ଣାୟକ ଅଗ୍ରଣୀ ହାସଲ କରିନେଇଥିଲେ। ତୃତୀୟ ସେଟ୍‌ରେ ହିପ୍ ସମସ୍ୟା କାରଣରୁ ମେଡିକାଲ ଟାଇମଆଉଟ୍ ନେବା ସତ୍ତ୍ୱେ ସାଫିଉଲିନ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ପରବର୍ତ୍ତୀ ଚାରିଟି ଗେମ୍ ମଧ୍ୟରୁ ତିନୋଟି ଜିତି ମୁକାବିଲାକୁ ଚତୁର୍ଥ ସେଟ୍ ପର୍ଯ୍ୟନ୍ତ ନେଇଯାଇଥିଲେ। କିନ୍ତୁ, ଚତୁର୍ଥ ସେଟ୍‌ରେ ୨୪ ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଜୋକୋଭିଚ୍ ନିଜର ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ଏବଂ ମ୍ୟାଚ୍ ଉପରେ ପୁଣି ଥରେ ନିୟନ୍ତ୍ରଣ ହାସଲ କରି ବିଜୟୀ ହୋଇଥିଲେ। ସେ ପାଞ୍ଚ ସପ୍ତାହ ପୂର୍ବରୁ ଫ୍ରେଞ୍ଚ ଓପନରେ ଦୁଇଟି ସେଟ୍‌ର ଅଗ୍ରଣୀ ହରାଇବାର ଭୁଲକୁ ଦୋହରାଇବାରୁ ବଞ୍ଚିଥିଲେ ଏବଂ ଟାଇଟଲ୍ ଜିତିବାର ନିଜର ଆଶାକୁ ବଜାୟ ରଖିଥିଲେ।



ବର୍ତ୍ତମାନ କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ଙ୍କ ସାମ୍ନା ଫେଲିକ୍ସ ଅଗର-ଆଲିଆସିମ୍ ଏବଂ ଆଲେଜାନ୍ଦ୍ରୋ ଡେଭିଡୋଭିଚ୍ ଫୋକିନାଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କ ସହ ହେବ। ଯଦି ସେ ସେମିଫାଇନାଲରେ ପହଞ୍ଚନ୍ତି, ତେବେ ତାଙ୍କର ମୁକାବିଲା ବର୍ତ୍ତମାନର ବିଶ୍ୱର ନମ୍ବର ୱାନ ଏବଂ ଡିଫେଣ୍ଡିଂ ଚାମ୍ପିଅନ ୟାନିକ୍ ସିନରଙ୍କ ସହ ହୋଇପାରେ।

## ନାଲି ବଲ୍‌ରେ ଅଭ୍ୟାସ କଲେ ବୁମ୍ରା

**ମୁମ୍ବାଇ**

ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ବହୁଦିନର ବିରତି ପରେ ନାଲି ବଲ୍‌ରେ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି। ଆଇପିଏଲ୍ ପରେ ବୁମ୍ରାଙ୍କୁ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଏବଂ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରୁ ବିଶ୍ରାମ ଦିଆଯାଇଥିଲା। କିନ୍ତୁ ଚଳିତ ମାସରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ସେ ଜାତୀୟ ଦଳକୁ ଫେରିବେ। ଏହା ମଧ୍ୟରେ ବୁମ୍ରାଙ୍କୁ ବଡ଼ ବିଶ୍ରାମ ମିଳିଯାଇଛି।

# କଙ୍ଗାରୁ କୋର୍ଟରୁ ବାଦ୍ ପଡ଼ିନାହାନ୍ତି ପୂର୍ବ ସାମରିକ କର୍ମଚାରୀ : ସାମାନ୍ୟ ମତାନ୍ତରରୁ ନିଆଁପାଣି ବାସନ୍ଦ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଡିଜିଟାଲ୍ ଯୁଗରେ ବି କୁସଂସ୍କାରରୁ ବାଦ୍ ପଡ଼ିନାହାନ୍ତି ପୂର୍ବ ସାମରିକ କର୍ମଚାରୀ ଓ ସେମାନଙ୍କ ପରିବାର। ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ସାମାନ୍ୟତମ ମନାନ୍ତରକୁ ନେଇ ସମାଜରେ ନିଆଁ ପାଣିକୁ ବନ୍ଦ କରି ସାମାଜିକ ବାସନ୍ଦ କରାଯାଉଛି। ଯାହାଫଳରେ ସମାଜରେ ବଞ୍ଚିବା ଦୁର୍ବିସହ ହୋଇପଡୁଛି। ଯାହା ଜଣେ ବ୍ୟକ୍ତିର ମାନବିକ ଅଧିକାରକୁ ଖୋଲାଖୋଲି ଉଲ୍ଲଙ୍ଘନ ମଧ୍ୟ କରୁଛି। ଏଭଳି କଳୁଷିତ ପ୍ରଥାକୁ କେହି ପସନ୍ଦ କରୁନଥିଲେ ହେଁ ସେମାନଙ୍କ ଉପରେ ପ୍ରତିବନ୍ଧକ ଲାଗିବାର ଆଶଙ୍କା କରି ଏହାର ପ୍ରତିବାଦରେ କେହି ମୁହଁ ଖୋଲିବାକୁ କେହି ସାହାସ ମଧ୍ୟ କରୁନାହାନ୍ତି। ଯାହାର ସୁଯୋଗ ନେଇ କିଛି ବ୍ୟକ୍ତି ବିଶେଷ ସମାଜରେ ନିଜର ପତିଆରା ଜାହିର କରୁଛନ୍ତି। ଏହା ଏକ ମାନସିକ ନିର୍ଯାତନା ଛଡ଼ା ଆଉ କିଛି ନୁହେଁ। ଏଭଳି ନିର୍ଯାତନାରୁ ବାଦ୍ ପଡ଼ିନାହାନ୍ତି ଖୋଦ୍ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ତଥା ନିଜ ଜୀବନର ଅନେକ ସମୟ ଉତ୍ସର୍ଗୀକୃତ କରିଥିବା ପୂର୍ବ ସେନା କର୍ମଚାରୀ ଓ ସେମାନଙ୍କ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ପଞ୍ଚାୟତରେ। ଜଣେ ଜଣେ କରି ପର୍ଯ୍ୟାୟ କ୍ରମେ ୧୪ଟି ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ବାସନ୍ଦ ହୋଇଥିବା ୧୪ଟି ପରିବାର ମଧ୍ୟରୁ ୭ ଜଣ ହେଉଛନ୍ତି ପୂର୍ବ ସେନା କର୍ମଚାରୀ। ନିଜ ଉପରେ ତଥା ସେମାନଙ୍କ ପରିବାର ଉପରେ ହେଉଥିବା ସାମାଜିକ ନିର୍ଯାତନାକୁ ନେଇ ସେମାନେ ପ୍ରତିବାଦ କରିବାରୁ କାହାର ବିଦ୍ୟୁତ୍ ତ କାହାର ପାନୀୟ ଜଳ ଯୋଗାଣକୁ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସେମାନଙ୍କ ଉପରେ ଆର୍ଥିକ ଜରିମାନା ସେ ପୁଣି ସର୍ବାଧିକ ଏକ ଲକ୍ଷ ପର୍ଯ୍ୟନ୍ତ କରାଯାଇଛି। ସାମାଜିକ ବାସନ୍ଦ ହୋଇଥିବା ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ରଖିବା ଅଭିଯୋଗ ଅନ୍ୟମାନଙ୍କ ଉପରେ ୧୦ ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ମଧ୍ୟ ଜାରି କରାଯାଇଛି। ସାମାଜିକ ବାସନ୍ଦର ଶିକାର ପରିବାର ସଦସ୍ୟଙ୍କୁ ଗ୍ରାମରେ ରହିବାରେ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି କଳୁଷିତ ପ୍ରଥାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକଛତ୍ରବାଦ ତଥା ତାଲିବାନୀ ଶାସନକୁ ବିରୋଧ କରି ନ୍ୟାୟ ପାଇଁ ଥାନା ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେଉଁଠାରୁ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳିବା ଦୂରେ ଥାଉ ସେମାନଙ୍କ ଅଭିଯୋଗକୁ କେହି ଶୁଣୁନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁହଁ ଖୋଲିବା ସହିତ ସେମାନଙ୍କର ମାନସିକ ଅଧିକାର ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ସେମାନେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ସେମାନେ କହିଛନ୍ତି। ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ସମାଜର ଅର୍ଥ ଆତ୍ମସାତ୍ ବା ହଡ଼ପ କରିବାକୁ ମସୁଧା କରିବା ସହିତ ନିଜର ଆଧିପତ୍ୟ ଜାହିର କରିବାକୁ ଯାଇ ଏଭଳି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ସହିତ ସମାଜରେ ସେମାନଙ୍କୁ ନିଜର ପରିବାର ବର୍ଗଙ୍କ ସହିତ ବଞ୍ଚିବାର ସୁଯୋଗ ଦିଆନଗଲେ ଚରମ ନିଷ୍ପତ୍ତି ନେବାକୁ ସେମାନେ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।



# ସମ୍ ହସ୍ପିଟାଲରେ ଅସୁସ୍ଥ ନବଜାତ ଶିଶୁକୁ ନୂଆ ଜୀବନ ଦେଲେ ଡାକ୍ତର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରମାନେ ମାତ୍ର ୨୪ ସପ୍ତାହରେ ଜନ୍ମ ହୋଇଥିବା ଗୋଟିଏ ଅସୁସ୍ଥ ଏବଂ ଅପରିପକ୍ୱ ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି । ଅନ୍ୟ ଏକ ହସ୍ପିଟାଲରେ ଜନ୍ମ ହୋଇଥିବା ଏହି ଶିଶୁଟିର ଓଜନ ସମ୍ ହସ୍ପିଟାଲରେ ଭର୍ତ୍ତି ସମୟରେ ମାତ୍ର ୬୩୦ ଗ୍ରାମ ଥିଲା । ଶିଶୁଟିକୁ ଗୁରୁତର ଅବସ୍ଥାରେ ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ଚିକିତ୍ସା ବିଭାଗ (ଏନ୍ଆଇସିୟୁ)ରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା । ଏଭଳି ଅତ୍ୟନ୍ତ ଅପରିପକ୍ୱ ଶିଶୁଙ୍କ କ୍ଷେତ୍ରରେ ବଂଚିବାର ସମ୍ଭାବନା ସାଧାରଣତଃ କମ୍ ଥିବାରୁ ଶିଶୁଟିକୁ ଇନଭେସିଭ୍ ମେକାନିକାଲ୍ ଭେଂଟିଲେସନ୍ ଓ ପରବର୍ତ୍ତୀ ସମୟରେ ନନ୍-ଇନଭେସିଭ୍ ଭେଂଟିଲେସନ୍ (ଏନ୍ଆଇଭି), ସିପିଏପି ଏବଂ ପାରେନଟେରାଲ୍ ନ୍ୟୁଟ୍ରିସନ୍ ଭଳି ଉନ୍ନତ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା । ଡାକ୍ତର ଓ ନର୍ସମାନଙ୍କର ନିରନ୍ତର ତତ୍ତ୍ୱାବଧାନ ଏବଂ ସଠିକ୍ ଚିକିତ୍ସା ଫଳରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସିଥିଲା। ନବଜାତ ଶିଶୁରୋଗ ବିଭାଗର ସମସ୍ତ ଡାକ୍ତର ଓ ନର୍ସମାନଙ୍କର ସମନ୍ୱିତ ପ୍ରୟାସ ଏହି ସଫଳତାର ମୂଳ କାରଣ ବୋଲି ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦ କହିବା ସହ ଏହି ସଫଳତା ପାଇଁ ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି । ଶିଶୁଟିକୁ ଚିକିତ୍ସା କରିଥିବା ଡାକ୍ତରୀ ଟିମ୍‌ରେ ଡାକ୍ତର ଭବଗ୍ରାହୀ ମଲ୍ଲିକ, ଡାକ୍ତର ରତନ କୁମାର ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର କଳ୍ପିତା ସାହୁ, ଡାକ୍ତର ସୁରେଶ ତ୍ରିପାଠୀ, ଡାକ୍ତର ସୀତିକାନ୍ତ ନାୟକ, ଡାକ୍ତର ଶ୍ରୁତିପ୍ରଜ୍ଞା କର, ଡାକ୍ତର ଶରତ ଚନ୍ଦ୍ରିକା, ଡାକ୍ତର ଆଦ୍ୟାଶା କାନୁନଗୋ ଏବଂ ଡାକ୍ତର ଶୁଭଲକ୍ଷ୍ମୀ ସାହୁ ସାମିଲ ଥିଲେ । ଡାକ୍ତର ନନ୍ଦ ଶିଶୁଟିର ଅଭିଭାବକଙ୍କ ଧୈର୍ଯ୍ୟ, ସହଯୋଗ ଏବଂ ଚିକିତ୍ସା ପ୍ରକ୍ରିୟାରେ ସକ୍ରିୟ ଭୂମିକା ପାଇଁ ମଧ୍ୟ ପ୍ରଶଂସା କରିଥିଲେ । ଶିଶୁଟିର ଅଭିଭାବକ ସଂପୂର୍ଣ୍ଣ ନବଜାତ ଶିଶୁରୋଗ ଟିମ୍ ପ୍ରତି କୃତଜ୍ଞତା ଜଣାଇବା ସହ ସେମାନଙ୍କ ଶିଶୁକୁ ନୂଆ ଜୀବନ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ଜଟିଳ ମାମଲାର ସଫଳ ପରିଚାଳନା ପାଇଁ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଙ୍ଘମିତ୍ରା ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମସ୍ତ ଆବଶ୍ୟକ ପ୍ରଶାସନିକ ଓ ଲଜିଷ୍ଟିକ୍ ସହଯୋଗ ପ୍ରଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁପରିଚାଳନା...

ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମସ୍ତ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁରକ୍ଷା ଓ ଭିଡ ପରିଚାଳନା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଂ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ।

ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍.ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ ସାଇଟ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡା ନଜର ରଖି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ।

ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ- ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ୯ରେ ଖୋଲିବ ...

ପୂର୍ବାହ୍ନ ୧୧ଟାରେ ଚଳିତ ମୌସୁମୀ ଋତୁର ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡ଼ାଯିବ ବୋଲି ବୁର୍ଲା ହୀରାକୁଦ ବନ୍ଧ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏନେଇ ମହାନଦୀର ତଳମୁଣ୍ଡରେ ଥିବା ସମ୍ବଲପୁର ସମେତ ସମସ୍ତ ଜିଲାର ପ୍ରଶାସନ ଓ ଜନସାଧାରଣଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବନ୍ୟାଜଳ ନିଷ୍କାସନ ଯୋଗୁ ନଦୀର ଜଳସ୍ତର ବଢ଼ିବାକୁ ଥିବାରୁ ସୁରକ୍ଷା ଦୃଷ୍ଟିରୁ ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ମହାନଦୀ ଗର୍ଭକୁ ନ ଯିବା ପାଇଁ ଏବଂ ବିଶେଷ ସତର୍କତା ଅବଲମ୍ବନ କରିବା ପାଇଁ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି।

## ସାରା ଦେଶରେ...

ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି।

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସମଗ୍ର ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡିନ୍ (ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂହ, ଡ. ସୌଭାଗ୍ୟ କୁମାର ଜେନା, ଡ. ସଞ୍ଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ।

## ଅବପାତ ପ୍ରଭାବରେ...

ବେଗରେ ପବନ ବୋହିବାର ନେଇ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ତେବେ ସୋମବାର ଅବପାତ ପ୍ରଭାବରେ ସୋନପୁରରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ୧୨ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇଥିବା ବେଳେ ୨୪ ଟି ସ୍ଥାନରେ ଅତି ପ୍ରବଳ ବର୍ଷା ଏବଂ ୩୭ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି।

ଆଗାମୀ ୨୪ ଘଣ୍ଟା ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେଓଗଡ, ସମ୍ବଲପୁର,ବରଗଡ଼, ସୋନପୁର, ବଲାଙ୍ଗୀର ଏବଂ ନୂଆପଡ଼ାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମୟୂରଭଞ୍ଜ, ଅନୁଗୁଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

## ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ...

ଏଥିସହିତ ସେ ଟାନକପୁର-ପିଲିଭିତ ଟ୍ରେନ ସେବାକୁ ଶାହଜାହାନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣର ଉଦଘାଟନ ମଧ୍ୟ କରିଥିଲେ, ଯାହା ଦେଶବ୍ୟାପୀ ରେଳ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏହି ସେବାଗୁଡ଼ିକର ଉଦଘାଟନ ବ୍ୟତୀତ, ମୁଖ୍ୟମନ୍ତ୍ରୀ ଏବଂ ରେଳ ମନ୍ତ୍ରୀ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ପୁରୀ ରେଳ ଷ୍ଟେସନର ଚାଲିଥିବା ପୁନଃଉନ୍ନୟନ କାର୍ଯ୍ୟକୁ ନିରୀକ୍ଷଣ କରିଥିଲେ ଏବଂ ଚାଲିଥିବା ରଥଯାତ୍ରା ପାଇଁ ରେଳବାଇର ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସେମାନେ ଷ୍ଟେସନ ପୁନଃଉନ୍ନୟନର ଅଗ୍ରଗତି ଆକଳନ କରିବା ସହ ରଥଯାତ୍ରା ସମୟରେ ପୁରୀ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ନିରାପଦ, ସୁଗମ ଏବଂ ଆରାମଦାୟକ ଯାତ୍ରା ପାଇଁ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା କରିଥିଲେ।

ରେଳ ମନ୍ତ୍ରୀ ଭିଡ଼ ପରିଚାଳନା, ଯାତ୍ରୀଙ୍କ ଚଳାଚଳ, କାର୍ଯ୍ୟ ପ୍ରସ୍ତୁତି ଏବଂ ଯାତ୍ରୀ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ। ବରିଷ୍ଠ ରେଳ ଅଧିକାରୀମାନେ ଅତିଥିମାନଙ୍କୁ ଯୋଜନା କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେ ସୂଚନା ଦେଇଛନ୍ତି ଯେ, ଭାରତୀୟ ରେଳବାଇ ରଥଯାତ୍ରା ସମୟରେ ୩୦୦ରୁ ଅଧିକ ସ୍ପେଶାଲ ଟ୍ରେନ ଚଳାଚଳ କରିବାକୁ ଯୋଜନା କରିଛି। ଏହା ବ୍ୟତୀତ ୩୦,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଇଁ ଅପେକ୍ଷା ସ୍ଥଳ (ହୋଲ୍ଡିଂ ଏରିଆ), ଅତିରିକ୍ତ ଟିକେଟ କାଉଣ୍ଟର, ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଏବଂ ଉନ୍ନତ ସୁରକ୍ଷା ଓ ଯାତ୍ରୀ ସୁବିଧା ସୁନିଶ୍ଚିତ କରାଯାଇଛି।

ନୂତନ ଭାବେ ଆରମ୍ଭ ହୋଇଥିବା ପୁରୀ-କୋରାପୁଟ ଏକ୍ସପ୍ରେସ ପବିତ୍ର ସହର ପୁରୀ ଏବଂ ଆଦିବାସୀ ଅଧ୍ୟୁଷିତ କୋରାପୁଟ ମଧ୍ୟରେ ସିଧାସଳଖ ରେଳ ଯୋଗାଯୋଗ ପ୍ରଦାନ କରି ଏକ ଦୀର୍ଘଦିନର ଆଶା ପୂରଣ କରିଛି। ଏହି ଟ୍ରେନ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଦେଇ ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା ସହିତ ଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଉପକୃତ କରିବ।

ଏହି ଉଦଘାଟନୀ ସେବା ନିୟମିତ ଟ୍ରେନ ନମ୍ବର ୧୮୪୦୭/ ୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସର ବିସ୍ତୃତ ସମୟସାରଣୀ ପୃଥକ ଭାବେ ବିଜ୍ଞପିତ କରାଯିବ। ଏହି ଟ୍ରେନ ପୁରୀରୁ ସୋମବାର, ଗୁରୁବାର ଏବଂ ଶନିବାର ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ଚଳାଚଳ କରିବ।

ଓଡ଼ିଶାକୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜୁରାଟ ସହିତ ସଂଯୋଗ କରୁଥିବା ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ ଶ୍ରମିକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଯାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗ ପାଲଟିଛି। ଏହାକୁ ଦୈନିକ ସେବାରେ ପରିଣତ କରିବା ଦ୍ୱାରା ଯାତ୍ରା ସୁବିଧା ବୃଦ୍ଧି ପାଇବ, ପ୍ରମୁଖ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ସହିତ ସଂଯୋଗ ମଜଭୁତ ହେବ ଏବଂ ବାଣିଜ୍ୟ, ନିଯୁକ୍ତି ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ମିଳିବ।

ଏହି କାର୍ଯ୍ୟକ୍ରମ ସମୟରେ, ବ୍ରହ୍ମପୁରଠାରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରାୟ ୩୦୦ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନକୁ ଏକ ବିଶ୍ୱସ୍ତରୀୟ ରେଳ ଷ୍ଟେସନ ଭାବେ ବିକଶିତ କରାଯିବ।

ଏହି ପୁନଃବିକଶିତ ଷ୍ଟେସନରେ ଅତ୍ୟାଧୁନିକ ଯାତ୍ରୀ ସୁବିଧା, ଆଧୁନିକ ସ୍ଥାପତ୍ୟ କଳା, ଉନ୍ନତ ସୁଗମତା ଏବଂ ମଲ୍ଟିମୋଡାଲ୍ ସଂଯୋଗୀକରଣ ରହିବ, ଯାହା ଏହାକୁ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ପ୍ରବେଶ ଦ୍ୱାର ଭାବେ ଗଢ଼ି ତୋଳିବ।

ଏହି ପୁନଃବିକଶିତ ପ୍ରକଳ୍ପର ଶିଳାନ୍ୟାସ ସମାରୋହରେ ଯୋଗଦେବା ପାଇଁ ସେ ପୁଣି ଥରେ ବ୍ରହ୍ମପୁର ଗସ୍ତ କରିବେ ବୋଲି ଦୃଢ଼ ଆଶ୍ୱାସନା ଦେଇଛନ୍ତି, ଯାହା ଏହି ଅଞ୍ଚଳରେ ରେଳ ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛି।

ଏହି ପଦକ୍ଷେପଗୁଡ଼ିକ ରେଳ ଯୋଗାଯୋଗର ସମ୍ପ୍ରସାରଣ, ଯାତ୍ରୀ ସୁବିଧାର ଉନ୍ନତି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସମର୍ଥନ କରିବା ଦିଗରେ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନଃ ସୁନିଶ୍ଚିତ କରୁଛି। ଏହି ନୂତନ ଟ୍ରେନ ସେବା, ବର୍ଦ୍ଧିତ ଚଳାଚଳ ଏବଂ ରଥଯାତ୍ରା ପାଇଁ କରାଯାଇଥିବା ବ୍ୟାପକ ବ୍ୟବସ୍ଥା ମିଳିତ ଭାବେ ପର୍ଯ୍ୟଟନ, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିବ, ଯାହା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ର ଲକ୍ଷ୍ୟକୁ ସାକାର କରିବାରେ ସହାୟକ ହେବ ବୋଲି ସେ କହିଥିଲେ।

## ଚାକିରିରୁ ଅଚାନକ...

ଭୁବନେଶ୍ୱର ଡିସିପି ଭାବେ ଯୋଗ ଦେଇଥିଲେ।

ଯଦିଓ ଶ୍ରୀ ମୀନା ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି ଗଣମାଧ୍ୟମ ଆଗରେ ବିବୃତ୍ତି ରଖିଛନ୍ତି ତେବେ ଏହା ପଛରେ ପ୍ରଶାସନିକ ଚାପ କିମ୍ବା ଅନ୍ୟ କୌଣସି କାରଣ ରହିଥାଏ ପାରେ ବୋଲି ପୋଲିସ୍ ମହଲରେ ଆଲୋଚନା ହେଉଛି।

## ବିଶ୍ୱ ବ୍ୟାଙ୍କ ରିପୋର୍ଟରେ...

୧୯୯୪ ମସିହାରେ ଭାରତର କୌଣସି ବି ରାଜ୍ୟ ମଧ୍ୟମ ଆୟ ଶ୍ରେଣୀରେ ନଥିଲେ। କିନ୍ତୁ ଆଜି କର୍ଣ୍ଣାଟକ ଏବଂ ତେଲେଙ୍ଗାନା ଭଳି ରାଜ୍ୟଗୁଡ଼ିକର ଆୟ ଇଣ୍ଡୋନେସିଆ ଓ ଭିଏତନାମ ଭଳି ଦେଶକୁ ଟପିଗଲାଣି। ଅନ୍ୟପଟେ, ବିହାର ଏବେ ବି ଦେଶର ସବୁଠାରୁ ଗରିବ ରାଜ୍ୟ ହୋଇ ରହିଥିବା ବେଳେ ଏହା ପଛକୁ ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ରହିଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ରାଜ୍ୟ ରାଜ୍ୟ ମଧ୍ୟରେ ଆର୍ଥିକ ଅସମାନତା ମଧ୍ୟ ବୃଦ୍ଧି ପାଇଛି। କେବେ ସବୁଠାରୁ ଆଗରେ ଥିବା ପଞ୍ଜାବ ଏବେ ପଛକୁ ହଟି ରାଜସ୍ଥାନ ସହ ସମାନ ସ୍ତରକୁ ଆସିଯାଇଛି। ସେହିପରି ଝାଡ଼ଖଣ୍ଡ ତୁଳନାରେ ଆସାମର ମୁଣ୍ଡପିଛା ଆୟ ୪୮ ପ୍ରତିଶତ ଅଧିକ ରହିଛି।

ଏହି ଆର୍ଥିକ ବିଶ୍ଳେଷଣରୁ ସ୍ପଷ୍ଟ ହେଉଛି ଯେ, ଦେଶରେ ସାମଗ୍ରିକ ବିକାଶ ହେଉଥିଲେ ମଧ୍ୟ କେତେକ ରାଜ୍ୟ ଅତି ଦ୍ରୁତ ଗତିରେ ଆଗକୁ ବଢୁଥିବା ବେଳେ କିଛି ରାଜ୍ୟ ଏବେ ବି ପଛରେ ପଡ଼ି ରହିଛନ୍ତି। ତେବେ ଏହି ଦୌଡ଼ରେ ଓଡ଼ିଶାର ସଫଳତା ସବୁଠାରୁ ଉଲ୍ଲେଖନୀୟ, ଯାହା ଉତ୍ତରପ୍ରଦେଶ ଭଳି ବଡ଼ ରାଜ୍ୟକୁ ଆୟ ମାମଲାରେ ବହୁ ପଛରେ ପକାଇ ଦେଇଛି।

# ଅଗାଧ ପାଣ୍ଡିତ୍ୟର ଅଧିକାରୀ ଥିଲେ ଦୁର୍ଗାଚରଣ

## ସୁସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସକ ଦୁର୍ଗାଚରଣ ସାହୁଙ୍କ ସ୍ମୃତିସଭା





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦୁର୍ଗାଚରଣ ସାହୁଙ୍କର ଦ୍ୱାଦଶାହ ସ୍ମୃତିସଭା ପୁରୁଣା ଭୁବନେଶ୍ୱର ରଥ ରୋଡ୍ ସ୍ଥିତ ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଆତ୍ମାଙ୍କର ସଦଗତି ନିମନ୍ତେ କାମନା କରାଯାଇଥିଲା । ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଅମର ଶତପଥୀ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ସହ ତାଙ୍କର ବ୍ୟକ୍ତିଗତ ଅନୁଭବକୁ ସାଉଁଟିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ୱର୍ଗତ ସାହୁ ତାଙ୍କର ଦୁଇଟି ଉପର ବ୍ୟାଚରେ ପଢୁଥିଲେ, ସେତେବେଳେ ତାଙ୍କ ଜ୍ଞାନ ଗାରିମା ଆମମାନଙ୍କୁ ଅନୁପ୍ରାଣୀତ କରିଥିଲା ବୋଲି ଶ୍ରୀ ଶତପଥୀ କହିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ସମ୍ବାଦ କଳିକାର ସମ୍ପାଦକ ଜୟାଶୀଷ ରାୟ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ସ୍ୱର୍ଗତ ଦୁର୍ଗା ବାବୁ ଚାକିରିରୁ ଅବସର ନେଇ ଭୁବନେଶ୍ୱରରେ ରହିବା ବେଳେ ତାଙ୍କ ସହ ମୋର ପରିଚୟ ହେଲା। ସମ୍ବାଦ କଳିକାରେ ସେ ସ୍ତମ୍ଭ ଲେଖିବା ଆରମ୍ଭ କଲେ, ଯାହାକି ପରବର୍ତ୍ତୀ ସମୟରେ ପୁସ୍ତକାକାରରେ ସଂକଳିତ ହୋଇଥିଲା । କଳା, ସାହିତ୍ୟ, ସଂସ୍କୃତି ପ୍ରତି ଏଭଳି ଅନୁରକ୍ତି ବିରଳ ବୋଲି ଶ୍ରୀ ରାୟ ପ୍ରକାଶ କରିଥିଲେ। ଧାରା ଶ୍ରଦ୍ଧା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ଅମରେନ୍ଦ୍ର ମହାପାତ୍ର କହିଥିଲେ ଯେ, ତାଙ୍କ ପ୍ରକାଶନୀ ପକ୍ଷରୁ ସ୍ୱର୍ଗତ ସାହୁଙ୍କ ଅନେକ ପୁସ୍ତକ ପ୍ରକାଶିତ ହୋଇଥିଲା। ତାଙ୍କର ସମସ୍ତ ସାହିତ୍ୟକୃତୀକୁ ଗ୍ରନ୍ଥାବଳି ଆକାରରେ ସଂକଳିତ କରିବା ପାଇଁ ସେ ଉଦ୍ୟମ କରିବେ। ସୂଚନାଯୋଗ୍ୟ, ସ୍ୱର୍ଗତ ଦୁର୍ଗାଚରଣ ସାହୁ ସମାଜ ବିଜ୍ଞାନ ପ୍ରବେଶ, ସମାଜ ବିଜ୍ଞାନ, ଭାରତୀୟ ସାମାଜିକ ସମସ୍ୟା, ସମାଜ ବିଜ୍ଞାନ ପ୍ରବେଶିକା, ସାହୁଙ୍କ ହାଣ୍ଡବୁକ୍ ଅନ୍ ସର୍ଭିସ୍ ମ୍ୟାଟର୍ସ ଫର ଆଇଏଏସ, ଆଇପିଏସ୍ ଆଣ୍ଡ ଆଇଏଫଏସ, ଆଡମିନିଷ୍ଟ୍ରେସନ ଅଫ୍ ୟୁନିୟନ ଟେରିଟେରୀ, କାବ୍ୟ କୌଣ୍ଡିନ୍ୟ, କାବ୍ୟ କଲ୍ଲୋଳିନୀ, ଗୀତଗୋବିନ୍ଦରେ ତୀବ୍ର ଶୃଙ୍ଗାର, ଦୁର୍ଗାଚରଣ ଓଡ଼ିଆ ଗୀତ ଗୋବିନ୍ଦ, ଶୃଙ୍ଗାରୀ କାବ୍ୟ ଗୀତ ଗୋବିନ୍ଦ, ଏଣୁତେଣୁ, କିଛି କଥା, ପଲ୍ଲବିକା, ଭ୍ରମଣିକା- ଉତ୍ତର-ପୂର୍ବ ଭାରତ, ଭ୍ରମଣ-ଦିଲ୍ଲୀ ଓ ଉତ୍ତରପ୍ରଦେଶ ଭଳି ବହୁ ଉପାଦେୟ ପୁସ୍ତକର ରଚନା କରିଥିଲେ। କାର୍ଯ୍ୟକ୍ରମର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଥିଲେ ଯେ, ରଣପୁର ବ୍ଲକ୍ ଅନ୍ତର୍ଗତ ଐତିହ୍ୟ ପ୍ରସିଦ୍ଧ ଗଡ଼ବାଣୀକିଲୋ ଗ୍ରାମର ସେ ଥିଲେ ସୁଯୋଗ୍ୟ ସନ୍ତାନ। ପିଲାଟି ଦିନରୁ ମେଧାବୀ ଛାତ୍ର ଭାବେ ସମସ୍ତଙ୍କର ପ୍ରିୟ ଥିଲେ। ଗଡ଼ବାଣୀକିଲୋ ଉଚ୍ଚବିଦ୍ୟାଳୟରେ ଶିକ୍ଷକତା ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ଗୋଆ, ପଣ୍ଡିଚେରୀ, ମିଜୋରାମ, ଅରୁଣାଚଳ ପ୍ରଦେଶରେ ବିଭିନ୍ନ ପଦପଦବୀରେ ସଫଳତାର ସହ କାର୍ଯ୍ୟ କରିଥିଲେ। ତାଙ୍କର ଅଭାବ ସାରା ଜୀବନ ଅନୁଭୂତ ହେବ ବୋଲି ଶ୍ରୀ ବଳିଆରସିଂହ ସ୍ମୃତିଚାରଣ କରି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରି ନ୍ୟୁଜ୍ ୭ର ବରିଷ୍ଠ ପ୍ରଯୋଜକ ସମରେନ୍ଦ୍ର ବଳିଆରସିଂହ କହିଥିଲେ ଯେ, ସ୍ୱର୍ଗତ ସାହୁ ଉଭୟ ସାହିତ୍ୟ ରଚନା ଓ ପ୍ରାଶାସନିକ ପରିଚାଳନାରେ ଅତ୍ୟନ୍ତ ଦକ୍ଷ ଥିଲେ । ଗୋଆର ପର୍ଯ୍ୟଟନ ତଥା ସମବାୟ ବିଭାଗର ସଚିବ ଭାବେ ସେଠାରେ ପର୍ଯ୍ୟଟନର ଅଭିବୃଦ୍ଧି ତଥା ସମବାୟର ଯଥାଯଥ ସଞ୍ଚାଳନ ପାଇଁ ବଳିଷ୍ଠ ଉଦ୍ୟମ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ଡ. ଗୀତାମଂଜରୀ ବେହେରା, ସଂଗୀତଜ୍ଞ ନିମାକାନ୍ତ ରାଉତରାୟ, ମହେଶ ପଣ୍ଡା, ସାହିତ୍ୟିକ ଡ. ମନ୍ମଥ ଶତପଥୀ, ସାହିତ୍ୟିକା ଲକ୍ଷ୍ମୀ ଚାନ୍ଦ, ଶାନ୍ତନୁ ପୃଷ୍ଟି, ଶିଳାଦିତ୍ୟ ବଳିଆରସିଂହ, ଜାନକୀ ବଲ୍ଲଭ ବଳିଆରସିଂହ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସ୍ୱର୍ଗତ ସାହୁଙ୍କ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱର୍ଗତ ସାହୁଙ୍କ ବଡ଼ଝିଅ ମହାଲଶା, ସାନଝିଅ ମନ୍ଦାକିନୀ, ଜ୍ୱାଇଁ ଧ୍ରୁତି ସାହୁ, ଶରତ କୁମାର ସାହୁ, ମହେଶ ସାହୁଙ୍କ ସମେତ ପରିବାରବର୍ଗ ଏବଂ ଦୀର୍ଘ ବର୍ଷ ଧରି ସ୍ୱର୍ଗତ ସାହୁଙ୍କ ସହାୟକ ଭାବେ କାର୍ଯ୍ୟ କରୁଥିବା ବୈରାଗୀ ଚରଣ ସେଠୀ ସ୍ମୃତିସଭା ପରିଚାଳନା କରିଥିଲେ। ଆଗାମୀ ଦିନରେ ସ୍ୱର୍ଗତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସଭା ଶେଷରେ ଘୋଷଣା ହୋଇଥିଲା।

## ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି

# ସ୍ୱାଭିମାନୀ, ସୃଜନଶୀଳ ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ଡକ୍ଟର ମୁଖାର୍ଜୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସ୍ୱାଭିମାନୀ, ସୃଜନଶୀଳ ସଂପୂର୍ଣ୍ଣ ବ୍ୟକ୍ତିତ୍ୱ, ଜନନାୟକ ଓ ଦୂରଦ୍ରଷ୍ଟା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ୬ ଜୁଲାଇ ୧୯୦୧ ରେ ପଶ୍ଚିମବଙ୍ଗର କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ସେ ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ଯୁଗରେ ଭାରତର ରାଜନୈତିକ ଏବଂ ଆଦର୍ଶଗତ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଶୁତୋଷ ମୁଖାର୍ଜୀଙ୍କ ପୁତ୍ର ଡ. ମୁଖାର୍ଜୀ ଜଣେ ମେଧାବୀ ଛାତ୍ର ଭାବରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ଏମ୍.ଏ. ସମାପ୍ତ କରିଥିଲେ ଏବଂ ପରେ ବାରିଷ୍ଟର ହେବା ପାଇଁ ଇଂଲଣ୍ଡ ଯାଇଥିଲେ । ତାଙ୍କର ତୀକ୍ଷଣ ବୁଦ୍ଧି ଏବଂ ନେତୃତ୍ୱ ଗୁଣ ତାଙ୍କୁ ଯୁବାବସ୍ଥାରୁ ଏକ ପ୍ରମୁଖ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲା।
ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଏବଂ ସଂସ୍କାରକ ଥିଲେ । 'ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା' ସ୍ଲୋଗାନ ଦେଇଥିବା ଡକ୍ଟର ମୁଖାର୍ଜୀ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ । ସୋମବାର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରର ସତ୍‌ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନୈତିକ, ସାମାଜିକ, ସାଂସ୍କୃତିକ ସଂଗଠନର କାର୍ଯ୍ୟକର୍ତ୍ତା ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ଏହି ଅବସରରେ ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ଗୁରବୀର ସିଂହ, ଯୁଗ୍ମନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**
ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ମାଳତୀପାଟପୁର ଏବଂ ପୁରୀ ଷ୍ଟେସନ ମଧ୍ୟରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ କିଛି ଟ୍ରେନ୍ ଚଳାଚଳକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯାଇଛି । ଭିତ୍ତିଭୂମିର ଉନ୍ନତି ଏବଂ ଭବିଷ୍ୟତରେ ଅଧିକ ନିରାପଦ ଓ ସୁବିଧାଜନକ ରେଳ ପରିଚାଳନା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଟ୍ରେନ୍ ସେବାଗୁଡ଼ିକ ୦୭ ଜୁଲାଇ ୨୦୨୬ ତାରିଖରେ ବାତିଲ୍ ରହିବ। ୬୮୪୦୩ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ, ୬୮୪୦୪ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ, ୬୮୪୧୫ କଟକ-ପୁରୀ ମେମୁ, ୬୮୪୧୬ ପୁରୀ-କଟକ ମେମୁ, ୬୮୪୩୭ ଭଦ୍ରକ - କଟକ ମେମୁ, ୬୮୪୩୮ କଟକ- ଭଦ୍ରକ ମେମୁ, ୫୮୪୦୫ କଟକ-ପାରାଦୀପ ମେମୁ, ୫୮୪୦୬ ପାରାଦୀପ- କଟକ ମେମୁ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. CAOCRSPBBS-33-2026
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ କପିଳାସ ରୋଡ଼ ଓ ନିର୍ଗୁଣ୍ଡି ଷ୍ଟେସନ ମଧ୍ୟରେ ଆପ୍ରୋଚ ଅଂଶ ନିମନ୍ତେ NH-45 ପାର୍ଶ୍ୱରେ 13 X 18.00 M RCC T-ବିମ୍ ଗର୍ଡ଼ର ଏବଂ କରଞ୍ଜି ଗାଁ ପାର୍ଶ୍ୱରେ 8 X 18.00 M + 3 x 25.040 M RCC T-ବିମ୍ ଗର୍ଡ଼ରର ପ୍ରସ୍ତାବିତ ସ୍ଥାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 175 ପରିବର୍ତ୍ତେ କି.ମି. 396/11-12 ଠାରେ ରେଳବାଇ ଅଂଶ ନିମନ୍ତେ 1 X 60.00 M କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର + 1 X 36.00 M କମ୍ପୋଜିଟ୍ ଗର୍ଡର ସହିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ।
ବିଜ୍ଞାପିତ ମୂଲ୍ୟ : ₹ 86,19,98,993.52, EMD : ₹1,72,40,000/-, ଶେଷ ହେବା ଅବଧି: 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.07.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.07.2026ରିଖ 1200 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।
ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର
PR-123/CJ/26-27

# ପ୍ରକଳ୍ପ ବାସ୍କେଟ୍ରି ପ୍ରଶିକ୍ଷଣର ସଫଳ ସମାପନ ଅବସରରେ ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ



**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**
ଆଦିତ୍ୟ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା, ଅପହୋଲ୍ଡ ଅର୍ଥ ସଂସ୍ଥା ସହଯୋଗରେ କତରବଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲଉମାଲଠାରେ ଆୟୋଜିତ ପ୍ରକଳ୍ପ ବାସ୍କେଟ୍ରି – ବାଉଁଶ ହସ୍ତଶିଳ୍ପ ପ୍ରଶିକ୍ଷଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୮୩ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଲୋକଙ୍କୁ ପାରମ୍ପରିକ ବାଉଁଶ ହସ୍ତଶିଳ୍ପ କୌଶଳରେ ସଶକ୍ତ କରିବା, ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ଏବଂ ଦେଶର କାରିଗରୀ ପରମ୍ପରାର ସଂରକ୍ଷଣ ଉଦ୍ଦେଶ୍ୟରେ ଆୟୋଜିତ ଦକ୍ଷତା ବିକାଶ ପ୍ରଶିକ୍ଷଣର ସଫଳ ସମାପନକୁ ପାଳନ କରିଥିଲା। ଏହି ଅବସରରେ ଆଦିତ୍ୟ ଆଲୁମିନିୟମ୍‌ର ସିଏସ୍ଆର୍ ଓଡ଼ିଶା କ୍ଲଷ୍ଟର ହେଡ୍ ଶିବ ମହାପାତ୍ର, ସିଏସ୍ଆର୍ ଓ ଆରଆର୍ ହେଡ୍ ରବି ନିଶ୍ୱାସ, ମନୋଜ ଶର୍ମା, ଅପହୋଲ୍ଡ ଅର୍ଥ ସଂସ୍ଥାର ନିରେନ କୁଜୁର, ସିଭିଲ୍, ପର୍ଚେଜ୍ ଓ ସିଏସ୍ଆର୍ ବିଭାଗର ସଦସ୍ୟମାନେ, ବାଉଁଶ ଶିଳ୍ପୀ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କର ନିଷ୍ଠା ଓ ସଫଳତାକୁ ସ୍ୱୀକୃତି ଜଣାଇ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ସେମାନଙ୍କର ଉତ୍ସାହ ଓ ପରିଶ୍ରମକୁ ପ୍ରଶଂସା କରିବା ସହ ଏହି ନୂତନ କୌଶଳକୁ ଆଧାର କରି ସ୍ୱାବଲମ୍ବୀ ହେବା ଏବଂ ସ୍ଥାୟୀ ଜୀବିକା ସୃଷ୍ଟି କରିବାକୁ ପ୍ରେରଣା ଦେଇଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଆଦିତ୍ୟ ଆଲୁମିନିୟମ୍ ସମାଜର ସଶକ୍ତିକରଣ, ଦକ୍ଷତା ବିକାଶ ଏବଂ ଅର୍ଥପୂର୍ଣ୍ଣ ସିଏସ୍ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାବଲମ୍ବନକୁ ପ୍ରୋତ୍ସାହନ ଦେବା ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି ।

ଭୁବନେଶ୍ୱର, ୦୭ ଜୁଲାଇ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଅନବସରରେ ଦାରୁବ୍ରହ୍ମ : ଶ୍ରୀବିଗ୍ରହଙ୍କ ଚାଲିଛି ଓଷ ଲାଗି ନୀତି



**ପୁରୀ, ୬/୦୭ ନ୍ୟୁଜ ବ୍ୟୁରୋ**
ଦଇତାପତିଙ୍କ ସେବାରେ ଜ୍ୱରରୁ ଧୀରେ ଧୀରେ ସୁସ୍ଥ ହେଉଛନ୍ତି ଦାରୁବ୍ରହ୍ମ । ଫୁଲୁରୀ ତେଲ ଲାଗି ପରେ ଶ୍ରୀମନ୍ଦିର ଅଣସର ପିଣ୍ଡିରେ ଶ୍ରୀବିଗ୍ରହଙ୍କୁ ଓଷ ଲାଗି ଆରମ୍ଭ ହୋଇଛି। ରାଶି ତେଲ ସହ ଝୁଣା ଗୁଣ୍ଡର ମିଶ୍ରଣ ହେଉଛି ଓଷ । ଶୁଦ୍ଧସୁଆରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ ଓଷ । ଏହି ଓଷ ନୀତି ତିନି ଦିନ ଧରି ଚାଲିବ। ୧୦ ତାରିଖ ଶୁକ୍ରବାର ଦଶମୀ ଦିନ ଶ୍ରୀଜୀଉ ଚକା ଉପରକୁ ଉଠିବେ। ଏକାଦଶୀରେ ଶ୍ରୀଅଙ୍ଗରେ ରକ୍ତ ବସ୍ତ୍ର ଲାଗିହେବ ।

ଜ୍ୟୋଷ୍ଠ ପୂର୍ଣ୍ଣିମା ଦିନ ଭାଇ-ଭଉଣୀଙ୍କ ସହ କଳା ସାଆନ୍ତେ ୧୦୮ ଗଡୁ ଜଳରେ ସ୍ନାନ କରି ଜ୍ୱରରେ ପୀଡିତ ହୋଇ ଅଣସର ପିଣ୍ଡିରେ ବିଶ୍ରାମ କରୁଛନ୍ତି । ଦଇତାପତି ସେବକମାନେ ଅଣସର ଠାରେ ମହାପ୍ରଭୁଙ୍କ ଗୁପ୍ତ ସେବା କରୁଛନ୍ତି । ପରାମ୍ପରା ଅନୁସାରେ, ଅନବସରର ପଞ୍ଚମ ଦିନରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି କରାଯାଇଛି । ବଡ ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲକୁ ପତି ମହାପାତ୍ର ସଂସ୍କାର କରିବା ପରେ ଦଇତାପତି ସେବକମାନେ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ।

ସେହିପରି ଅନବସରର ଷଷ୍ଠ ଦିବସରେ ମହାପ୍ରଭୁଙ୍କୁ ଓଷ ବା ଓଷୁଅ ଲାଗି କରାଯାଇଛି । ଶୁଦ୍ଧସୁଆର ସେବକମାନେ ପ୍ରସ୍ତୁତ କରିଥିବା ଓଷକୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲେପନ କରିଛନ୍ତି । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଦଇତାପତି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଓଷ ଲାଗି କରିଛନ୍ତି । ଓଷ ଲାଗି ଦ୍ୱାର ମହାପ୍ରଭୁ ସୁସ୍ଥ ଅନୁଭବ କରନ୍ତି ବୋଲି ବିଶ୍ୱାସ ରହିଛି ।

# ନେତ୍ରୋତ୍ସବର ଯଥେଷ୍ଟ ପୂର୍ବରୁ ସରିବ ରଥ ନିର୍ମାଣ

**ପୁରୀ,୦୬/୦୭ ନ୍ୟୁଜ ବ୍ୟୁରୋ**
ନେତ୍ରୋତ୍ସବର ଯଥେଷ୍ଟ ପୂର୍ବରୁ ସରିଥିବ ରଥ ନିର୍ମାଣ। ଏଣୁ ରଥ ତିଆରି ଶେଷ କରିବାକୁ ଲାଗିଛନ୍ତି ନିର୍ମାଣକାରୀ । ରଥରେ ଲାଗିଲା କଣିଫାଉଡ଼ା । ଲମ୍ବା ପଟାବଟମ ଭଳି ୧୨ଟି କଣିଫାଉଡ଼ା ରଥରେ ଲାଗିଛି । ୯ଟି ଲାଗିଛି ବଟମ୍। ଗୋଟେ କୋଣରୁ ୩ଟି ପଟାବଟମ୍ ଛଡ଼ାଯାଇଛି । କଳସ ଉଠିଲା ପରେ କଣିଫାଉଡ଼ା ବାଡ଼ିଆ ଶେଷ ହେବ । ଭୂଇଁ କାଠର କୋଣରେ ଫାଉଡ଼ା ଲଗାଯାଇ କଣି ତଥା ବଟମ୍ ଲଗାଯାଇଛି । ରଥର ଚାରିପାର୍ଶ୍ୱରେ କଣିଫାଉଡ଼ା ଓ ମଣ୍ଡଣି ବତା ଲଗାଯାଇଛି । ଏଥିସହ ଲାଗୁଛି ହାତୀଆଳମାଳ । ରଥରେ କନାମଣ୍ଡଣିରେ ଏହା ସହାୟକ ହେବ । ଏହାଯୋଗୁଁ ରଥ ହୃଷ୍ଟପୃଷ୍ଟ ଓ ସୁନ୍ଦର ଦେଖାଯିବ । ଉପର ଚାରି ପାର୍ଶ୍ୱରେ ଚାରିକୋଣରେ ପଟାବାଡ଼ିଆ ଶେଷ ହୋଇଛି । ଚିତ୍ରକରଙ୍କ ତୂଳୀରେ ରଥରେ ଶୋଭା ପାଇଲାଣି 'ବୃନ୍ଦାବନ'ର ଅପୂର୍ବ ଦୃଶ୍ୟ । ଠାକୁରେ ଗୋ'ବଛାଙ୍କ ଗହଣରେ ସିଂହାସନରେ ବିଜେ ହେବେ । ଏଣୁ ରଥରେ 'ଗାଇପଲ' ଚିତ୍ର ସମ୍ପନ୍ନ ହେବ । ରଥର ପ୍ରଭା ରଙ୍ଗ କାର୍ଯ୍ୟ ଜାରି ରହିଛି । ରଥ ଚକରେ ରଙ୍ଗ ଦିଆଯାଉଛି । ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ମହଲାରେ ରଥ କନାମଣ୍ଡଣି କାର୍ଯ୍ୟ ଆଗେଇ ଚାଲିଛି।



# ୨୦୩୬ ସୁଦ୍ଧା ଭାରତର ୯୩% ଖର୍ଚ୍ଚ କରିବେ ମଧ୍ୟବିତ୍ତ ଓ ଆଶାୟୀ ବର୍ଗର ଲୋକେ

**ନୂଆଦିଲ୍ଲୀ, ୬/୦୭**
ଆସନ୍ତା ଦଶନ୍ଧିରେ ଭାରତର ଅର୍ଥନୈତିକ ଅଭିବୃଦ୍ଧିର ପ୍ରମୁଖ ଚାଳକ ଭାବେ ମଧ୍ୟବିତ୍ତ ଶ୍ରେଣୀ ଉଭା ହେବେ। ୨୦୩୬ ସୁଦ୍ଧା ଦେଶର ମୋଟ ଉପଭୋକ୍ତା ଖର୍ଚ୍ଚର ୯୩ ପ୍ରତିଶତ ମଧ୍ୟବିତ୍ତ ଓ ଆଶାୟୀ ଶ୍ରେଣୀର ଉପଭୋକ୍ତାଙ୍କଠାରୁ ଆସିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଫ୍ରାନ୍ସର ଏକ୍ସ-ଏନ୍-ପ୍ରୋଭେନ୍ସରେ ଆୟୋଜିତ 'ରେଙ୍କୋଣ୍ଟ୍ରେ ଇକୋନୋମିକ୍ସ' କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ ଭାରତର ଅର୍ଥନୈତିକ ବିକାଶ କେବଳ ମହାନଗର ମଧ୍ୟରେ ସୀମିତ ରହିବ ନାହିଁ, ଆଗାମୀ ଦିନରେ ପ୍ରାୟ ୫୦୦ଟି ସହର ନୂଆ ଆର୍ଥିକ କେନ୍ଦ୍ର ଭାବେ ଉଭା ହେବ। ସୀତାରମଣ ଆହୁରି କହିଛନ୍ତି ଯେ, ଭାରତର ମଧ୍ୟବିତ୍ତ ଶ୍ରେଣୀ କେବଳ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ କିମ୍ବା ଚେନ୍ନାଇ ଭଳି ମହାନଗରରେ ସୀମିତ ନୁହେଁ। ବରଂ ଟିୟର-୨ ଓ ଟିୟର-୩ ସହରରେ ମଧ୍ୟ ଏହି ଶ୍ରେଣୀ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଫଳରେ ସମ୍ପତ୍ତି ଓ ଆର୍ଥିକ ସୁଯୋଗର ବଣ୍ଟନ ମହାନଗର ବାହାରକୁ ମଧ୍ୟ ବ୍ୟାପିବାରେ ଲାଗିଛି। ସେ କହିଥିଲେ, ମଧ୍ୟବିତ୍ତ ଶ୍ରେଣୀ କେବଳ ବିକାଶର ଲାଭାର୍ଥୀ ନୁହେଁ, ବରଂ ଦେଶର ଅର୍ଥନୈତିକ ଅଭିବୃଦ୍ଧିର ପ୍ରମୁଖ ଶକ୍ତି। ବର୍ତ୍ତମାନ ଭାରତର ପ୍ରାୟ ୩୧ ପ୍ରତିଶତ ଜନସଂଖ୍ୟା ମଧ୍ୟବିତ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ଏବଂ ୧୯୯୫ ପରଠାରୁ ଏହି ଶ୍ରେଣୀ ପ୍ରତିବର୍ଷ ହାରାହାରି ୬.୩ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଓଇସିଡିର ଆକଳନ ଅନୁସାରେ, ୨୦୩୦ରୁ ୨୦୩୫ ମଧ୍ୟରେ ମଧ୍ୟବିତ୍ତ ଜନସଂଖ୍ୟା ଦୃଷ୍ଟିରୁ ଭାରତ ଚୀନକୁ ଅତିକ୍ରମ କରିବ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ ଯୋଜନା ନିମ୍ନ ଆୟ ବର୍ଗକୁ ମଧ୍ୟବିତ୍ତ ଶ୍ରେଣୀକୁ ଆଣିବାରେ ସହାୟକ ହୋଇଛି। ୨୦୧୪ରେ ଆରମ୍ଭ ହୋଇଥିବା ଜନଧନ ଯୋଜନା ମାଧ୍ୟମରେ



କୋଟି କୋଟି ଲୋକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ି ହୋଇଥିଲେ। ବିଶ୍ୱ ବ୍ୟାଙ୍କ ଏବଂ ଆଇଏମଏଫର ତଥ୍ୟ ଅନୁସାରେ, ୨୪.୮ କୋଟି ଲୋକ ବହୁମାତ୍ରିକ ଦାରିଦ୍ର୍ୟରୁ ବାହାରିଛନ୍ତି ସୀତାରମଣ। ବ୍ୟବସାୟକୁ ସରକାରୀ ପ୍ରୋତ୍ସାହନ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି ଯେ ବିନା ବନ୍ଧକରେ ସରକାରୀ ଗ୍ୟାରେଣ୍ଟିଯୁକ୍ତ ଋଣ ଯୋଗାଇ ଛୋଟ ବ୍ୟବସାୟକୁ ପ୍ରୋତ୍ସାହନ ଦିଆଯାଇଛି। ଏହା ସହ ଡିଜିଟାଲ ପେମେଣ୍ଟ ଏବଂ ବ୍ୟାଙ୍କିଂ ସେବାକୁ ସ୍ମାର୍ଟଫୋନ୍ ସହିତ ଫିଚର୍ ଫୋନ୍ ଏବଂ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଯାଇଥିବାରୁ କ୍ଷୁଦ୍ର ବ୍ୟବସାୟୀମାନେ ଔପଚାରିକ ଅର୍ଥନୀତି ସହ ଯୋଡ଼ି ହୋଇପାରିଛନ୍ତି। କର ବ୍ୟବସ୍ଥାରେ ସୁଧାର ସମ୍ପର୍କରେ ସୀତାରମଣ କହିଛନ୍ତି ଯେ ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷ ଟଙ୍କାରୁ ବଢ଼ାଇ ୧୨ ଲକ୍ଷ ଟଙ୍କା କରାଯାଇଛି, ଯାହା ଫଳରେ ପରିବାରମାନଙ୍କ ହାତରେ ଅଧିକ ବ୍ୟୟଯୋଗ୍ୟ ଆୟ ରହୁଛି। ଏହା ସହିତ ଜିଏସ୍‌ଟି ହାରରେ ମଧ୍ୟ ହ୍ରାସ କରାଯାଇ ଉପଭୋଗ ଏବଂ କ୍ଷୁଦ୍ର ବ୍ୟବସାୟକୁ ପ୍ରୋତ୍ସାହନ ଦିଆଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତ୍ୟେକ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର କ୍ୟାସଲେସ୍ ସ୍ୱାସ୍ଥ୍ୟ ବୀମା ସୁବିଧା ଦିଆଯାଉଥିବା ବେଳେ, ଜନଔଷଧି କେନ୍ଦ୍ର ମାଧ୍ୟମରେ ୮୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ଦରରେ ଜେନେରିକ୍ ଔଷଧ ଯୋଗାଇ ଦିଆଯାଉଥିବା ସୀତାରଣ କହିଛନ୍ତି। ସେହିପରି ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରତ୍ୟେକ ଜିଲ୍ଲାରେ ଝିଅମାନଙ୍କ ପାଇଁ ଏସ୍‌ଟିଇଏମ୍ ଶିକ୍ଷା ହଷ୍ଟେଲ୍ ନିର୍ମାଣ, ପାଞ୍ଚଟି ୟୁନିଭର୍ସିଟି ଟାଉନ୍‌ଶିପ୍ ପ୍ରତିଷ୍ଠା ଏବଂ ଏଭିଜିସି କ୍ଷେତ୍ରରେ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ସେ ସୂଚନା ଦେଇଥିଲେ। ଶେଷରେ ସୀତାରମଣ କହିଥିଲେ, ସରକାରଙ୍କ ଏହି ସବୁ ପଦକ୍ଷେପ ମଧ୍ୟବିତ୍ତ ଶ୍ରେଣୀକୁ ସଶକ୍ତ କରିଛି ଏବଂ ଏବେ ଏହି ଶ୍ରେଣୀ ଭାରତର ଅର୍ଥନୈତିକ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିଛି।

## ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ରାଜ୍ୟରେ ବେଆଇନ ଖଣି ଖନନ ରୋକିବା ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ

**କଟକ, ୬/୦୭ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ବେଆଇନ ଖଣି ଖନନ ରୋକିବା ଦିଗରେ ସରକାର କେଉଁ ସବୁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଜିଲ୍ଲାର ପିପିଲି ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମବାସୀଙ୍କ ପକ୍ଷରୁ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ସମ୍ବନ୍ଧୀୟ ରିଟ୍ ପିଟିସନର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନରେ ଦର୍ଶାଯାଇଥିଲା ଯେ, ଗୋବର୍ଦ୍ଧନପୁର ନିକଟ ଦୟା ନଦୀରୁ କିଛି ଅସାମାଜିକ ଓ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ ଏବଂ ପରିବହନ କରୁଛନ୍ତି। ଏନେଇ ପ୍ରଭାବିତ ଗ୍ରାମବାସୀ ୨୦୨୫, ଡିସେମ୍ବର ୨୬ ତାରିଖରେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳପ୍ରଦ



ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଦୟା ନଦୀ ଉପରେ ନିର୍ମିତ ବିଜୁ ସେତୁ ନିକଟରେ ବେଆଇନ ବାଲି ଉତ୍ତୋଳନ ଜାରି ରହିଲେ ନଦୀବନ୍ଧ ଦୁର୍ବଳ ହେବା ସହ ସେତୁର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇପାରେ ବୋଲି ଆବେଦନରେ ଯୁକ୍ତି ଦର୍ଶାଯାଇଥିଲା । ୨୦୨୬, ଜୁନ୍ ୩୦ରେ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସରକାରୀ ଓକିଲ ନ୍ୟାୟାଳୟଙ୍କୁ ଜଣାଇଥିଲେ ଯେ, ବେଆଇନ ଖଣି ଖନନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ ହୋଇଛି ଏବଂ ସମଗ୍ର ରାଜ୍ୟରେ ବେଆଇନ ଖଣି ଖନନକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସରକାରଙ୍କ ଏହି ଉପସ୍ଥାପନକୁ ଗୁରୁତ୍ୱର ସହ ବିଚାର କରି ଯୁଗ୍ମ ଖଣ୍ଡପୀଠ ମତ ପ୍ରକାଶ କରିଥିଲେ ଯେ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ବ୍ୟକ୍ତିଙ୍କୁ ବେଆଇନ ଖଣି ଖନନ କରିବାକୁ କଦାପି ଅନୁମତି ଦିଆଯାଇପାରିବ ନାହିଁ। ଏହାପରେ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ସମଗ୍ର ଓଡ଼ିଶାରେ ବେଆଇନ ଖଣି ଖନନ ରୋକିବା ପାଇଁ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି ଏବଂ ଆଗାମୀ ଦିନରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀମାନଙ୍କୁ ପରବର୍ତ୍ତୀ ଏକ ସପ୍ତାହ ମଧ୍ୟରେ ପ୍ରତିଜବାବ ଦାଖଲ କରିବାକୁ କୁହାଯାଇଛି । ଜୁଲାଇ ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ।

## କଟକ ଚଣ୍ଡୀ ମନ୍ଦିର ପ୍ରକଳ୍ପ କାମର ମାନକୁ ନେଇ ପ୍ରଶ୍ନବାଚୀ

# ନାଟମଣ୍ଡପ, ଶିବ ମନ୍ଦିର ଓ ସୂର୍ଯ୍ୟ ମନ୍ଦିରରୁ ଝରୁଛି ପାଣି



**କଟକ,୦୬/୦୭ ନ୍ୟୁଜ ବ୍ୟୁରୋ**
କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ ମନ୍ଦିର ନବୀକରଣ ପ୍ରକଳ୍ପ ନିର୍ମାଣ କାମ ଶେଷ ହୋଇନାହିଁ । ମୁଖ୍ୟମନ୍ଦିର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ଚାଲିଛି। ତେଣୁ ସ୍ୱାଭାବିକ ଭାବେ ମନ୍ଦିର ଏବେ ଯାଏ ପ୍ରତିଷ୍ଠା ହୋଇନାହିଁ । କିନ୍ତୁ ଲଗାଣ ବର୍ଷାରେ ମନ୍ଦିର କାମର ଅସଲ ଚିତ୍ର ସାମ୍ନାକୁ ଆସିଛି। ଦୁଇ ଦିନର ବର୍ଷାରେ ମନ୍ଦିରର ନାଟମଣ୍ଡପରୁ ପାଣି ଗଳିଲାଣି। ଖାଲି ସେତିକି ନୁହେଁ ଶିବ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର, ସୂର୍ଯ୍ୟ ମନ୍ଦିରରୁ ମଧ୍ୟ ପାଣି ଝରୁଥିବା ଦେଖିବାକୁ ମିଳୁଛି। ନିର୍ମାଣ କାମ ଶେଷ ହୋଇନଥିବାବେଳେ ପାଣି ଝରିବା ଘଟଣା ପ୍ରକଳ୍ପ କାମର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କଟକ ସହରରେ ଲଗାଣ ବର୍ଷା ହେଲେ କଟକ ଚଣ୍ଡୀ ମନ୍ଦିର ଜଳବନ୍ଦୀ ହୁଏ। ରାସ୍ତା ଉଚ୍ଚତାରୁ ମନ୍ଦିର ପ୍ରାୟ ଅଢେଇଫୁଟ୍ ତଳେ ରହିଥିବାରୁ ଅନେକ ସମୟରେ ବର୍ଷାଜଳ ନିଷ୍କାସନ ହୋଇପାରେ ନାହିଁ। ସ୍ଥିତି ଏମିତି ହୁଏ କି ପମ୍ପ ଲଗାଇ ଜଳ ନିଷ୍କାସନ କରିବାକୁ ପଡେ । ଏବେ ମା' କଟକ ଚଣ୍ଡୀ ମନ୍ଦିର ପ୍ରକଳ୍ପ କାମ ଯୋଗୁଁ ଅବଶ୍ୟ ଜଳବନ୍ଦୀ ଅବସ୍ଥା ନାହିଁ । ରାସ୍ତାଠାରୁ ମନ୍ଦିର ଉଚ୍ଚତା ଯଥେଷ୍ଟ ଅଧିକ ରହିଛି। ଜଳ ନିଷ୍କାସନ ସମସ୍ୟା ନାହିଁ। କିନ୍ତୁ ଏବେ ଲଗାଣ ବର୍ଷା ଯୋଗୁଁ ମନ୍ଦିରରେ ହୋଇଥିବା ନିମ୍ନମାନର କାମର ଝଲକ ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ବିଜୁଳି ଯୋଗୁଁ ମନ୍ଦିରର ଦଧିନଉତି ଭାଙ୍ଗିଯାଇଥିବା ବେଳେ ଏବେ ବର୍ଷାରେ ପାଣି ଗଳିବା ମନ୍ଦିର କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଏମିତିକି ଅତୀତରେ ମନ୍ଦିର ନିର୍ମାଣ ସମୟରେ ପଥର ପ୍ୟାକିଂ ଓ ଅଠା ବଦଳରେ ସିମେଣ୍ଟ ବ୍ୟବହାର ନେଇ ମଧ୍ୟ ଆପତ୍ତି ଉଠିଥିଲା। ଏବେ କାର୍ଯ୍ୟ ଚୂଡାନ୍ତ ହେବା ସ୍ଥିତିରେ। ନାଟମଣ୍ଡପରୁ ପାଣି ଗଳିବା ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି । ମନ୍ଦିର ଛାତରୁ ପାଣି ଝରିବା ଘଟଣାକୁ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଠିକା ସଂସ୍ଥା ଓବିସିସିକୁ ଅବଗତ କରାଯାଇଛି। ଯେହେତୁ ସମ୍ପୂର୍ଣ୍ଣ କାମ ସରିନାହିଁ ଓ ମନ୍ଦିରକୁ ହସ୍ତାନ୍ତର କରାଯାଇନାହିଁ ତେଣୁ ଓବିସିସି ହିଁ ଏହାର ଉତ୍ତରଦାୟିତ୍ୱ ନେବ । ଏହାର ସମ୍ପୂର୍ଣ୍ଣ ମରାମତି କରିବା ପାଇଁ କୁହାଯାଇଥିବା ମନ୍ଦିର ମ୍ୟାନେଜର କିରଣ ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୨ ମସିହା ମେ' ୧୯ ତାରିଖରେ ମା' କଟକ ଚଣ୍ଡୀ ମନ୍ଦିରର ସମନ୍ୱିତ ବିକାଶ ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା । ସେହିବର୍ଷ ସେପ୍ଟେମ୍ବରରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୨ କୋଟିର ଅନୁଦାନ ମିଳିଥିଲା। ୨୦୨୩ ଫେବ୍ରୁୟାରୀରେ ସଂଶୋଧିତ ଅନୁମୋଦନ ଖର୍ଚ୍ଚ ୫୧ କୋଟି ୮୭ଲକ୍ଷକୁ ବୃଦ୍ଧି ପାଇଥିଲା। ୨୦୨୬ ଜାନୁଆରୀରେ ପୁଣିଥରେ ଏ ପ୍ରକଳ୍ପ ମୂଲ୍ୟକୁ ବଢାଇ ୫୮ କୋଟି ୧୮ଲକ୍ଷ କରାଯାଇଛି । ଦୁଇଭାଗରେ କାମ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସେବାୟତ ସୁବିଧାକେନ୍ଦ୍ର, ସୂଚନାକେନ୍ଦ୍ର, ଦୋକାନ ଘର, ପ୍ରସାଦ ସେବନ ଘର, ଯଜ୍ଞମଣ୍ଡପ, ପରିକ୍ରମା, ଶିବମନ୍ଦିର, ୪ଦ୍ୱାର, ବାଟମଙ୍ଗଳାମନ୍ଦିର ସହିତ ଅନ୍ୟାନ୍ୟ କାମ କରାଯାଇଥିଲା। କିନ୍ତୁ ମା'ଙ୍କ ମୁଖ୍ୟ ମନ୍ଦିର କାମ ବିଳମ୍ବ ହେବାରେ ସମସ୍ୟା ଦେଖାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୪ ଅଗଷ୍ଟରେ ମୁଖ୍ୟ ମନ୍ଦିର କାମ ଆରମ୍ଭ ହେଲା । ଏଭିତରେ ଅନେକଗୁଡିଏ ବିବାଦ ଦେଖାଯାଇଥିଲା। ସବୁ ବିବାଦରେ ପ୍ରଶାସନ ହସ୍ତକ୍ଷେପ କରି ତୁଟାଇବାକୁ ଚେଷ୍ଟା କରିଥିଲେ ବି କାମ ମନ୍ଥର ଗତିରେ ଚାଲିଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୬/୦୭/୨୦୨୬
୧,୨୧,୮୧୮/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୧୩ଗ୍ରାମ୍ ୨୦୦ ମିଲିଗ୍ରାମ




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଆଇଆଇସି ମୃତ୍ୟୁ ଘଟଣା : ମୋବାଇଲ କଲ୍ ରେକର୍ଡ଼ରୁ ସ୍ପଷ୍ଟ ହେବ କାରଣ

# ଗୁଜବ ସୃଷ୍ଟି ନ କରିବାକୁ ଡିସିପିଙ୍କ ଅପିଲ



**କଟକ, ୦୬/୦୭ ନ୍ୟୁଜ ବ୍ୟୁରୋ**
ଚାଉଳିଆଗଞ୍ଜ ଥାନା ଆଇଆଇସି ବିଉଟି ମହାନ୍ତିଙ୍କ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଯେତିକି ସସପେନ୍ସ ବି ସେତିକି । କାହିଁକି ଝୁଲି ପଡିଲେ ଆଇଆଇସି ମ୍ୟାଡ଼ାମ ? ପାରିବାରିକ ଚାପ ନାଁ ବୃତ୍ତିଗତ ଚାପ ! ମୃତ୍ୟୁ ଘଟଣାକୁ ୩ ଦିନ ବିତି ଥିଲେ ବି ଏହାର ପ୍ରକୃତ କାରଣ ଜଣାପଡି ନାହିଁ । ଯଦିଓ ଏହା ତାଙ୍କର ବ୍ୟକ୍ତିଗତ କାରଣ ବୋଲି ପୋଲିସ କମିଶନର କହିଥିଲେ, ତେବେ ଏମିତି କ'ଣ ଘଟିଲା, ଯାହା ପାଇଁ ଆଇଆଇସି ନେଲେ ଚରମ ନିଷ୍ପତ୍ତି ? ଯାହା ବି ହେଉ, ଏହି ଘଟଣାର ତଦନ୍ତ ପାଇଁ କମିଶନରେଟ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିବା କଟକ ଡିସିପି ଋଷିକେଶ ଡି ଖିଲାରୀ ସୋମବାର ସ୍ପଷ୍ଟ କରିଛନ୍ତି । ଜଣେ ଅତିରିକ୍ତ ଡିସିପି, ଜଣେ ଏସିପି ଏବଂ ୨ ଜଣ ଆଇଆଇସିଙ୍କ ନେତୃତ୍ୱରେ ଏହି ଘଟଣାର ତଦନ୍ତ କରାଯାଉଥିବା ସୋମବାର ଡିସିପି ସ୍ପଷ୍ଟ କରିଛନ୍ତି। କଟକ ଡିସିପିଙ୍କ କହିବା ଅନୁଯାୟୀ, ବିୟୁଟି ମହାନ୍ତିଙ୍କ ମୋବାଇଲ ଜବତ କରାଯାଇ ଫରେନସିକ ଲ୍ୟାବକୁ ପଠାଯାଇଛି । ଲ୍ୟାବ ରିପୋର୍ଟ ଆସିବା ପରେ ସମସ୍ତ କଥା ସ୍ପଷ୍ଟ ହେବ । ବିଶେଷକରି ତାଙ୍କ ସହ କିଏ କିଏ କଥା ହେଉଥିଲେ, କେତେ ସମୟ କାହା ସହ କଥା ହେଉଥିଲେ, କିଏ ତାଙ୍କୁ ବାରମ୍ବାର କଲ୍ କରୁଥିଲା, କେହି ତାଙ୍କୁ ବ୍ଲାକ ମେଲ କରୁଥିଲା କି ? ଏ ସବୁ ପ୍ରଶ୍ନର ଉତ୍ତର ମିଳିପାରିବ । ଯଦି କିଏ ବ୍ଲାକ ମେଲ କରୁଥିଲା, କାହିଁକି କରୁଥିଲା? ଏହାର ଉତ୍ତର ମଧ୍ୟ ଲ୍ୟାବ ରିପୋର୍ଟରୁ ମିଳି ପାରିବ । କେବଳ ସେତିକି ନୁହେଁ, ଆଇଆଇସିଙ୍କ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଜାଣିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚିଠି ଲେଖିଛି ପୋଲିସ । ଡିସିପି କହିଛନ୍ତି ବ୍ୟାଙ୍କ ଡିଟେଲସରୁ ଆର୍ଥିକ ନେଣ ଦେଣ ଉପରେ ତଥ୍ୟ ଜଣା ପଡିବ । ତଦନ୍ତ ସମୟରେ କୌଣସି ଆତ୍ମହତ୍ୟା ଜନିତ ଚିଠି ମିଳି ନଥିବା ଡିସିପି ସ୍ପଷ୍ଟ କରିଛନ୍ତି। ଅଧିକ ତଥ୍ୟ ପାଇଁ ପରିବାର ଲୋକଙ୍କ ସାହାଯ୍ୟ ମଗା ଯାଇଥିବା ବେଳେ ସେମାନେ ତଦନ୍ତରେ ସହଯୋଗ କରୁଛନ୍ତି । ଦିନେ ଦୁଇ ଦିନ ମଧ୍ୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିଗଲେ ପୋଲିସର ତଦନ୍ତ ପାଇଁ ବେଶ୍ ସହାୟକ ହେବ । ତେବେ ଅସମର୍ଥିତ ତଥ୍ୟ ଆଧାରରେ କୌଣସି ଗୁଜବ ସୃଷ୍ଟି ନକରିବାକୁ ଡିସିପି ଅପିଲ କରିଛନ୍ତି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଏହାକୁ ନେଇ କୌଣସି ଗୁଜବ ପ୍ରଚାର କରିବା ଉଚିତ ନୁହେଁ । ସେହିପରି ଅନେକ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି । ତଦନ୍ତ ପରେ ପ୍ରକୃତ କଥା ସ୍ପଷ୍ଟ ହେବ ବୋଲି ଡିସିପି କହିଛନ୍ତି ।

## ଅଲାରନାଥଙ୍କ ଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ



**ପୁରୀ, ୬/୦୭ ନ୍ୟୁଜ ବ୍ୟୁରୋ**
ଅଲାରନାଥଙ୍କୁ ଦର୍ଶନ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସୋମବାର ବ୍ରହ୍ମଗିରି ଯାଇ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ କରିଛନ୍ତି । ତାଙ୍କ ସହ ସମ୍ବିତ ପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ । ମନ୍ଦିର ପରିସରରେ ପହଞ୍ଚିବା ପରେ ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା । ପ୍ରଭାତୀ ପରିଡା ଅଲାରନାଥଙ୍କ ଦର୍ଶନ କରିବା ସହ ମନ୍ଦିର ପରିକ୍ରମା କରିଥିଲେ । ସେ ମନ୍ଦିର ପରିସରରେ ଥିବା ମହାଲକ୍ଷ୍ମୀ ଓ ଚୈତନ୍ୟଙ୍କ ମନ୍ଦିରରେ ମଧ୍ୟ ଦର୍ଶନ କରି ରାଜ୍ୟର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିବା ସୂଚନା ମିଳିଛି।

# ଲଗାଣ ବର୍ଷାରେ ହାହାକାର: ଅନୁଗୁଳ-ସମ୍ବଲପୁର-ଯାଜପୁର ଜଳବନ୍ଦୀ, ବେହାଲ ଜନଜୀବନ

**ଭୁବନେଶ୍ୱର, ୬/୦୭ ନ୍ୟୁଜ ବ୍ୟୁରୋ**
ଲଗାଣ ବର୍ଷା ଅନୁଗୁଳ ଜିଲ୍ଲାକୁ ବେହାଲ୍ କରିଛି। କେଉଁଠି ଲୋକଙ୍କ ଘରେ ପାଣି ପଶିଛି ତ କେଉଁଠି ପୂରା ଅଞ୍ଚଳ ଜଳମୟ। ଅନୁଗୁଳ ସହରରେ ପ୍ରାୟ ୨ ଶହରୁ ଅଧିକ ପରିବାର ଜଳବନ୍ଦୀ । ଜଳ ନିଷ୍କାସନ ହୋଇ ପାରୁ ନଥିବାରୁ ପିଲା ଛୁଆଙ୍କୁ ନେଇ ରହିବା କଷ୍ଟକର ହୋଇ ପଡୁଛି । ପ୍ରଶାସନର କୌଣସି ଅଧିକାରୀ ପହଞ୍ଚି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝି ନାହାନ୍ତି । ଗତ ୪ ଦିନ ହେଲା ଅବିଶ୍ରାନ୍ତ ବର୍ଷା ଲାଗି ରହିଛି । କେବଳ ଅନୁଗୁଳ ସହରରେ ସୋମବାର ସକାଳୁ ସନ୍ଧ୍ୟା ସୁଦ୍ଧା ୧୧୯ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଫଳରେ ସହରର ହୁଲୁରୁସିଂହା, ମିଶ୍ରପଡା, ବ୍ରାହ୍ମଣୀଦେଇପଡା ଏବଂ ଗାନ୍ଧୀମାର୍ଗ ଆଦି ଅଞ୍ଚଳ ଜଳମଗ୍ନ ହୋଇ ପଡିଛି । ୫ ଶହରୁ ଅଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଅଧିକାଂଶ ଲୋକଙ୍କ ଘର ଭିତରେ ପାଣି ପଶି ଯାଇଛି । ଲୋକେ ଘରୁ ବାହାରକୁ ବାହାରି ପାରୁ ନାହାନ୍ତି । ନିଜ ନିଜ ଗୃହ ପାଳିତ ପଶୁମାନଙ୍କୁ ଛାତ ଉପରେ ରଖିଥିବା ଦେଖିବାକୁ ମିଳିଛି । ଅଧିକାଂଶ ସ୍ଥାନରେ ପାଣି ଜମି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଘର ଭିତରେ ବିଷାକ୍ତ ସରୀସୃପ



ପଶି ଯାଉଛନ୍ତି । ପିଇବା ପାଇଁ ପାଣି ଟୋପେ ମିଳୁ ନାହିଁ। ବିଦ୍ୟୁତ ସଂଯୋଗ ମଧ୍ୟ ନାହିଁ। ସହରର ବିଭିନ୍ନ ସ୍ଥାନରେ ଡ୍ରେନ ଗୁଡିକ ପୋତି ହୋଇଯାଇଛି । ତେଣୁ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନାହିଁ । ଆଉ ଦିନେ କି ଦୁଇ ଦିନ ବର୍ଷା ହେଲେ ଅବସ୍ଥା ଆହୁରି ସାଂଘାତିକ ହୋଇ ପଡିବ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଲଗାଣ ବର୍ଷା ଯୋଗୁଁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ତଥା ଧନକଉଡ଼ା ବ୍ଲକରେ ସାଧାରଣ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସହରର ତଳି ଅଞ୍ଚଳ ଗୁଡିକରେ ଗତ ରାତିରୁ ପାଣି ପଶି ଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ କମିଶନର ରେହାନ ଖତ୍ରୀ, ଜିଲ୍ଲା ପ୍ରଶାସନ ଓ ଏସଏମସିର ବରିଷ୍ଠ ଅଧିକାରୀ ରାତି ୧୨ଟା ପର୍ଯ୍ୟନ୍ତ ସହରର ତଳି ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥିତି ପରଖିଛନ୍ତି । ଅନ୍ୟପଟେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ସବୁ ସ୍କୁଲ ଛୁଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସହରର ଗୋପାଳମାଳ, ଏସଆରଆଇଟି କଲୋନୀ, ଚାରଭାଟି, ସରଳାକାନି, ହାଉସିଂ ବୋର୍ଡ କଲୋନୀ, ପ୍ରଧାନ ପଡ଼ା, ଏକଜିକ୍ୟୁଟିଭ କଲୋନୀ ଅଞ୍ଚଳରେ ପାଣି ଜମି ରହିଛି । ଗତ ରବିବାର ରାତିରେ ଧନୁପାଲି ଥାନା ଅଞ୍ଚଳର ସାକ୍ଷୀପଡ଼ା ତଳି ଅଞ୍ଚଳରେ ପାଣି ଘେରରେ ଫସି ରହିଥିବା ପ୍ରଭାବିତଙ୍କୁ ଧନୁପାଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ ଉଦ୍ଧାର କରିଥିଲେ । ସହରର ଏସଆରଆଇଟି କଲୋନୀ, ପ୍ରଧାନ ପଡ଼ା, ଏନ. ଗୁହା ଲେନ, ବୁଢାରଜା, ଲକ୍ଷ୍ମୀ ଟକିଜ ଛକ, ଚାରଭାଟି, ଗୋପାଳମାଳ ଅଞ୍ଚଳରେ ଗୋଟିଏ ଘଣ୍ଟାର ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ବହୁଥିବାର ଦେଖିବାକୁ ମିଳିଛି। ଅନ୍ୟପଟେ ପ୍ରବଳ ବର୍ଷା ଯୋଗୁ ବାଗଡ଼ିଆ ପଡ଼ା ଅଞ୍ଚଳରେ ନାଳର ବଢ଼ି ପାଣିରେ ଗୋବର୍ଦ୍ଧନ ଚାନ୍ଦ (୬୫) ଓ ସୁରେଶ ଚନ୍ଦ୍ର ମହାରଣା (୫୫) ଭାସି ଯାଇଥିବା ବେଳେ ଗୋବର୍ଦ୍ଧନ ଚାନ୍ଦ କୌଣସି ପ୍ରକାରେ ଗୋଟିଏ ଗଛ ଡାଳକୁ ଧରି ବଞ୍ଚି ଯାଇଥିବା ବେଳେ ସୁରେଶ ମହାରଣା ଏବେ ବି ନିଖୋଜ ଅଛନ୍ତି । ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ଜିଲ୍ଲା ଅଗ୍ନିଶମ ଅଧିକାରୀ ସୁଦାମ କିସ୍କୋ ସୂଚନା ଦେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଜୟଜିତ କୁମାର ସାହୁଙ୍କ ଅନୁସାରେ "ଗତ ରବିବାର ରାତି ସାଢେ ୧୧ ଭିତରେ ଗୋବର୍ଦ୍ଧନ ଚାନ୍ଦ ଓ ସୁରେଶ ଚନ୍ଦ୍ର ମହାରଣା ଏହି ରାସ୍ତା ଦେଇ ଏକ ସ୍କୁଟିରେ ନିଜ ଘର ଆଡକୁ ଯାଉଥିଲେ। ସୁରେଶ ମହାରଣା ସ୍କୁଟି ଚଳାଉଥିଲେ । ତେବେ ଏହି ନାଳ ଦେଇ ସ୍କୁଟିରେ ଯାଉଥିବା ବେଳେ ସ୍କୁଟିଟି ଗଭୀର ପାଣିରେ ପଡି ଯାଇଥିଲା । ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ସ୍କୁଟି ସହିତ ଉଭୟଙ୍କୁ ପାଣି ଭସେଇ ନେଇଥିଲା । ତେବେ ଆମେ ଜଣଙ୍କୁ ଉଦ୍ଧାର କରିବାକୁ ସଫଳ ହୋଇଥିବା ବେଳେ ଆଉ ଜଣେ ପାଣିର ମୁଖ୍ୟ ସ୍ରୋତରେ ପଡି ଭାସି ଯାଇଥିଲେ" । ସମ୍ବଲପୁର ଅଇଁଠାପାଲି, ଆମ୍ବିରା ନଗର ସରସ୍ୱତୀ ବିହାରରେ ଜଳ ସେଚନ ବିଭାଗର ଏକ କାନ୍ଥ ଭାଙ୍ଗି ଯିବାରୁ ସ୍ଥାନୀୟ ଅଞ୍ଚଳରେ ପାଣି ପଶି ଯାଇଥିବା ଡେପୁଟି କମିଶନର ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି । ଅନ୍ୟପଟେ ଅଗ୍ନିଶମ ବିଭାଗ, ମେଡିକାଲ ଟିମ୍, ଏନଫୋର୍ସମେଣ୍ଟ ଟିମ୍ ଓ ଜଳସେଚନ ବିଭାଗ ଟିମ୍ ତଳି ଅଞ୍ଚଳର ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଯାଉଛନ୍ତି। ସାଧାରଣ ଲୋକେ ସମ୍ବଲପୁର ମହାନଗର ନିଗମର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠେଇଛନ୍ତି । ସେପଟେ ସମ୍ବଲପୁରକୁ ରେଡ ୱାର୍ଣ୍ଣିଂ ଥିବାରୁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଥିବା ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ ସୂଚନା ଦେଇଛନ୍ତି । ସେ କହଛନ୍ତି "ଯେଉଁଠି ବି ପାଣି ଜମିଲେ ତାକୁ ନିଷ୍କାସନ କରିବାର ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୭୬୫ ଏମଏମ ବର୍ଷା ରେକର୍ଡ କରାଯାଇଛି। ସହରର ଉପର ମୁଣ୍ଡରେ ହୀରାକୁଦ ଡ୍ୟାମ ଥିବା ବେଳେ ସୋମବାର ବର୍ଷା ଯୋଗୁ ହୀରାକୁଦର ଜଳସ୍ତର ୬୦୨.୩୦ ଫୁଟକୁ ପହଞ୍ଚିଛି । ହୀରାକୁଦ ଡ୍ୟାମର ଉପର ମୁଣ୍ଡରେ ଗତ ୨୪ ଘଣ୍ଟା ମଧ୍ୟରେ ୮୯.୦୧ଏମ.ଏମ ବର୍ଷା ହୋଇଥିବା ବେଳେ ତଳ ମୁଣ୍ଡରେ ୧୦୪.୪୬ ଏମଏମ ବର୍ଷା ରେକର୍ଡ କରାଯାଇଛି । ଆଗକୁ ହୀରାକୁଦ ଗେଟ୍ ଖୋଲିଲେ ସମ୍ବଲପୁର ସହରର ଡ୍ରେନେଜ ସମସ୍ୟା ଆହୁରି ବିଗିଡି ଯାଇପାରେ । ଯାଜପୁର ଜିଲ୍ଲାର ୧୦ ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଚାଷଜମି ଓ ପଡିଆରେ ପାଣି ଭର୍ତ୍ତି ଯୋଗୁଁ ନଦୀର ଭ୍ରମ ସୃଷ୍ଟି କରୁଛି । ସହରାଞ୍ଚଳର ଡ୍ରେନ ଗୁଡିକରେ ପାଣି ଭର୍ତ୍ତି ହେଇ ରାସ୍ତାରେ ଢେଉ ମାରୁଥିବା ଦେଖିବାକୁ ମିଳୁଛି । ଅତ୍ୟଧିକ ବର୍ଷା ଯୋଗୁ ଲୋକଙ୍କ ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ଯୋଗୁ ଘରୁ ବାହାରକୁ ଆସିବା ଅସମ୍ଭବ ହେଇ ପଡିଛି । ଜିଲ୍ଲାରେ ୧୨୨୫.୧ ମିଲିମିଟର ବର୍ଷା ହେଇଥିବା ବେଳେ ଦଶରଥପୁର ବ୍ଲକରେ ସର୍ବାଧିକ ୧୯୩ ମିଲି ମିଟର ବର୍ଷା ହେଇଥିବା ସୂଚନା ମିଳିଛି ।